RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 ISSUE-12 SUNDAY 6 JULY 2025 PAGE-12 ₹ 6.00
ବର୍ଷ-୪୩ ସଂଖ୍ୟା-୧୨ ରବିବାର ୬ ଜୁଲାଇ ୨୦୨୫ ପୃଷ୍ଠା-୧୨ ଟ.୬.୦୦ (ସିନ୍ଦୂରା ସହ)



ବାହୁଡ଼ାବିଜେରେ ଚତୁର୍ଦ୍ଧାମୂର୍ତ୍ତି: ତିନିରଥର ଘର୍ଘର ନାଦ ଓ ଭକ୍ତଙ୍କ କୋଳାହଳରେ ବଡ଼ଦାଣ୍ଡ ପ୍ରକମ୍ପିତ

## ଗିଲ୍‌ଙ୍କ ବିରଳ ଅଧିନାୟକ ଇନିଂସ

### ଗୋଟିଏ ଟେଷ୍ଟରେ ଦ୍ୱିଶତକ ଓ ଶତକ




■ ବର୍ମିଂହାମ, ୫।୭ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ପ୍ରଥମ ଇନିଂସରେ ଦ୍ୱିଶତକ ଓ ଦ୍ୱିତୀୟ ଇନିଂସରେ ୧୫୦ରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି। ଗିଲ୍ ଏହି ଟେଷ୍ଟରେ ୪୩୦ ରନ୍ କରି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ୧୯୯୦ ଭାରତ ବିପକ୍ଷ ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡର ଗ୍ରାହାମ ଗୁଚ୍ ସର୍ବାଧିକ ୪୫୬ (ପ୍ରଥମ ଇନିଂସରେ ୩୩୩ ଓ ଦ୍ୱିତୀୟ ଇନିଂସରେ ୧୨୩) ରନ୍ କରିଥିଲେ। ଗିଲ୍ ବିଶ୍ୱର ପଞ୍ଚମ ବ୍ୟାଟର ଭାବେ ଗୋଟିଏ ଇନିଂସରେ ୪୦୦ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ସେହିପରି ▶ପୃଷ୍ଠା-୭

# ବାହୁଡ଼ିଲେ ମହାବାହୁ, ଆଜି ସୁନାବେଶ

## ସଅଳ ହେଲା ପହଣ୍ଡି, ରଥଟଣା

## ସିଂହଦ୍ୱାର ସମ୍ମୁଖରେ ତିନି ରଥ

■ ପୁରୀ, ୫।୭ (ସମିସ): ଶେଷ ହୋଇଛି ନବଦିନାତ୍ମକ ଯାତ୍ରା। ଚଳିତବର୍ଷ ପାଇଁ ଆଡ଼ପ ମଣ୍ଡପରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ି ଯାଇଛନ୍ତି ବାହୁଡ଼ାବ୍ରହ୍ମ। ରାତି ସୁଦ୍ଧା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଛି ତିନିରଥ। ରବିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା। ବାହୁଡ଼ା ଯାତ୍ରାର ପାଗ ବେଶ୍ ଅନୁକୂଳ ଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଭକ୍ତଙ୍କ ଭିଡ଼। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଘର୍ ଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବାବେଳେ ବାଟରେ ମାଉସୀ ମା'ର ସ୍ନେହଭରା ପୋଡ଼ପିଠା ଖାଇଛନ୍ତି ମହାପ୍ରଭୁ। ତେବେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୨ ଘଣ୍ଟା ୫ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଝଟ ନ ହୋଇ ବେଗି ବେଗି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ନିର୍ଘଣ୍ଟ ସମୟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ରାତି ସୁଦ୍ଧା ସିଂହଦ୍ୱାରରେ ପହଞ୍ଚି ଯାଇଛନ୍ତି ତିନିରଥ। ବାହୁଡ଼ା ଯାତ୍ରାରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିବା ପ୍ରଶାସନ ପ୍ରାକ୍ ଆକଳନ କରିଛି।

ଆଷାଢ଼ ମାସ ଶୁକ୍ଳ ଦଶମୀ। ଏହି ପବିତ୍ର ତିଥିରେ ଅନୁଷ୍ଠିତ ହୋଇଛି ବାହୁଡ଼ା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ▶ପୃଷ୍ଠା-୭

## ଅଝଟ ହେଲେ ହଳଦୀମୁଖୀ, ମାନ କଲେ ମାନଗୋବିନ୍ଦ

■ ପୁରୀ, ୫।୭ (ସମିସ): ସରିଛି ଜନ୍ମବେଦୀରେ ଲୀଳାଖେଳା। ନବଦିନାତ୍ମକ ଯାତ୍ରା ଶେଷ କରି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦୀ ଅଭିମୁଖେ ବାହୁଡ଼ିଛନ୍ତି ମହାପ୍ରଭୁ। ହେଲେ ରଥଯାତ୍ରା ଭଳି ବାହୁଡ଼ାରେ ବିଶ୍ୱନିୟନ୍ତା ମାନ କଲାଭଳି ଲାଗୁଥିଲେ। ପହଣ୍ଡିରେ ଅଝଟ କରି ନ ଥିଲେ ବି ଚାରମାଳରେ ରଥାରୂଢ଼ ବେଳେ ସେବାୟତଙ୍କୁ ନାକେଦମ୍ କରିଥିଲେ। ସତେ ଯେମିତି ରଥାରୂଢ଼ ହେବାକୁ ଚାହୁଁ ନ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେବାୟତମାନେ ବି ଝାଳନାଳ ହୋଇଯାଇଥିଲେ। ବେଶ୍ ସନ୍ତର୍ପଣରେ କାଳିଆସାଆନ୍ତଙ୍କୁ ରଥ ଉପରକୁ ବିଜେ କରାଉଥିଲେ। ରଥଯାତ୍ରା କଥା ମନେ ପକାଇ ଅନେକ ସେବାୟତ କହୁଥିଲେ ମାନ କରନି ହେ ମାନଗୋବିନ୍ଦ। ସଅଳ ରଥାରୂଢ଼ ହୁଅ ପ୍ରଭୁ। କାରଣ ରଥଯାତ୍ରା ଦିନ ମାନ କରିଥିଲେ ▶ପୃଷ୍ଠା-୭

## ମହାରାଷ୍ଟ୍ରରେ ମହାମିଳନ: ଉଦ୍ଧବ-ରାଜ୍ ଏକାଠି



### ରାଜନୀତି ପାଇଁ ୨୦ ବର୍ଷ ପରେ ବଦଳିଲା ହୃଦୟ

### ହିନ୍ଦୀ ଲଦିବାକୁ ବରଦାସ୍ତ କରିବୁନି

### ମରାଠୀ ପାଇଁ ଲଢ଼ିବା ଯଦି ଗୁଣ୍ଡାଗର୍ଦ୍ଦି; ତା'ହେଲେ ଆମେ ଗୁଣ୍ଡା

■ ମୁମ୍ବାଇ, ୫।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ଆଜି ମହାମିଳନ ଦେଖିବାକୁ ମିଳିଛି। ଦୀର୍ଘ ୨୦ ବର୍ଷ ପରେ ପୁରୁଣା ତିକ୍ତତାକୁ ଭୁଲି ଦୁଇ ପରିବାର ଏକାଠି ହୋଇଛନ୍ତି। ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛନ୍ତି ଏହି ଦୁଇ ଭାଇ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ (୬୪) ଏବଂ ଏମଏନଏସ ମୁଖ୍ୟ ରାଜ୍ ଠାକରେ (୫୭)। ଗତ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ହିନ୍ଦୀ ଭାଷାକୁ ବିରୋଧ କରିବା ବାହାନାରେ ଦୁଇ ନେତା ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରରେ ହିନ୍ଦୀକୁ ନେଇ ବିବାଦ ଜାରି ରହିଛି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ହିନ୍ଦୀକୁ ତୃତୀୟ ଭାଷା କରିବାର ବିବାଦୀୟ ନୀତିକୁ ଶାସକ 'ମହାୟୁତି' ମେଣ୍ଟ ପ୍ରତ୍ୟାହାର କରିଥିବା ବେଳେ ଦୁଇ ଭାଇ ▶ପୃଷ୍ଠା-୭

### ୧୫ ଦିନରେ ତିନି ବ୍ୟାଙ୍କ ଉପରୁ କଟକଣା ଉଠାଇନେଲେ ସରକାର

# କାହା ଚାପରେ ଛେପ ଢୋକିଲେ

### ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିଲେ

### ଅଦୃଶ୍ୟ ଚାପରେ ପଡ଼ି ସରକାର ପଛଘୁଞ୍ଚା ଦେଇଥିବା ନେଇ ତଥ୍ୟାଭିଜ୍ଞ ମହଲର ସନ୍ଦେହ

■ ଭୁବନେଶ୍ୱର, ୫।୭ (ସମିସ): ମାତ୍ର ୧୫ଦିନର କଟକଣା ପରେ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପୁଣିଥରେ ଅନୁବନ୍ଧିତ ତାଲିକାକୁ ଫେରାଇ ଆଣିଛନ୍ତି ରାଜ୍ୟ ସରକାର। ସରକାରଙ୍କ ଫ୍ଲାଗସିପ୍ ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଦର୍ଶାଇ ଉପରୋକ୍ତ ୩ଟି ଘରୋଇ ବ୍ୟାଙ୍କକୁ ସରକାର ଅନୁବନ୍ଧିତ ବ୍ୟାଙ୍କ ତାଲିକାରୁ ବାଦ୍ ଦେଇଥିଲେ। ଏନେଇ ଗତ ୨୧ ତାରିଖରେ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ତେବେ ଗତ ମଙ୍ଗଳବାର ଉକ୍ତ ୩ ବ୍ୟାଙ୍କର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ନିଜ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କ ଉପରୁ କଟକଣା ଉଠାଯାଇଥିବା ସରକାର ସଫେଇ ଦେଇଛନ୍ତି।

ଶନିବାର ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗକୁ ଚିଠି ଲେଖି ଗତ ୨୧ ତାରିଖରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଗଲା ବୋଲି ସୂଚନା ଦେଇଛନ୍ତି। ତେବେ ଗତ ୧୫ଦିନ ମଧ୍ୟରେ ପ୍ରଥମେ କଟକଣା ଜାରି କରିବା, ପରେ ଏଥିରେ ଆଂଶିକ ପରିବର୍ତ୍ତନ ଆଣିବା ଏବଂ ଶେଷରେ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପଛରେ କ'ଣ କାରଣ ରହିଛି? ସେନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯେଉଁ ଢଙ୍ଗରେ ସରକାର ଏପରି ନିଷ୍ପତ୍ତି ନେଲେ ଓ ଛେପ ଢୋକିଲେ ଏହା ପଛରେ କୌଣସି ବାହ୍ୟ ଚାପ ଥିବା ତଥ୍ୟାଭିଜ୍ଞ ମହଲ ସନ୍ଦେହ ପ୍ରକାଶ କରୁଛନ୍ତି। ▶ପୃଷ୍ଠା-୭

## ଏଥର ବର୍ଷାଭିଜା ପାର୍ବଣ

### ସେପ୍ଟେମ୍ବର, ଅକ୍ଟୋବର ମାସରେ ଭଲ ବର୍ଷା ହେବ

■ ଭୁବନେଶ୍ୱର, ୫।୭ (ସମିସ): ଆସନ୍ତା ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି, ଯାହା ପାର୍ବଣ ଋତୁକୁ ଫିକା କରିପାରେ। ଏପରିକି ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି। ବିଭିନ୍ନ ମଡେଲର ତଥ୍ୟକୁ ଅନୁଶୀଳନ କରି ଡ. ପଶୁପାଳକ ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଚାଷକାର୍ଯ୍ୟ ପାଇଁ ବର୍ତ୍ତମାନ ପାଗ ଅନୁକୂଳ ଥିବାବେଳେ ▶ପୃଷ୍ଠା-୭


## ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

■ ସମ୍ବଲପୁର, ୫।୭ (ସମିସ): ଆସନ୍ତାକାଲି (ରବିବାର) ସକାଳ ୧୦ଟାରେ ହୀରାକୁଦ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛାଡ଼ିବ। ଗତ କିଛି ଦିନ ହେବ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଫୁଲିବାରେ ଲାଗିଛି। ▶ପୃଷ୍ଠା-୭


## ସାବଧାନ! ଛେନାରୁ ବ୍ୟାପିପାରେ ଝାଡ଼ାବାନ୍ତି

### ଅସୁରକ୍ଷିତ ଅବସ୍ଥାରେ ହେଉଛି ପରିବହନ

### ରାସ୍ତାକଡ଼ ପଚା ପାଣି ଛିଟା ଗଣ୍ଡିଲିରେ ମିଶୁଛି



■ ଭୁବନେଶ୍ୱର, ୫।୭ (ସମିସ): କେବଳ ରାସ୍ତାକଡ଼ ଦୋକାନର ଖାଦ୍ୟ କି ଢାବା କିମ୍ବା ହୋଟେଲର ବାସି ଖାଦ୍ୟ-ପାନୀୟରୁ ନୁହେଁ; ଛେନା, ପନୀର କି ଖୁଆରୁ ବ୍ୟାପିପାରେ ଡାଇରିଆ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନା, ଖୁଆ, ପନୀର୍ ଆଦିର ଶୁଦ୍ଧତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। କାରଣ ଏହି ସବୁ ଖାଦ୍ୟ ପଦାର୍ଥ ପରିବହନ କରିବା ସମୟରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଉ ନାହିଁ। ଅତି ଖାମ୍‌ଖିଆଲ୍ ଢଙ୍ଗରେ ବ୍ୟବସାୟୀମାନେ ଏସବୁକୁ ବାଇକ୍‌ରେ ଝୁଲା କରି ନେଉଛନ୍ତି। ବର୍ଷା ଦିନେ ରାସ୍ତାରେ ଅଳିଆ ପାଣି ଉପର ଦେଇ ଯାନବାହନ ଯିବାବେଳେ ପାଣିର ଛିଟା ଏସବୁ ଖାଦ୍ୟ ପଦାର୍ଥ ଉପରେ ପଡୁଛି। ବ୍ୟବସାୟୀମାନେ ଏହି ଅଳିଆପାଣିରେ ବତୁରା ଛେନା, ପନୀର ଓ ଖୁଆକୁ ନେଇ ବିଭିନ୍ନ ଛକ ବଜାରରେ ବିକ୍ରି କରୁଛନ୍ତି। ଲୋକମାନେ ବି ଏହାକୁ କିଣି ନେଉଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ହୋଟେଲ୍, ଢାବା, ରେଷ୍ଟୋରାଁ, ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଚଢ଼ଉ କରୁଛନ୍ତି; ମାତ୍ର ଏଥିପ୍ରତି ନଜର ନାହିଁ। ଅସନା ପାଣିରେ ବତୁରିଥିବା ପନୀର, ଛେନା, ଖୁଆକୁ ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏସବୁ ଖାଦ୍ୟ ସାମଗ୍ରୀ କେତେ ଶୁଦ୍ଧ, ତା'ର ଯାଞ୍ଚ କରାଯିବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ▶ପୃଷ୍ଠା-୭








# ଆଜି ରତ୍ନାଳଙ୍କାରରେ ଝଲସିବେ ବିଶ୍ୱନିୟନ୍ତା

ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣ ମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ତେବେ ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଢ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ଅସ୍ଥାୟୀ ବାହାର ଭଣ୍ଡାରଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ।

ରବିବାର ପୂର୍ବାହ୍ନରେ ମହାପ୍ରଭୁଙ୍କର ଅସ୍ଥାୟୀ ବାହାର ରତ୍ନଭଣ୍ଡାର (ଯାହାକି ବର୍ତ୍ତମାନ ଚାଙ୍ଗଡା ଘରେ କାର୍ଯ୍ୟକ୍ଷମ) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାରମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକ ସଫା କରାଯିବ। ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ସୁନାବେଶ ଆରମ୍ଭ ହେବ। ନିର୍ଘଣ୍ଟ ସମୟ ପୂର୍ବରୁ ଅର୍ଥାତ୍ ସଅଳ ନୀତିକାନ୍ତି କରାଯିବା ଲାଗି ପୂର୍ବରୁ ଦଇତାପତିଙ୍କ ସହ ପ୍ରଶାସନର ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଛି।

**ଅପରାହ୍ନ ୫ଟାରୁ ବେଶ ଆରମ୍ଭ**

ଅନ୍ୟପକ୍ଷରେ, ଚଳିତବର୍ଷ ସୁନାବେଶରେ ୧୦ରୁ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ସଅଳ ନୀତିକାନ୍ତି କରାଯାଇ ନିର୍ଘଣ୍ଟ ସମୟ ପୂର୍ବରୁ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ କରାଯିବ। ଏହାଦ୍ୱାରା ଭକ୍ତମାନେ ଅଧିକ ସମୟ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ସୁଯୋଗ ପାଇବେ। ସେହିପରି ସୁନାବେଶ ସମୟରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ରହିବେ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ସୁନ୍ଦର ଭାବେ ସୁନାବେଶ ଦର୍ଶନ କରିପାରିବେ। ରଥ ଉପରକୁ ଅଣସେବାୟତ ଚଢ଼ିବେ ନାହିଁ। ସେହିପରି କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି କଡାକଡି ଭାବେ ସ୍ପଷ୍ଟ କରିଦିଆଯାଇଛି। ଅନ୍ୟପକ୍ଷରେ, ସୁନାବେଶ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ରଥଯାତ୍ରାରେ ଯେଉଁଭଳି ସୁରକ୍ଷା ଏବଂ ଟ୍ରାଫିକ କଟକଣା ଥିଲା ସେହିଭଳି କଟକଣା ମଧ୍ୟ ରହିବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର।

## ବଡ଼ତଢ଼ାଉଙ୍କ ଅନୁରୋଧରେ ହୋଇଆସୁଛି ସୁନାବେଶ

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମହାପ୍ରଭୁଙ୍କର ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା, ତାହା ଠିକ୍ ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଢ଼ାଉ ବେଶ। ବଡ଼ତଢ଼ାଉ ବେଶ ସମ୍ପର୍କରେ ଜଣାଯାଏ, ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ରଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ବିଜୟ କରି ୧୬ଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ।

ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟ କରି ବଡ଼ତଢ଼ାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଯେ ଗଣି କରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଯେ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ବାହୁଡ଼ା ଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କ ସର୍ବସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଢ଼ାଉ ସେବକଙ୍କ ଅନୁରୋଧକ୍ରମେ ସେହି ଦିନଠାରୁ ରାଜା କପିଳେନ୍ଦ୍ରଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ବଡ଼ ଏକାଦଶୀଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ।

## ସୁନାବେଶ ନୀତି ନିର୍ଘଣ୍ଟ



| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ନ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମଇଲମ | ୧୨ଟା ୩୦ |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ନ ୧ଟା |
| ବେଶ ଶେଷ | ୧ଟା ୩୦ |
| ମଧ୍ୟାହ୍ନ ଧୂପ | ଅପରାହ୍ନ ୨ରୁ ୩ଟା |
| ମଇଲମ | ୩ଟା ୩୦ |
| ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି | ୪ଟା |
| ଏକାଦଶୀ ସର୍ବାଙ୍ଗ | ୪ଟା ୩୦ |
| ସୁନାବେଶ | ୫ଟାରୁ ୬ଟା ୩୦ |
| ସନ୍ଧ୍ୟାଧୂପ | ରାତି ୮ରୁ ୯ଟା |
| ସୁନାବେଶ ମଇଲମ | ରାତି ୧୦ରୁ ୧୧ଟା |
| ଚନ୍ଦନଲାଗି | ୧୧ଟା |
| ବଡ଼ସିଂହାର ବେଶ | ୧୨ଟା |
| ବଡ଼ସିଂହାର ଭୋଗ | ୧୨ଟା ୩୦ |
| ମଇଲମ | ୧୨ଟା ୪୫ |
| ଶୟନଠାକୁର ବିଜେ | ରାତି ୧ଟା |
| ରାତ୍ର ପହୁଡ | ଭୋର୍ ୪ଟା |



## ମାଉସୀ ମା'ର ପୋଡ଼ପିଠା ଖାଇଲେ ମହାପ୍ରଭୁ

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ଷାଠିଏ ପଉଟି ଭୋଗ ଏବଂ ଛପନପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପୋଡ଼ପିଠା ପ୍ରତି ଦାରୁବିଗ୍ରହଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ପିଠା ଭୋଗ ଲାଗି କରାଯାଏ। ଶନିବାର ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିବା ବେଳେ ବାଟରେ ଅଟକି ମାଉସୀ ମା'ର ପୋଡ଼ପିଠା ଖାଇଛନ୍ତି ଦାରୁଦିଅଁ। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷିନୀଙ୍କୁ ଲାଗି କରାଯାଇଥିଲା। ପରେ ମାଉସୀ ମା' ଘର ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥିଲେ ଭାବବିନୋଦିଆ। ବଡ଼ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପୋଡ଼ପିଠା ସମର୍ପଣ ପରେ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା ନନ୍ଦିଘୋଷ ରଥ। ପୂଜାପଣ୍ଡା ସାମନ୍ତ ଭୋଗ କରିବା ପରେ ପୂଜକ ବିଶ୍ୱନାଥ ମିଶ୍ର ପୋଡ଼ପିଠା ସମର୍ପି ଦେଇଥିଲେ।

## ତତୁଥିଲା ପୁଲିସ୍; ଅଟକାଇଲେ ସେବାୟତ



ରଥଯାତ୍ରା ବିଭ୍ରାଟ ପ୍ରଶାସନକୁ ଘାରିଛି। କର୍ଡନ ଭିତରେ ହଜାର ହଜାର ପାସ୍‌ଧାରୀ ରହିବାରୁ ରଥଟଣାରେ ବିଶୃଙ୍ଖଳା ହେଲା। ତେଣୁ ବାହୁଡ଼ାରେ ଯେପରି ଏହି ବିଭ୍ରାଟର ପୁନରାବୃତ୍ତି ନ ହୁଏ, ସେଥିପାଇଁ ପ୍ରଶାସନ କର୍ଡନ ଭିତରେ ପାସ୍‌ଧାରୀଙ୍କୁ କାଣ୍ଟଛାଣ୍ଟ କରିବାକୁ ଚିନ୍ତା କରିଥିଲା। ଏଥିପାଇଁ ଶନିବାର କର୍ଡନ୍ ଭିତରୁ ନୃତ୍ୟଶିଳ୍ପୀଙ୍କୁ ବାରଣ କରାଯାଉଥିଲା। ବହୁ ଶିଳ୍ପୀ କର୍ଡନ ପାସ୍ ପାଇଥିଲେ ବି ତାଙ୍କୁ ନାଚିବାକୁ ମନା କରାଯାଇଥିଲା। ଏହାକୁ ନେଇ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ମନ ଦୁଃଖରେ ଫେରିଯାଉଥିବା ବେଳେ ଏହା ବରିଷ୍ଠ ସେବାୟତ ତଥା ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ନଜରରେ ପଡ଼ିଥିଲା। ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ମହିଳା ପୁଲିସକୁ ଏପରି ନ କରିବାକୁ କହିଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ପୁଲିସ ଅଧିକାରିଣୀ ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ଦେଖି ଉତ୍‌କ୍ଷିପ୍ତ ହୋଇଥିଲେ ଜଗୁନି। ମହିଳା ପୁଲିସକୁ କଡ଼ା ଭାଷାରେ ଆଇପିଏସ୍ ବୋଲି କ'ଣ ଭାବୁଛ, ମୋତେ ଚିହ୍ନିଛ ବୋଲି କହିବା ସହ ସେମାନେ ମହାପ୍ରଭୁଙ୍କ ପହଣ୍ଡିରେ ନାଚିବା ପାଇଁ କେତେ ଦୂରରୁ ଆସିଛନ୍ତି। ତାଙ୍କୁ ସୁଯୋଗ ଦିଆଯିବା ଦରକାର। ମହାପ୍ରଭୁ ଖୁସି ହେବେ ବୋଲି ସେ କହିଥିଲେ। ପରେ ନୃତ୍ୟଶିଳ୍ପୀମାନେ ପହଣ୍ଡିରେ ନୃତ୍ୟ ପରିବେଷଣ କରିଥିଲେ।



## ଶରଧାବାଲିରେ ଲୁହ ଝରାଇଲେ ନୃତ୍ୟଶିଳ୍ପୀ

ଆଶା ଥିଲା, ମହପ୍ରଭୁଙ୍କ ପହଣ୍ଡି ଆଗରେ ନାଚିବୁ। ଆମ ନୃତ୍ୟ ଜୀବନ ସାର୍ଥକ ହୋଇଯିବ। କିପରି ଶନିବାର ସକାଳ ହେବ, ଶରଧାବାଲିରେ ପହଞ୍ଚି ଠାକୁରଙ୍କ ପହଣ୍ଡିରେ ନୃତ୍ୟ କରିବୁ, ଏହି ସ୍ୱପ୍ନରେ ଆଖିରେ ନିଦ ନଥିଲା। ହେଲେ ଏଠାକୁ ଆସିବା ପରେ ଆମକୁ ମାନସିକ ନିର୍ଯାତନା ଦିଆଗଲା। କର୍ଡନ୍ ଭିତରୁ ବାହାର କରିଦିଆଗଲା। ଅନ୍ୟ ନୃତ୍ୟଶିଳ୍ପୀମାନଙ୍କୁ ନାଚିବା ପାଇଁ ସୁଯୋଗ ମିଳୁଛି, ହେଲେ ଆମ ପାଖରେ କର୍ଡନ ପାସ୍ ଥାଇ ବି ଆମକୁ ବାହାର କରିଦେଲେ ବୋଲି କାନ୍ଦିକାନ୍ଦି କହିଥିଲେ ନୃତ୍ୟଶିଳ୍ପୀ ପ୍ରୀତି କରଣ।

**ପାସ୍ ଥାଇ ବି ପୁଲିସ ତଡ଼ିଦେଲା**

କେବଳ ପ୍ରୀତି ନୁହଁନ୍ତି, ତାଙ୍କ ଆଉ ୩ ଜଣ ସାଥୀ ଥିଲେ। ସେମାନେ କର୍ଡନ ପାସ୍ ପାଇ ବହୁ କଷ୍ଟରେ ଭିତରକୁ ଯାଇଥିଲେ। ହେଲେ ନାଚ ଆରମ୍ଭ କରୁଥିବା ବେଳେ ସେମାନଙ୍କୁ ପୁଲିସ୍ ଘଉଡ଼ାଇ ବିଦା କରିଦେଲା। କାନ୍ଦିକାନ୍ଦି ପ୍ରୀତି କହିଛନ୍ତି, ବିନା ପାସ୍‌ରେ ଅନେକ କର୍ଡନ ଭିତରେ ରହିଛନ୍ତି। ଆମ ପାଖରେ ପାସ୍ ଥାଇ ବି ଆମକୁ ଚୋର, ତସ୍କର ଭଳି ବ୍ୟବହାର କରି କାଢ଼ିଦେଲେ। ଆମେ ପୁରୀ ପିଲା। ୧୨/୧୫ ବର୍ଷ ହେଲାଣି ଠାକୁରଙ୍କ ପହଣ୍ଡିରେ ଓଡ଼ିଶୀ ନୃତ୍ୟ କରିଆସୁଛୁ। ଆମ ଠାକୁରଙ୍କ ପହଣ୍ଡିରେ ନାଚିବାକୁ ବାରଣ କରାଯିବା ଆମ୍ଭକୁ ବାଧୁଛି କହି କାନ୍ଦି ପକାଇଥିଲେ।

## ପହଣ୍ଡି ଟିକଟ ୧୦୦୦ ଟଙ୍କା!

ମହାପ୍ରଭୁଙ୍କ ଦର୍ଶନରେ ବି କଳାବଜାର? କିଛି ଶ୍ରଦ୍ଧାଳୁ ଏମିତି ଅଭିଯୋଗ ଆଣିଛନ୍ତି। ଗୁଣ୍ଡିଚା ମନ୍ଦିର ଭିତରେ ଠାକୁରଙ୍କ ପହଣ୍ଡି ଦେଖିବାକୁ ଟିକଟ ବିକ୍ରି ବ୍ୟବସ୍ଥା କରାଯାଇଥିଲା। ଟିକଟ ଖଣ୍ଡିକର ଦାମ୍ ଥିଲା ୧୫୦ଟଙ୍କା। କିଛି ଭକ୍ତ ମନ୍ଦିର ଭିତରକୁ ଯାଇ ପହଣ୍ଡି ଦର୍ଶନ କରିବାକୁ ଇଚ୍ଛା କରିଥିଲେ। ହେଲେ ସେତେବେଳକୁ ପହଣ୍ଡି ଟିକଟ୍ ବିକ୍ରି ବନ୍ଦ ହୋଇଯାଇଥିଲା। ସେହି ସମୟରେ ଜଣେ ବ୍ୟକ୍ତି ଟିକଟ୍ ବିକ୍ରି କରୁଥିଲେ। ସେ ଗୋଟିଏ ଟିକଟ୍‌ର ଦାମ୍ ୧ ହଜାର ଟଙ୍କା ବୋଲି କହିଥିଲେ। ଯିଏ ହଜାରେ ଟଙ୍କା ଦେବ, ସେ ଠାକୁରଙ୍କ ପହଣ୍ଡି ଦର୍ଶନ କରିପାରିବ ବୋଲି କହିଥିଲେ। ଏହା ଶୁଣି ଭକ୍ତମାନେ ନିନ୍ଦା କରିଥିଲେ। କେବେ ଆଗରୁ ଆମେ ଏମିତି ଶୁଣିନଥିଲୁ। ଠାକୁରଙ୍କ ଦର୍ଶନରେ ବି ଟିକଟ୍ କଳାବଜାର ହେଉଛି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେବା ଦରକାର। ଯେଉଁମାନେ ଏପରି କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

## ମହାପ୍ରଭୁଙ୍କ ମାନବୀୟ ଲୀଳା | ଲକ୍ଷ୍ମୀ-ନାରାୟଣ ଭେଟ କରାଇଲେ ଗଜପତି

ଗୁଣ୍ଡିଚା ଯାତ୍ରା ଶେଷ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡୁଥିଲେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ସାଆନ୍ତାଣୀ। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତାଳଧ୍ୱଜ ରଥରେ ରହିଥିଲେ ଦେଢ଼ଶୁର ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ ତାଳଧ୍ୱଜ ରଥରେ ଘେର କପଡ଼ା ଦିଆଯିବା ପରେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ପାଲିଙ୍କିରେ ମହାଲକ୍ଷ୍ମୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୪୦ରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ଗଜପତି ମହାରାଜା ଦିବ୍ୟସିଂହଦେବ ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ କଳାଠାକୁରଙ୍କ ସହ ଭେଟ କରାଇଥିଲେ। ପତି ମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ପରେ ପାଲିଙ୍କି ସହ ଗଜପତି ମହାରାଜା ରଥ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ପରେ ମା' ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ନନ୍ଦିଘୋଷ ରଥ।



## ଅସୁସ୍ଥ ହେଲେ ଶତାଧିକ ଭକ୍ତ

ବାହୁଡ଼ା ଯାତ୍ରାରେ ପାଗ ବେଶ୍ ଅନୁକୂଳ ଥିଲା। ସକାଳୁ ଝିପିଝିପି ବର୍ଷା ହୋଇଥିଲା। ଦିନସାରା ଆଦୌ ଖରା ନ ଥିଲା। ଏମିତି ବି ଗୁଳୁଗୁଳି ଜଣାପଡୁନଥିଲା। ପରିବେଶ ଶାନ୍ତ ଶୀତଳ ଥିଲା। ତଥାପି ଭିଡ଼ ଭିତରେ ଅନେକ ଶ୍ରଦ୍ଧାଳୁ ଅଚେତ ହୋଇପଡ଼ିଥିଲେ। ହଜାରହଜାର ଭକ୍ତ ଶରଧାବାଲି ସମ୍ମୁଖ ରଥ ଆଗରେ ଛିଡ଼ା ହୋଇଥିଲେ। ତେଣୁ ମଝିରେ ମଝିରେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିଲେ। ତାଙ୍କୁ ଭିଡ଼ ଭିତରୁ ସ୍ୱେଚ୍ଛାସେବୀମାନେ ବସ୍‌ଷ୍ଟାଣ୍ଡରେ ହୋଇଥିବା ହାଇଟେକ୍ ହସ୍ପିଟାଲର ଅସ୍ଥାୟୀ ଚିକିତ୍ସା ଶିବିରକୁ ନେଉଥିଲେ। ଯେଉଁମାନଙ୍କ ଅବସ୍ଥା ସାମାନ୍ୟ ଜଟିଳ ଲାଗୁଥିଲା, ତାଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପ୍ରାୟ ୯୦ରୁ ଅଧିକ ଭକ୍ତ ଭର୍ତ୍ତି ହୋଇଥିଲେ।



ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାବିଜେ: ଲୋକାରଣ୍ୟ ପୁରୀ ବଡ଼ଦାଣ୍ଡ (ଫଟୋ-ଅନିଲ)

### କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର କଠୋର ସର୍ତ୍ତ

# ଅନିଶ୍ଚିତତାରେ ପୁରୀ ବିମାନବନ୍ଦର

ଭୁବନେଶ୍ୱର,୫।୭(ସମିସ): ପୁରୀରେ ବହୁପ୍ରତୀକ୍ଷିତ ବିମାନ ବନ୍ଦର ପ୍ରତିଷ୍ଠା ନେଇ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି କଠୋର ସର୍ତ୍ତ ରଖିବା ପରେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପୁରୀକୁ ଗ୍ରୀନଫିଲ୍ଡ ବିମାନ ବନ୍ଦର ବାବେ ଗଢ଼ିତୋଳିବା ପାଇଁ ଗତ ମେ ୬ ତାରିଖରୁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ଦେଇଥିଲେ ହେଁ ପରିବେଶ ମନ୍ତ୍ରାଳୟ ଏଥିରେ କେଁ ପୂରାଇଛି। ଫଳରେ ବିମାନ ବନ୍ଦରର ଭାଗ୍ୟକୁ ନେଇ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଉଭୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ବିଜେଡି ଉଦବେଗ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ଖୁବଶୀଘ୍ର ମିଳିଯିବ ବୋଲି ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସ ୨୪ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି ବୈଠକ ହୋଇଥିଲା। ଏଥିରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପୁରୀ ଉପକୂଳ, ବନ୍ୟପ୍ରାଣୀ, ଜୈବବିବିଧତା ଏବଂ ପ୍ରାକୃତିକ ପରିବେଶ ଗଭୀର ଭାବେ ପ୍ରଭାବିତ ହେବ ବୋଲି କମିଟି ସଦସ୍ୟ ଉଦବେଗ ପ୍ରକାଶ କରିଥିଲେ। ଏନେଇ ସେମାନେ ରାଜ୍ୟ ସରକାରଙ୍କଠାରୁ କିଛି ନିର୍ଦ୍ଦିଷ୍ଟ ଅତିରିକ୍ତ ସୂଚନା ମାଗିଥିବା ଜଣାପଡ଼ିଛି।

- ଆଲୋଚନା ମାଧ୍ୟମରେ ସମାଧାନ କରନ୍ତୁ ସରକାର: ବିଜେଡି
- ବିଜେପିର ଦୃଢ଼ୋକ୍ତି, ଡବଲ ଇଞ୍ଜିନ ସରକାରରେ କିଛି ବାଧକ ସାଜିବ ନାହିଁ

ବିଜେଡିର ବରିଷ୍ଠ ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ପୁରୀରେ ବିମାନବନ୍ଦର ହେବା ଅତ୍ୟନ୍ତ ଜରୁରୀ ଅଟେ। କଳାହାଣ୍ଡିରେ ଉତ୍‌କେଲା ଏୟାରପୋର୍ଟ ହେବା ପରେ ଗୋଟେ ଅଞ୍ଚଳର ପରିଭାଷା ବଦଳି ଗଲା। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ପୂରା ବିଶ୍ୱରୁ ଲୋକେ ପୁରୀରେ ସହଜରେ ପହଞ୍ଚିବାକୁ ଥିବାବେଳେ ଆମର ପରମ୍ପରା ବିଶ୍ୱବ୍ୟାପୀ ହେବ। ଓଡ଼ିଶାର ମାନଚିତ୍ର ପୁରା ବିଶ୍ୱରେ ପ୍ରକାଶିତ ହେବ। ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଯାହା ବାଧା ଆସୁଛି ସେ ବିଷୟରେ ଆମେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବା ଉଚିତ। ଅନେକ ଅନ୍ତର୍ଜାତୀୟ ବିମାନବନ୍ଦର ସମୁଦ୍ର କୂଳରେ ହୋଇଛି ଆଉ କିଛି ସମୁଦ୍ର ଭିତରେ ହୋଇଛି। କେନ୍ଦ୍ର ଯଦି ପୁରୀରେ ବିମାନବନ୍ଦର ନ କରିବ ଏବଂ ଜଗନ୍ନାଥ ସଂସ୍କୃତିର ବିକାଶରେ ପ୍ରତିବନ୍ଧକ ହେବ ସେ ସରକାରର ପତନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେପଟେ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ କେନ୍ଦ୍ରର ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ଡବଲ ଧକ୍କା ଦେଇଛି। ସବୁ କ୍ଷେତ୍ରରେ ଓଡ଼ିଶାକୁ ଲୁଟିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ କହିଛନ୍ତି ପୁରୀରେ ସାଢେ ଚାରି କୋଟି ଓଡିଆଙ୍କ ଦେବତା ଅଛନ୍ତି। ପୁରୀରେ ଏୟାର ପୋର୍ଟ ହେବ। କେନ୍ଦ୍ର ସରକାର ପାଖରେ ନିଶ୍ଚିତ ଭାବରେ ଆମେ ଦାବି ରଖିବୁ। ବିମାନ ବନ୍ଦର ପ୍ରତିଷ୍ଠା ଦିଗରେ ଯାହା ବାଧକ ସାଜୁଛି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ବସି ଆଲୋଚନା କରିବେ। ଆମର ଡବଲ ଇଞ୍ଜିନ ସରକାର ଅଛି। କୌଣସି ଜିନିଷରେ ବାଧକ ସାଜିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ପରିବେଶ ମନ୍ତ୍ରଣାଳୟର ଜଙ୍ଗଲ ପରାମର୍ଶଦାତା କମିଟି ଓଡ଼ିଶାର ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀକୁ ସ୍ଥଗିତ ରଖିଛି। ଏହା ଅଲିଭ୍ ରିଡଲେ କଇଁଛ, ଡଲଫିନ୍ ଏବଂ ପ୍ରବାସୀ ପକ୍ଷୀଙ୍କ ପାଇଁ ସମ୍ଭାବ୍ୟ କ୍ଷତି ଏବଂ ଉପକୂଳକୁ ବାତ୍ୟା ଠାରୁ ସୁରକ୍ଷା ଦେଉଥିବା ୧୩,୦୦୦ ଗଛ ନଷ୍ଟ ହେବାର ପ୍ରଭାବ ବିଷୟରେ ଏହାର ଆଞ୍ଚଳିକ କାର୍ଯ୍ୟାଳୟର ଚିନ୍ତାକୁ ଉଦ୍ଧୃତ କରିଛି।

# ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ

ବ୍ରହ୍ମପୁର,୫।୭(ସମିସ): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଆତଙ୍କବାଦୀମାନେ ଅପହରଣ କରିନେଇଥିବା ୩ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାରୁ ଜଣେ ରହିଛନ୍ତି। ସେ ହେଲେ,ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ଭେଙ୍କଟରମଣ (୨୮)। ଏହି ଖବର ପ୍ରଘଟ ହେବା ପରେ ଭେଙ୍କଟରମଣଙ୍କ ପରିବାରର ଚିନ୍ତା ବଢ଼ି ଯାଇଛି। ପୁଅକୁ ଫେରାଇ ଆଣିବା ପାଇଁ ଶନିବାର ରାତିରେ ମା’ ପି. ନାର୍ସାମା ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ପୁଲିସ୍ ଏକ

### ଥାନାରେ ଏତଲା ଦେଲେ ମା’



ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠୀ କହିଛନ୍ତି।

ସୂଚନାନୁଯାୟୀ, ଗତ ନଭେମ୍ବରରେ ଭେଙ୍କଟରମଣ ମାଲିର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ ତାରିଖରେ ତାଙ୍କୁ ସେଠାକାର ପୁଲିସ୍ ଗିରଫ କରିଥିବା ନେଇ ସଂପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। କିନ୍ତୁ ଏହାକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନଥିଲେ। ତେବେ ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନା ଉପରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରିନେଇଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଅପହୃତଙ୍କ ମଧ୍ୟରେ ତାଙ୍କ ପୁଅ ଥିବା ଜାଣିବା ପରେ ପରିବାରଲୋକେ ହିଞ୍ଜିଳି ଥାନାରେ ଅଭିଯୋଗ କରିବା ସହ ପୁଅକୁ ଫେରାଇ ଆଣିବାକୁ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

- ଚିନ୍ତା ପ୍ରକଟ କଲେ ନବୀନ

## ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୫।୭ (ସମିସ): ମାଲିରେ ଉଗ୍ରବାଦୀମାନେ ହିଞ୍ଜିଳିକାଟୁ ବ୍ଲକ୍‌ର ପି. ଭେଙ୍କଟରମଣଙ୍କୁ ଅପହରଣ କରିନେବା ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଏକ ଟୁଇଟ୍‌ରେ ନବୀନ କହିଛନ୍ତି, ଭେଙ୍କଟରମଣଙ୍କ ସହ ତାଙ୍କ ପରିବାରଲୋକ ଯୋଗାଯୋଗ କରିପାରୁନାହାନ୍ତି। ସେମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଣୁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ମାମଲାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ସହ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ନିଶ୍ଚିତ କରାନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି।

# ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ମୁହଁ ଖୋଲିଲେ ଦଳୀୟ ସାଂସଦ

ଭୁବନେଶ୍ୱର,୫।୭(ସମିସ): ବିଜେଡିର ବରିଷ୍ଠ ନେତ୍ରୀ ତଥା ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଭଦ୍ର, ଅଶାଳୀନ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଅଡୁ ଚାପ ପଡୁଥିଲେ ମଧ୍ୟ ସରକାର ନିରବତାଙ୍କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲେଖାଶ୍ରୀଙ୍କ ଅଭିଯୋଗ ଆଧାରରେ ଭୁବନେଶ୍ୱର ମହିଳା ପୁଲିସ ନୀଳଗିରି ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

- ଅଶାଳୀନ ମନ୍ତବ୍ୟକୁ ତୀବ୍ର ଭର୍ତ୍ସନା କଲେ ପ୍ରତାପ ଷଡ଼ଙ୍ଗୀ
- କଡ଼ା ନିନ୍ଦା କଲେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ
- ନେତାଙ୍କ ପାଖରେ ଶାଳୀନତା ରହିବା ଜରୁରୀ: ଶାରଦା

ବିଜେଡି ନେତ୍ରୀ ଲେଖାଶ୍ରୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଏଭଳି ଅଭଦ୍ର ମନ୍ତବ୍ୟ ସଂପର୍କରେ ସରକାର ଓ ସରକାରୀ ନେତା ନିରବ ରହିଥିବା ବେଳେ ମୁହଁ ଖୋଲିଛନ୍ତି ବିଜେପିର ବରିଷ୍ଠ ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସେ ଖଟୁଆଙ୍କୁ ଭର୍ତ୍ସନା କରିବା ସହିତ ତାଙ୍କର ମନ୍ତବ୍ୟକୁ ଅତ୍ୟନ୍ତ ଜଘନ୍ୟ ଏବଂ ନିନ୍ଦନୀୟ ବୋଲି କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି, ଖଟୁଆଙ୍କ ମନ୍ତବ୍ୟ ନିନ୍ଦନୀୟ ଏବଂ ଏପରି ନିକୃଷ୍ଟ ପ୍ରତିକ୍ରିୟାକୁ ବିଜେପି ସମର୍ଥନ କରୁନାହିଁ। ରାଜନୀତିରେ ଶାଳୀନତା ଓ ମର୍ଯ୍ୟାଦା ରକ୍ଷା କରିବା ଉଚିତ୍। ଜଣେ ବିଧାୟକ ହୁଅନ୍ତୁ କି ରାଜନେତା; ଯେଉଁମାନେ ସାମାଜିକ ଜୀବନରେ ଅଛନ୍ତି ସେମାନଙ୍କୁ ତାଙ୍କ ଆଚରଣକୁ ନିୟନ୍ତ୍ରଣ ସହ ମର୍ଯ୍ୟାଦାଜନକ ବ୍ୟବହାର କରିବାକୁ ପଡ଼ିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି, ଲେଖାଶ୍ରୀ ଜଣେ ଶିକ୍ଷିତ ମହିଳା ଏବଂ ରାଜନେତ୍ରୀ ଅଟନ୍ତି। ଘଟଣା ଯାହାବି ହେଉ, ତାଙ୍କ ଉପରେ ରାଗିକି ସାଧାରଣରେ ଏପରି ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ। ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ କହିଛନ୍ତି ଯେ ମଣିଷ ଏକ ସାମାଜିକ ପ୍ରାଣୀ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମଣିଷ ପାଖରେ ଶାଳୀନତା ରହିବା ଆବଶ୍ୟକ। ଆଗ ଆମେ ଜଣେ ମଣିଷ ଏବଂ ପରେ ବିଧାୟକ। ତେଣୁ ଆମ ପାଖରେ ଶାଳୀନତା ରହିବା ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ୯ରେ ଶ୍ରମିକ ସଂଗଠନର ବନ୍ଦ ଡକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୫।୭(ସମିସ): ଦେଶର ପ୍ରମୁଖ ଶ୍ରମିକ ସଂଗଠନମାନେ ୧୭ ଦଫା ଦାବି ନେଇ ଆସନ୍ତା ୯ ତାରିଖରେ ଦେଇଥିବା ବନ୍ଦ ଡକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କଠାରୁ ଆରମ୍ଭ କରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। ଏହି ବନ୍ଦ ଡକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହ ଜିଲ୍ଲା କଂଗ୍ରେସ, ବ୍ଲକ୍, ମ୍ୟୁନିସିପାଲଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡକରାକୁ ସଫଳ କରିବା ସହ ନିଜନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।




### କାଦୁଅରେ ଦବି ଭାଙ୍ଗିଗଲା ରଥ ଚକ

# କାନ୍ଧରେ ବୁହାହୋଇ ମନ୍ଦିର ଗଲେ ମହାପ୍ରଭୁ





କେନ୍ଦୁଝର,୫।୭(ସମିସ): କାଦୁଅ ରାସ୍ତାରେ ଦବିଯାଇ ଭାଙ୍ଗିଗଲା ଚକ। ଆଉ ଆଗକୁ ଗଡ଼ିପାରିଲାନି ରଥ। ତେଣୁ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ବୋହିଲେ ଭକ୍ତ। କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା ଖରାପ ଯୋଗୁଁ ମହାପ୍ରଭୁ କାଳିମାଟି ଜଗନ୍ନାଥ ମନ୍ଦିରକୁ ରଥରେ ବାହୁଡ଼ି ପାରିନାହାନ୍ତି।

ସୂଚନାନୁଯାୟୀ, ପ୍ରତିବର୍ଷ ରଥଯାତ୍ରାରେ କାଳିମାଟି ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ବିଗ୍ରହ ଦବୁନା କ୍ୟାମ୍ପ ପର୍ଯ୍ୟନ୍ତ ଯାଇ ବାହୁଡ଼ାରେ ଫେରିଥା’ନ୍ତି। ଆଜି ବାହୁଡ଼ା ଅବସରରେ ଭକ୍ତମାନେ ମହାପ୍ରଭୁଙ୍କୁ ମନ୍ଦିରକୁ ବାହୁଡ଼ାଇ ଆଣୁଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବାଟରେ ରଥର ଚକ କାଦୁଅରେ ଦବିଯିବା ସହ ଭାଙ୍ଗି ଯାଇଥିଲା। ଫଳରେ ରଥ ଆଉ ଆଗକୁ ବଢ଼ି ପାରିନଥିଲା। ତେଣୁ, ଅନ୍ୟୋନପାୟ ହୋଇ ଭକ୍ତମାନେ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ଆଣିଥିଲେ। ଏହି ଘଟଣାରୁ, ଖଣି ଅଞ୍ଚଳର ରାସ୍ତାଘାଟ ଅବସ୍ଥା କିପରି ତାହା ସ୍ପଷ୍ଟ ବାରି ହୋଇପଡୁଛି। ରାସ୍ତାର ରକ୍ଷଣାବେକ୍ଷଣ ପ୍ରତି କାହାର ଉତ୍ତରଦାୟିତ୍ୱ ନଥିଲା ପରି ମନେ ହେଉଛି। ରାସ୍ତାଟିର ଏଭଳି ଅବସ୍ଥା ଦେଖି ଲୋକେ ଦୁଃଖ ବ୍ୟକ୍ତ କରୁଥିବା ବେଳେ ଆଉ କେତେ ଦିନ ରାସ୍ତା ଅବସ୍ଥା ରହିବ ବୋଲି ପ୍ରଶ୍ନ ହେଉଛି।

# ଅଣ୍ଟୁନି ‘ହରିଶ୍ଚନ୍ଦ୍ର’ ସହାୟତା

ଭୁବନେଶ୍ୱର,୫।୭(ସମିସ): ଶବ ସତ୍କାର ପାଇଁ ୨୦୧୩ରୁ ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଗ୍ରାମାଞ୍ଚଳରେ ଏଥିପାଇଁ ୩ ହଜାର ଟଙ୍କା ମିଳୁଥିବାବେଳେ ସହରାଞ୍ଚଳରେ ୪ ହଜାର ଟଙ୍କା ମିଳୁଛି। ହେଲେ ଏତିକି ଟଙ୍କାରେ ବର୍ତ୍ତମାନ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶବ ପୋଡ଼ିବା ସମ୍ଭବ ହେଉନି। ଜଙ୍ଗଲ କାଟିବାରେ ବିଭିନ୍ନ ପ୍ରକାର ଅଙ୍କୁଶ ଲାଗିବା ଯୋଗୁଁ କାଠ ଦାମ୍ ଦିନକୁ ଦିନ ବଢ଼ି ଚାଲିଛି। ଏଥିସହ ଘିଅ, ବ୍ରାହ୍ମଣ ଖର୍ଚ୍ଚ ଓ ମାଲଭାଇଙ୍କ ଖର୍ଚ୍ଚ ମିଶାଇଲେ ଏହି ଟଙ୍କା ଆଦୌ ଅଣ୍ଟୁନି। ହିନ୍ଦୁ ଧର୍ମାବଲମ୍ବୀ ଲୋକମାନେ ଯେନତେନ ପ୍ରକାରେ ଦାହ, ସଂସ୍କାର କରି ଦେଉଛନ୍ତି। ମାତ୍ର ମୁସଲ୍‌ମାନ

### ଶବ ସତ୍କାର ପାଇଁ ହୀନସ୍ତା ହେଉଛନ୍ତି ଆତ୍ମୀୟ

ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏତିକି ଟଙ୍କା କାଣିଚାଏ ବି ଅଣ୍ଟୁନଥିବା ଜଣାପଡ଼ିଛି। ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍ ଲୋକମାନଙ୍କ ପାଇଁ ୬ଫୁଟ୍‌ରେ ୪ ଫୁଟ୍‌ର ଗାତ ଖୋଳିବାକୁ ପଡୁଛି। ଏହି ଗାତ ଖୋଳିବାରେ ହିଁ ସରକାର ଦେଉଥିବା ସହାୟତା ଶେଷ ହୋଇଯାଉଛି। ବାକି ପ୍ଲାଏ, ଚାଦର ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ଅଣ୍ଟୁନି। ତେଣୁ ଏହି ସହାୟତା ରାଶି ବଢ଼ାଇବା ପାଇଁ ଦାବି ହେଉଛି।

୨୦୨୩ରେ ଶେଷଥର ପାଇଁ ସରକାର ଏହି ଯୋଜନାର ସହାୟତା ରାଶି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧ହଜାର ଟଙ୍କା ବଢ଼ାଇଥିଲେ। ହେଲେ ଗତ ଦୁଇ ବର୍ଷ ଭିତରେ ବଜାର ଦାମ୍ ହୁ ହୁ ବଢ଼ିବା ଲାଗିଛି। ବିଶେଷକରି କାଠ, ଘିଅ, ପ୍ଲାଏ, ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଛି। ତେଣୁ ସରକାର ଯେତିକି ଟଙ୍କା ବଢ଼ାଇଛନ୍ତି ଏହା ସମୁଦ୍ରକୁ ଶଙ୍ଖେ। ଗରିବ ଲୋକଟିଏ ସମ୍ମାନର ସହ ଶବ ସତ୍କାର କରିବା ପାଇଁ ସରକାର ଏକ ମହତ୍ ଉଦ୍ଦେଶ୍ୟ ରଖି ଏହି ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବାସ୍ତବରେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନି। ତେଣୁ ସରକାର ଏହାକୁ ଗମ୍ଭୀରତାର ସହ ନେଇ ବିଚାର କରିବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି।

# ବାହୁଡ଼ିଲେ ମହାବାହୁ; ସିଂହଦ୍ୱାରରେ ତିନି ରଥ

## ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ଅନୁଗୋଳ ସହର









**ଅନୁଗୋଳ, ୫।୭ (ସମିସ):** ଶନିବାର ହଜାରହଜାର ଭକ୍ତଙ୍କ ସମାଗମରେ ଅନୁଗୋଳ ସହରରେ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ବୁଲି ଯାଇଥିବା ତିନି ଠାକୁର ଶନିବାର ଫେରିଆସି ସିଂହଦ୍ୱାରରେ ପହଞ୍ଚିଛନ୍ତି। ୩ ଠାକୁରଙ୍କୁ ରଥରେ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ ଭକ୍ତ। ମହାବାହୁଙ୍କ ଏ ଦୁର୍ଲଭ ଦର୍ଶନ ବର୍ଷକରେ ଥରେ ମିଳିଥାଏ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ୱଚକ୍ଷୁରେ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ରଥ ଦଉଡ଼ିକୁ ଛୁଇଁଦେଲେ ସବୁ ପାପ ଧୋଇ ହୋଇଯାଏ ବୋଲି ବିଶ୍ୱାସ ରହିଛି।

ଶନିବାର ଭୋର୍ ସାଢ଼େ ୩ଟାରେ ଦ୍ୱାରଫିଟା ଓ ମଙ୍ଗଳ ଆଳତି, ୪ଟାରେ ସେନାପଟା ଲାଗି, ଅବକାଶ ନୀତି ଓ ରୋଷହୋମ, ପ୍ରାତଃ ସାଢ଼େ ୫ଟାରେ ବେଶଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ପୂଜା ଓ ବାଳଧୂପ ସହ ଖେଚୁଡ଼ି ଧୂପ, ପୂର୍ବାହ୍ନ ସାଢ଼େ ୮ଟାରେ ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ନୀତି, ସାଢ଼େ ୯ଟାରେ ରଥକୁ ପହଣ୍ଡିବିଜେ, ରଥାରୂଢ଼ ଓ ବେଶଲାଗି, ମଧାହ୍ନ ୧୨ଟାରେ ରଥକୁ ଶ୍ରୀଶ୍ରୀ ମଦନମୋହନଙ୍କ ବିଜେ, ପରେ ରଥ ଉପରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଏସପି ରାହୁଲ ଜୈନ ଛେରାପହଁରା କରିଥିଲେ। ଅପରାହ୍ନ ସାଢ଼େ ୧ଟାରେ ରଥରେ ଘୋଡ଼ା ଓ ସାରଥି ଯୋଚାଯିବା ସହ ଚାରମାଳ ଉଲାଗି ଓ ରଥ ଦଉଡ଼ି ଲଗା କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ହଜାର ହଜାର ଶ୍ରଦ୍ଧାଳୁ ଟାଣିନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ। ସୁଭଦ୍ରାଙ୍କ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣିଥିଲେ। ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିବା ପୂର୍ବରୁ ଶ୍ରୀମନ୍ଦିରରୁ ମା' ଲକ୍ଷ୍ମୀ ଠାକୁରାଣୀ ପଟୁଆରରେ ଆସି ନନ୍ଦିଘୋଷ ରଥ ପରିକ୍ରମା କରି ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନୁଗୋଳରେ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ତିନି ଠାକୁରଙ୍କୁ ଭକ୍ତମାନେ ରଥ ଉପରେ ସୁନାବେଶରେ ଦର୍ଶନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ପାଦକ ହେମନ୍ତ ଦାସ, ଉପସଭାପତି ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ନିକଟସ୍ଥ ବହୁ ପୁରୁଣା ଅମଲାପଡ଼ା, ହେମସୁରପଡ଼ା, ବଣ୍ଟାରପାଳ, ପୁରୁଣାଗଡ଼ ଏବଂ ନାଲକୋନଗରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି।

## ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ସମ୍ପନ୍ନ



**ଅନୁଗୋଳ, ୫।୭ (ସମିସ):** ଦେବଭୂମି ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ବେଶ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତି, ଗୁଣ୍ଡିଚା ମନ୍ଦିରରୁ ଦେବଭୂମିସ୍ଥିତ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଦେବଭୂମିର ପ୍ରଥମ ସେବକ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ଛେରାପହଁରା ଓ ପହଣ୍ଡି ନୀତି ତୁଲାଇଥିଲେ। ଭୋର୍ ୫ଟାରେ ମନ୍ଦିର ଦ୍ୱାରଫିଟା ନୀତି ପରେ ମଙ୍ଗଳଆଳତି, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ଏବଂ ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିରର ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଭକ୍ତମାନେ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ଏବଂ ବଡ଼ଭାଇ ବଳଭଦ୍ରଙ୍କ ରଥକୁ ଉତ୍ସାହ ଉଦ୍ଦୀପନାର ସହ ଟାଣିଥିଲେ। ଆସନ୍ତା ତିନିଦିନ ଯାଏଁ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେ ରହିବେ। ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ। ଏହି ତିନି ଦିନ ଧରି ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିପାରିବେ ବୋଲି କୁହାଯାଇଛି।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାଯାତ୍ରା ସମ୍ପନ୍ନ


ତାଳଚେରସଦର


କଣିହାଁ


ବଣ୍ଟାରପାଳ


ନାଲକୋନଗର

**ତାଳଚେରସଦର, ୫।୭ (ସମିସ):** ଜଗତରନାଥ ଶ୍ରୀଜଗନ୍ନାଥ ଗୁଣ୍ଡିଚା ଘରେ ୯ ଦିନ ବ୍ୟାପୀ ଲୀଳାଖେଳା ସାରିବା ପରେ ଶନିବାର ରତ୍ନବେଦି ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ କରାଯାଇ ବାଳଭୋଗ, ଧୂପ, ଆଳତି ସାରିବା ପରେ ପହଣ୍ଡି କରାଯାଇ ରଥକୁ ଅଣାଯାଇଥିଲା। ଦିନତମାମ ବର୍ଷା ଲାଗିରହିଥିବା ବେଳେ ଭକ୍ତମାନେ ତାହାକୁ ଖାତିର ନ କରି ରଥକୁ ଟାଣିଟାଣି ନେଇଯାଇଥିଲେ। ସନ୍ଧ୍ୟା ୭ଟାରେ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହି ଅବସରରେ ବାହୁଡ଼ାଯାତ୍ରା ଭଜନ ସନ୍ଧ୍ୟା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପ୍ରତି ଛକରେ ପୁଲିସ ମୁତୟନ କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରି କୃପାଲାଭ କରିଥିଲେ।

**କଣିହାଁ:** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଛି। ପ୍ରକଳ୍ପ ମଧ୍ୟସ୍ଥ ଗୁଣ୍ଡିଚା ମନ୍ଦିରରେ ପ୍ରତ୍ୟୁଷରୁ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ରେଙ୍ଗାଳି ଡ୍ୟାମର ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା ଠାକୁର ରାଜା ଭାବେ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଘଣ୍ଟଘଣ୍ଟା, ବାଜା, ହରିବୋଲ ହୁଳହୁଳି ସହ ଭକ୍ତମାନେ ରଥକୁ ଟାଣି ଟାଣି ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ସେଠାରେ ପ୍ରଭୁଙ୍କ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ମହାଆଳତି ହୋଇଥିଲା। ମହାପ୍ରଭୁ ରବିବାର ସୁନାବେଶରେ ଦର୍ଶନ ଦେବେ। ପରଦିନ ରଥରେ ଅଧରପଣା ନୀତି ପରେ ରତ୍ନବେଦିକୁ ବିଜେ କରିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

**ବଣ୍ଟାରପାଳ:** ପାଗ ପ୍ରତିକୂଳ ସତ୍ତ୍ୱେ ବଣ୍ଟାରପାଳ ପଞ୍ଚଶ୍ରୀକ୍ଷେତ୍ର ଧାମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାଯାତ୍ରା ଆନନ୍ଦ, ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଧାହ୍ନ ୧୨ଟାରେ ଦଇତାପତିମାନେ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରିଥିଲେ। ଅପରାହ୍ନ ୪ ଟାରେ ଠାକୁରରାଜା ପ୍ରାକ୍ତନ ବିଧାୟକ ତଥା ପ୍ରାକ୍ତନ ଉପବାଚସ୍ପତି ରଜନୀକାନ୍ତ ସିଂହ ତିନି ରଥରେ ଛେରାପହଁରା କରିବା ପରେ ଶ୍ରୀମନ୍ଦିର ଅଭିମୁଖେ ରଥଟଣା ଆରମ୍ଭ ହୋଇଥିଲା। ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ତିନି ରଥ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ନିକଟରେ ପହଞ୍ଚିଥିଲା।

**ନାଲକୋନଗର:** ନାଲକୋନଗର ଦିବ୍ୟଶ୍ୱେତ କ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଆନନ୍ଦ ଉଲ୍ଲାସରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି ହୋଇଛି। ମହାବାହୁ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ୯ ଦିନର ଲୀଳା ସାରି ଶନିବାର ଶ୍ରୀମନ୍ଦିରକୁ ଫେରିଛନ୍ତି। ଭୋର ୫ଟାରେ ମଙ୍ଗଳ ଆଳତିରୁ ଆରମ୍ଭ ହୋଇଥିଲା ବାହୁଡ଼ା ନୀତି। ସ୍ନାନ, ବେଶ, ଧୂପ ପରେ ପୂର୍ବାହ୍ନ ୧୦ଟାରେ ବରିଷ୍ଠ ସେବାୟତ ନିର୍ମଳ ଶତପଥୀଙ୍କ ନେତୃତ୍ୱରେ ସେନାପଟା ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ସରିବା ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଧାଡ଼ି ପହଣ୍ଡିରେ ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇଥିଲେ। ପରେ ଅନ୍ୟାନ୍ୟ ନୀତିକାନ୍ତି ପରେ ମୁଖ୍ୟ ପୂଜକ ତାପସ ରଞ୍ଜନ ଦାଶ ଓ ରାଜାଙ୍କ ଉପସ୍ଥିତିରେ "ଅର୍ପଣ' ପୁସ୍ତକକ ଦଶମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ରଥ ସାରଥି ଭାବେ ଶିବରାମ ସେଠୀ ଓ ପ୍ରସନ୍ନ କୁମାର ବେଉରିଆ ଦାୟିତ୍ୱ ସମ୍ପାଦନ କରିଥିଲେ। ତେବେ ରଥଟଣା ଆରମ୍ଭ ହେବା କ୍ଷଣି ଇନ୍ଦ୍ର ଦେବତାଙ୍କ ବର୍ଷାରେ ଭକ୍ତ ଓ ଭଗବାନ ଭିଜିଥିଲେ। ସନ୍ଧ୍ୟା ସୁଦ୍ଧା ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଛି। ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷକ ସତ୍ୟବାଦୀ ସାହୁ ଓ ପ୍ରଫୁଲ୍ଲ ଆରୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଭକ୍ତମାନଙ୍କୁ କାକରା, କାନିକା, ଶୁଖିଲା ଭୋଗ ବଣ୍ଟନ କରାଯାଇଥିଲା। ଶ୍ରମିକ ସଂଗଠନ ନାଲକୋ ପ୍ରୋଗ୍ରେସ ଏମ୍ପଲୋଇଜ୍ ସଂଘ ପକ୍ଷରୁ ୫ହଜାର ଭକ୍ତଙ୍କ ପାଇଁ ମନ୍ଦିର ସମ୍ମୁଖରେ ଡାଲମା ଖେଚୁଡ଼ି ଭୋଗ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣ ମାରୁତି ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ବିଚିତ୍ରାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା।

● ଝିପିଝିପି ବର୍ଷାରେ ବାହୁଡ଼ିଲେ ମହାପ୍ରଭୁ

## ରଥଗଡ଼ାରେ ଦୁଇ ରଥ, ଆଜି ସୁନାବେଶ



ଢେଙ୍କାନାଳ, ୫।୭ (ସମିସ): ଢେଙ୍କାନାଳ ପ୍ରସିଦ୍ଧ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଝିପିଝିପି ବର୍ଷରେ ଭକ୍ତମାନେ ଦୁଇରଥକୁ ଟାଣିଟାଣି ରଥଗଡ଼ାରେ ପହଞ୍ଚାଇଛନ୍ତି। ରବିବାର ଏକାଦଶୀରେ ମହାପ୍ରଭୁଙ୍କ ସୁନାବେଶ ହେବ ବୋଲି ଜଣାପଡ଼ିଛି। ବାହୁଡ଼ାଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ମହାପ୍ରଭୁଙ୍କ ସକାଳ ନୀତି ହୋଇ ମଙ୍ଗଳାର୍ପଣ ଓ ସେବା ପୂଜା ଆଦି ହୋଇଥିଲା। ପରେ ପହଣ୍ଡି ବିଜେ କରାଯାଇ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଦୁଇ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୭ରେ ରଥଟଣା ଆରମ୍ଭ ହୋଇଥିଲା। ବଡ଼ରଥ ସନ୍ଧ୍ୟା ୬ଟା ଏବଂ ସାନରଥ ୬ଟା ୪୦ରେ ରଥଗଡ଼ାରେ ପହଞ୍ଚିଥିଲା। ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ଓ ଘଣ୍ଟବାଦ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ପୁଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଟାଉନ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ।

## ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ୫୫ନଂ ଜାତୀୟ ରାଜପଥ ଅବରୋଧ

ଢେଙ୍କାନାଳ, ୫।୭ (ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କଦଳୀପାଳ ଗ୍ରାମରେ ବିବାହ ଶୋଭାଯାତ୍ରା ବେଳେ ଅଘଟଣ ଘଟି ଶୁକ୍ରବାର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ୩ ନମ୍ବର ୱାର୍ଡ କୁଞ୍ଜକାନ୍ତ ଗୁଡ଼ିଆନାଳି ଅଞ୍ଚଳର ମଣ୍ଟୁ ଦେହୁରୀ (୩୦)ଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଶନିବାର ମଣ୍ଟୁଙ୍କ ପରିବାର ଲୋକ ଓ ସାହିବାସିନ୍ଦା କ୍ଷତିପୂରଣ ଦାବିରେ ୫୫ନଂ ଜାତୀୟ ରାସ୍ତାରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରିବା ସହ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ସମୟରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରେଡକ୍ରସ ତରଫରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ରାସ୍ତାରୋକ ହଟିଥିଲା। ମଣ୍ଟୁଙ୍କ ଦାଦାଙ୍କ କହିବା ଅନୁସାରେ ବିଦ୍ୟୁତ ତାର ମାତ୍ର ୮ ଫୁଟ ଉଚ୍ଚତାରେ ଝୁଲୁଥିବାରୁ ଡିଜେରେ ଲାଗି ଏହି ଘଟଣା ଘଟିଛି। ତେଣୁ ମଣ୍ଟୁଙ୍କ ମୃତ୍ୟୁ ପାଇଁ ବିଦ୍ୟୁତ ବିଭାଗ ଦାୟୀ ବୋଲି ସେ କହିଛନ୍ତି। ମଣ୍ଟୁଙ୍କ



ଜେଜେମାଆ ଏବଂ ବାପା ମଧ୍ୟ ସମାନ ଅଭିଯୋଗ କରିବା ସହିତ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି।

କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଅନ୍ତର୍ଗତ କଦଳୀପାଳ ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ଚାଲିଥିଲା। ଢେଙ୍କାନାଳରୁ ବରପକ୍ଷ କଦଳୀପାଳ ଗ୍ରାମକୁ ଆସିଥିବା ବେଳେ ଡିଜେ ସାଉଣ୍ଡର ତାର ୧୧ କେଭି ବିଦ୍ୟୁତ୍ ତାରରେ ଲାଗଯାଇଥିଲା। ଫଳରେ ଡିଜେ ଗାଡ଼ିରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ୬ ଜଣ ଜଳି ଯାଇଥିଲେ। ସେମାନଙ୍କୁ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବାସ୍ତବପୁର ଗ୍ରାମର ମନୋଜ ବେହେରା, ଭୁବନ ଗୋରୋଡ଼ିଆ ଅଞ୍ଚଳର ସୁଶୀଲ ସାହୁ, ଢେଙ୍କାନାଳ କଣ୍ଟାନାଳି ଗ୍ରାମର ସାଜନ ନାଏକ, କଦଳୀପାଳ ଗ୍ରାମର ସୁନୀଲ ପଲେଇ ଓ କନ୍ତିଓକାଟେଣୀ ଗ୍ରାମର ନିଶିକାନ୍ତ ଦଳେଇ ଏବେ

**୮ ଫୁଟ ଉଚ୍ଚତାରେ ଝୁଲୁଥିଲା ୧୧ କେଭି ବିଦ୍ୟୁତ୍ ତାର**

ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ମଣ୍ଟୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସାହିବାସିନ୍ଦା ଏବଂ ପରିବାର ଲୋକେ କ୍ଷତିପୂରଣ ଦାବିରେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରଉ କରିଥିଲେ। କିନ୍ତୁ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଭିତରୁ ତାଲାବନ୍ଦ କରି ରହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପରିବାର ଲୋକେ କଲେଜ ବାଇପାସରେ ୫୫ନଂ ଜାତୀୟ ରାଜପଥକୁ ଉଭୟ ପାର୍ଶ୍ୱରୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

## ହରଗୌରୀ କିନ୍ନର ସଂଘର ସେବାକାର୍ଯ୍ୟ



ତାଳଚେରସଦର, ୫।୭ (ସମିସ): ପବିତ୍ର ବାହୁଡ଼ାଯାତ୍ରା ଉପଲକ୍ଷେ ହରଗୌରୀ କିନ୍ନର ସଂଘ ପକ୍ଷରୁ ଶନିବାର ତାଳଚେର ଟାଉନ ବଡ଼ବଜାର ଗୁଣ୍ଡିଚା ମନ୍ଦିରରୁ ବଡ଼ଦାଣ୍ଡସାହି ଓ ବଡ଼ଦେଉଳ ପର୍ଯ୍ୟନ୍ତ କିନ୍ନରମାନେ ଝାଡୁଧରି ସଫେଇ କରିଥିଲେ। ମହାପ୍ରଭୁଙ୍କ ଏହି ସେବା ସେମାନଙ୍କ ପାଇଁ ସୌଭାଗ୍ୟର କଥା। ଜଗନ୍ନାଥଙ୍କର ଏମିତି ସେବା କରିବା ସମସ୍ତଙ୍କ ଭାଗ୍ୟରେ ନ ଥାଏ ବୋଲି କହିଥିଲେ। ଏହି ସେବା ସେମାନଙ୍କ ମନ, ଆତ୍ମାକୁ ତୃପ୍ତ କରିଦେଇଛି, ଆଗମୀ ରଥଯାତ୍ରାରେ ଭଗବାନଙ୍କ ସେବା କରିବା ଉଦ୍ଦେଶ୍ୟରେ ଏପରି ସୁଯୋଗ ମିଳିଲେ ନିଜକୁ ଧନ୍ୟ ମନେକରିବେ ବୋଲି କହିଥିଲେ। କିନ୍ନର ସଂଘର ଏପରି ସେବାକାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ନାବାଳକ ମୃତ

ଅନୁଗୋଳ, ୫।୭ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଓଗୀ ପଞ୍ଚାୟତ ପାଞ୍ଚଗୋଛିଆ ଉଠା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଞ୍ଚରା ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ଲକ୍ଷ୍ମଣ ସାହୁ (୧୫)। ଲକ୍ଷ୍ମଣ ଅନ୍ତୁଳିଆ ପଟୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ଲକ୍ଷ୍ମଣ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ସେହିପରି ଅନୁଗୋଳର ବିଭିନ୍ନ ସ୍ଥାନରେ ଶନିବାର ଦୁର୍ଘଟଣା ଘଟି ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି।

## ଜିଅନ୍ତାନାଳୀରେ ବନ ମହୋତ୍ସବ



କିଶୋରନଗର, ୫।୭ (ସମିସ): ଜିଅନ୍ତାନାଳି ଗ୍ରାମରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଝାରବନ୍ଧୁଲି ଓ ଜିଅନ୍ତାନାଳି ଗ୍ରାମର ପୁରୁଷ, ମହିଳା, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଗ୍ରାମ ସଭାନେତ୍ରୀ ସଉରୀ ଦେହୁରୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଦାନନ୍ଦ ପାତ୍ର ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରସନ୍ନ କୁମାର ନାୟକ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଅନୁଗୋଳ ତରଫରୁ ଶୈଳେନ୍ଦ୍ର କୁମାର ପ୍ରଧାନ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ।

**ଉଚ୍ଛୁଳିଲା ବ୍ରାହ୍ମଣୀ**

## ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ତାଳଚେର ସହର, ୫।୭ (ସମିସ): ଶନିବାର ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ ଖୋଲାଯାଇ ଚଳିତ ବର୍ଷର ପ୍ରଥମ





ବନ୍ୟାଜଳ ନିଷ୍କାସନ କରାଯାଇଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମର ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ ରେଙ୍ଗାଳି ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଶନିବାର ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା। ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଜଳସ୍ତର ୧୧୦.୦୮ ମିଟର ରହିବା କଥା। ତେବେ ଜଳସ୍ତର ୧୨୦ ମିଟର ଉପରେ ରହିଥିବାରୁ ସନ୍ଧ୍ୟା ୬ଟା ୨୦ରେ କର୍ତ୍ତୃପକ୍ଷ ଡ୍ୟାମର ୭ନଂ ଗେଟ ଖୋଲି ବନ୍ୟାଜଳ ନିଷ୍କାସନ କରିଥିଲେ। ପ୍ରତି ସେକେଣ୍ଡ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୧୮୦୦ ଘନମିଟର ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

● ଅନାଥ ଶିଶୁଙ୍କୁ ଚିହ୍ନଟ ପାଇଁ ପ୍ରଶିକ୍ଷଣ ଶିବିର

## ସଠିକ ସମୟରେ ଥଇଥାନ ପାଇଁ ଗୁରୁତ୍ୱ

ଅନୁଗୋଳ, ୫।୭ (ସମିସ): ପିତୃମାତୃହୀନ ଏବଂ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଥଇଥାନ ନିମିତ୍ତ ସର୍ଭେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଆଇସିଡିଏସ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ସଠିକ ଭାବେ ସର୍ଭେ କରି ଠିକ ସମୟରେ ସର୍ଭେ କାର୍ଯ୍ୟ ଶେଷ କରିବାକୁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତିମୟ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଆବଶ୍ୟକତା ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ଶିଶୁମାନଙ୍କୁ ଥଇଥାନ କରାଯାଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ସର୍ଭେ କାର୍ଯ୍ୟର ନିୟମାବଳୀ ଏବଂ ଫର୍ମାଟକୁ କିପରି ପୂରଣ କରାଯିବ ସେ ବିଷୟରେ ବୁଝାଇଥିଲେ। ଜିଲ୍ଲାର ସ୍ତରରୁ ତୃଣମୂଳ ଅଙ୍ଗନବାଡ଼ି କେନ୍ଦ୍ର ଯାଏଁ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ କିପରି ସୋପାନ ସୋପାନ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଲିମପ୍ରାପ୍ତ ହୋଇ ସର୍ଭେ କାର୍ଯ୍ୟ ଶେଷ କରି ରିପୋର୍ଟ ଦାଖଲ କରିବେ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ। ସର୍ଭେ ବ୍ୟବସ୍ଥାରେ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନୋଡାଲ ଅଫିସର କରିଥିବା ବେଳେ ଜିଲ୍ଲା ସମାଜ



ମଙ୍ଗଳ ଅଧିକାରୀ ଏବଂ ଆଇସିଡିଏସ ଅଧିକାରୀଙ୍କୁ ସର୍ଭେର ତଦାରଖ ଦାୟିତ୍ୱ ଦିଆଯାଇଛି। ସିଡିପିଓ ଏବଂ ସୁପରଭାଇଜରମାନେ ଜିଲ୍ଲାର ସମସ୍ତ ସେକ୍ଟରରେ ଅଙ୍ଗନବାଡ଼ି କର୍ମୀଙ୍କୁ ଉକ୍ତ ସର୍ଭେ ବିଷୟରେ ଆସନ୍ତା ୧୦ ତାରିଖ ସୁଦ୍ଧା ତାଲିମ ପ୍ରଦାନ କରିବେ। କର୍ମୀମାନେ ୧୧ ତାରିଖରୁ ସର୍ଭେ ଆରମ୍ଭ କରିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପ୍ରୋଗ୍ରାମ ଅଫିସର ଏବଂ ସୁପରଭାଇଜର ଉପସ୍ଥିତ ଥିଲେ।

## ରାଣୀଗୋଡ଼ା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଅନୁଗୋଳ, ୫।୭ (ସମିସ): ଅନୁଗୋଳ ଉପକଣ୍ଠ ରାଣୀଗୋଡ଼ା ଗ୍ରାମ ମା' ଗଜଲକ୍ଷ୍ମୀ ପୂଜା କମିଟିର ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମେ ଅନୁଷ୍ଠାନର ଉପସଭାପତି ସ୍ୱର୍ଗତ ବୁଲା ସାହୁଙ୍କ ଆକସ୍ମିକ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ୩୫ତମ ଲକ୍ଷ୍ମୀପୂଜା ଧୁମଧାମରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦ୍ୱିତୀୟ ଥର ସଭାପତି ଭାବେ ବିମଳ ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଅଜିତ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ସହ ସମ୍ପାଦକ ନିରଞ୍ଜନ ଦେହୁରୀ କୋଷାଧ୍ୟକ୍ଷ ଲୁଲୁ ଦେହୁରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଧନେଶ୍ୱର ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଚଳିତ ବର୍ଷ ପୂଜାରେ ପ୍ରତିଦିନ ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ ସାଙ୍ଗକୁ ଭକ୍ତିମୟ ପରିବେଶରେ ମା'ଙ୍କ ପୂଜା କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଉପଦେଷ୍ଟା ମଣ୍ଡଳୀ କର୍ମକର୍ତ୍ତା ନିରଞ୍ଜନ ସାହୁ, ଲମ୍ବୋଦର ବେହେରା, ସୁଜିତ କୁମାର ସାହୁ, ବିଜନ ସାହୁ, ସଞ୍ଜୟ ସାହୁ, ପ୍ରଶାନ୍ତ ବିଶ୍ୱାଳ, ତ୍ରିପୁର ବିଶ୍ୱାଳ, ବାବୁଲାଲ ସାହୁ ଏବଂ ରାଣୀଗୋଡ଼ା ସରପଞ୍ଚ ପ୍ରକାଶ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

● ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର

## ରୋଗୀଙ୍କୁ ଦିଆଯାଉଛି ଏକ୍ସପାଏରୀ ମେଡିସିନ

କିଶୋରନଗର, ୫।୭ (ସମିସ): କିଶୋରନଗର ବ୍ଲକ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଏକ୍ସପାଏରୀ ମେଡିସିନ ଦିଆଯାଉଥିବା ଅଭିଯୋଗ




ହୋଇଛି। ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ହଣ୍ଡପାର ଅମଜାଦ୍ ଖାନ୍ ଚିକିତ୍ସା ପାଇଁ ଆସିଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ତାଙ୍କୁ ୨ ବର୍ଷର ଏକ୍ସପାଏରୀ ମେଡିସିନ ଦେଇଥିଲେ। ଏହା ସେ ଜାଣିପାରି ବିରୋଧ କରିବା ସହ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ପଳାଇ ଯାଇଥିବା ଜଣାପଡ଼ିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଳିଗଲା କୋଇଲା ବୋଝେଇ ଟ୍ରକ

● ଲକ୍ଷାଧିକ ଟଙ୍କାର କୋଇଲା ଓ ଗାଡ଼ି କ୍ଷତିଗ୍ରସ୍ତ

କଣିହାଁ, ୫।୭ (ସମିସ): କଣିହାଁ ଖୋଲାମୁହଁ କୋଇଲା ଖଣିର ୱେବ୍ରିଜ ନିକଟ ଷ୍ଟୋକ ୟାର୍ଡଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। ଜେଆଇପିଏଲ ପ୍ରକଳ୍ପର କୋଇଲା ପରିବହନ କରୁଥିବା ଏକ ଟ୍ରକରେ ଭୋର ୩ଟାରେ କୋଇଲା ଲୋଡିଂ ହେଉଥିବା ବେଳେ ସର୍ଟସର୍କିଟ ଯୋଗୁଁ ଟ୍ରକରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗାଡ଼ି ସହ ଏଥିରେ ବୋଝେଇ ହୋଇଥିବା କୋଇଲା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବର ପାଇ କଣିହାଁ କୋଇଲା ଖଣି ଅଗ୍ନିଶମ ବାହିନୀ, ଜେଆଇପିଏଲ ଓ କଣିହାଁ ଅଗ୍ନିଶମ ବାହିନୀର ତିନିଟି ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା କୁହାଯାଇଛି। କଣିହାଁ ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ଏନ ମଲ୍ଲିକଙ୍କ ସହ ଫାୟାରମ୍ୟାନ ସୁରେନ୍ଦ୍ର ଜେନା, ଅନିଲ ତରାଇ, ବିକ୍ରମ ସାହୁ, ଚାଳକ ଦୁଷ୍ମନ୍ତ ସାହୁ ପ୍ରମୁଖ ନିଆଁକୁ ଆୟତ୍ତ କରିବାରେ ସହଯୋଗ କରିଥିଲେ।

## ବାହୁଡ଼ାଯାତ୍ରାରେ ଓକିଲ ସଂଘର ପ୍ରସାଦ ବଣ୍ଟନ

ଅନୁଗୋଳ, ୫।୭ (ସମିସ): ବାହୁଡ଼ା ଯାତ୍ରା ଅବସରରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଜାତୀୟ ରାଜପଥସ୍ଥିତ ବଡ଼ଦାଣ୍ଡରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ



ବାହୁଡ଼ାଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ଖେଚୁଡ଼ି, ଡାଲମା ଓ ଖଟା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ, ବରିଷ୍ଠ ଆଇନଜୀବୀ ଦ୍ୱାରିକାପ୍ରସାଦ ନନ୍ଦ, ଗୋପାଳ ନାଥ, ସୁଶୀଲ ପ୍ରଧାନ, ରମେଶ ସାହୁ, ବିପିନ ସାହୁ, ରଜତ ରଞ୍ଜନ ଦାଶ, ଦିଲୀପ ଦାସ, ସୋମନାଥ ରାଉତ, ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ସାହୁ, ପୁରୋନ୍ଦର ପ୍ରଧାନ, ସନାତନ ପ୍ରଧାନ, ବିନୋଦ ସାମଲ, ଯୋଗେଶ୍ୱର ପ୍ରଧାନ, ସହସମ୍ପାଦକ ପୁରୋଷୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, ଗୋପାଳ ଅଗ୍ରୱାଲ, ବିନୋଦ ମିଶ୍ର, ଧୀରେନ ପ୍ରଧାନ, ବିନୋଦ ପ୍ରଧାନ, ପାର୍ଥସାରଥି ପ୍ରଧାନ, ପବିତ୍ର ମୁଦୁଲି, ଅକ୍ଷୟ ସାହୁ, ରଞ୍ଜନ ପାତ୍ର, ମନୋରଞ୍ଜନ ଦାସ, ଅରୁଣ ବିଶ୍ୱାଳ, ହେମନ୍ତ ସାହୁ, ଶ୍ରବଣ ସାହୁ, ଆଶିଷ ପ୍ରଧାନ, ରାକେଶ ସାହୁ, ପ୍ରଶାନ୍ତ ଦାସ, ସୌରଭ ମହାନ୍ତି, ସତ୍ୟଜିତ ପ୍ରଧାନ, ରାଜେଶ ପ୍ରଧାନ ଓ ଶ୍ରୀମତୀ ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ପ୍ରସାଦ ବଣ୍ଟନରେ ସହଯୋଗ କରିଥିଲେ। ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

**ବିସ୍ଥାପିତଙ୍କ ସମସ୍ୟାକୁ ନେଇ ଅସନ୍ତୋଷ**

# କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବନ୍ଦ ହେଲା ନୟନୀ କୋଇଲା ଖଣି

ଅନୁଗୋଳ, ୫।୭ (ସମିସ)

କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ ନୂତନ ଭାବେ ଆରମ୍ଭ ହୋଇଥିବା ନୟନୀ କୋଇଲା ଖଣିକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଶୁକ୍ରବାରଠାରୁ ଖଣି କାର୍ଯ୍ୟ ବନ୍ଦ ହୋଇଛି। କିଛିମାସ ତଳେ ଆରମ୍ଭ ହୋଇଥିବା ନୟନୀ କୋଇଲା ଖଣିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖଣି ପାଇଁ ଗଛକଟାଠାରୁ ଆରମ୍ଭ କରି ବିସ୍ଥାପିତ ଲୋକଙ୍କ ସମସ୍ୟାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ଏ ନେଇ ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜାମାନେ ସିଙ୍ଗରାଣୀ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ଥଇଥାନ ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ତାହାର ସମାଧାନ ହୋଇପାରି ନ ଥିଲା। ଏ ନେଇ କ୍ଷତିଗ୍ରସ୍ତ ଗ୍ରାମବାସୀ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଛେଣ୍ଡିପଦା ଗସ୍ତ ସମୟରେ କୋଇଲା ଖଣିର ମନମୁଖି କାର୍ଯ୍ୟକୁ ନେଇ ଅଭିଯୋଗ କରିବା ସହ ବହୁ ଜନସାଧାରଣ ଏହାର ସମାଧାନ ପାଇଁ ଲିଖିତ ଦାବି କରିଥିଲେ। କେନ୍ଦ୍ରମନ୍ତ୍ରୀ ତାଳଚେର ଅଞ୍ଚଳରୁ କାର୍ଯ୍ୟକ୍ରମ ସାରି ଛେଣ୍ଡିପଦା ଆସୁଥିବା ବେଳେ କରଡ଼ାବାହାଳର ଶତାଧିକ ଗ୍ରାମବାସୀ କୁକୁରପେଟାଠାରେ ତାଙ୍କ କାର୍‌କେଡ୍‌କୁ ଅଟକାଇ ସିଙ୍ଗରେଣୀ କମ୍ପାନୀର ମନମୁଖି କାର୍ଯ୍ୟ, ନିଯୁକ୍ତି, ଥଇଥାନ ଏବଂ ଗଛକଟା ସମ୍ପର୍କରେ ଅଭିଯୋଗ କରିଥିଲେ। ଛେଣ୍ଡିପଦା ଅଞ୍ଚଳରୁ ଗଛ କାଟିବା ଫଳରେ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ହେବ। କିନ୍ତୁ କମ୍ପାନୀ ଛେଣ୍ଡିପଦା ଅଞ୍ଚଳ ତ ଦୂରକଥା, ଅନୁଗୋଳ ଜିଲ୍ଲାରେ ବି ଗଛ ନ ଲଗାଇ ବାଲେଶ୍ୱର, କୋରାପୁଟରେ ଗଛ ଲଗାଇବ ବୋଲି ନିଷ୍ପତ୍ତି ହୋଇଥିବା ଅଭିଯୋଗ ମଧ୍ୟ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି ଘଟଣାର ସମାଧାନ ପାଇଁ ତୁରନ୍ତ ଜଣେ ଏଡିଏମ ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତ କରି ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାର ନିଜେ ମଧ୍ୟ ସମୀକ୍ଷା କରିବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଶୁକ୍ରବାର ଛେଣ୍ଡିପଦା ପୁଲିସ ପ୍ରଶାସନିକ ଅଧିକାରୀମାନେ ନୟନୀ କୋଇଲା ଖଣିକୁ ଯାଇ ଖଣି କାର୍ଯ୍ୟ ବନ୍ଦ କରିଛନ୍ତି। ଯେ ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ଖଣି ବନ୍ଦ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।


## ବାଲ୍ୟବିବାହ ନିରୋଧ ସମନ୍ୱୟ କାର୍ଯ୍ୟକ୍ରମ




କିଶୋରନଗର, ୫।୭ (ସମିସ): କିଶୋରନଗର ପଞ୍ଚାୟତ ସମିତି ସଭାଗୃହରେ ବିଶ୍ୱଯୁବ କେନ୍ଦ୍ର, ବଣିନାଳୀ ତରଫରୁ ପଞ୍ଚାୟତ ସମିତି ସହଯୋଗରେ ଶନିବାର ବାଲ୍ୟବିବାହ ନିରୋଧ ସମ୍ପର୍କିତ ବ୍ଲକସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ସିଡିପିଓ ଆରତୀ ସିଂହ, ଜିଲ୍ଲା ଶ୍ରମ ବିଭାଗର ଅଶ୍ୱିନୀ କୁମାର ମୁଦୁଲି, କିଶୋରନଗର ଥାନାର ଭାରପ୍ରାପ୍ତ ଅଧିକାରୀ ବିଭୂତି ପ୍ରଧାନଙ୍କ ସମେତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, କଲେଜ ପ୍ରିନ୍ସିପାଲ, ଆଇସିଡିଏସ ସୁପରଭାଇଜର ଏବଂ କର୍ମୀମାନେ ଯୋଗଦେଇଥିଲେ। ବିଶ୍ୱଯୁବ କେନ୍ଦ୍ରର ସଂଯୋଜିକା ପୂଜା ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ବାଲ୍ୟବିବାହ ନିଷେଧ ଆଇନର ବିଭିନ୍ନ ଦିଗ, ସମ୍ପର୍କିତ ସମସ୍ୟା ଏବଂ ଆଇନ ପାଳନରେ ବିଭିନ୍ନ ବିଭାଗଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଡିଓ ବେହେରା ସମସ୍ତ ପ୍ରଧାନଶିକ୍ଷକଙ୍କୁ ନିଜ ନାମଫଳକରେ ସିଏମଆଇଓ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲ୍ୟବିବାହ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରକାଶ କରିଥିଲେ। କଲ୍ୟାଣ କିଶୋର ମହାନ୍ତି ଶିଶୁ ଅଧିକାର ଉପରେ କହିଥିଲେ। ଅଶ୍ୱିନୀ କୁମାର ମୁଦୁଲି ଶିଶୁ ଶ୍ରମିକ ନିରାକରଣ ଦିଗରେ ଆଇନଗୁଡ଼ିକର କାର୍ଯ୍ୟକାରିତା ଉପରେ ଉଲ୍ଲେଖ କରିଥିଲେ। ଥାନା ଅଧିକାରୀ ପ୍ରଧାନ ଶିଶୁ ସୁରକ୍ଷାରେ ପୁଲିସର ଭୂମିକା ବ୍ୟାଖ୍ୟା କରିଥିଲେ। ବିଶ୍ୱଯୁବ କେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ ସଂସ୍ଥାର ଭୂମିକା ବିଷୟରେ ଅବଗତ କରାଇଥିଲେ। ସମସ୍ତ ୨୩ ପଞ୍ଚାୟତରେ ବିବାହ ରେଜିଷ୍ଟର ଓ ସ୍ଥାନାନ୍ତରଣ ରେଜିଷ୍ଟର ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଛି। ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# “ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବାର ମାଧ୍ୟମ”



ଶାନ୍ତନୁ କୁମାର ଆଚାର୍ଯ୍ୟ

ମଣିଷର ଗୋଟିଏ ଅବସ୍ଥା ଥାଏ, ଯେଉଁଠି ସେ ସାଂସାରିକ ଘଟଣାବଳୀକୁ ଅତିକ୍ରମ କରି ଅତି ପ୍ରାକୃତିକ ଜିନିଷ ବିଷୟରେ ତାକୁ ଅନୁସନ୍ଧାନ କରିବାକୁ ଇଚ୍ଛା ହୁଏ । ସେ ପଚାରିବ- ମୁଁ କିଏ ? ଭଗବାନ କେଉଁଠି ଅଛନ୍ତି? ମୋତେ କିଏ ଗଢ଼ିଥିଲା? ଏସବୁ କଥା ଯେଉଁ ମଣିଷ ମନକୁ ଆସେ, ଯେଉଁମାନେ ଏ ବିଷୟରେ ଅନୁସରଣ କରନ୍ତି, ଏହାର ଉତ୍ତର ଖୋଜିବାକୁ ଯାଆନ୍ତି- ସେଇ ଲୋକମାନେ ହିଁ ଦାର୍ଶନିକ, ବୈଜ୍ଞାନିକ, କବି ବା ସାହିତ୍ୟିକ ହୁଅନ୍ତି । ପିଲାଦିନରୁ ମୋର ଚିନ୍ତାଧାରା ଏଭଳି ଅନ୍ୱେଷଣାତ୍ମକ ଥିଲା । ତାହା ବେଶି ବଢ଼ି ଗଲା, ଯେତେବେଳେ ୯ ବର୍ଷ ବୟସରେ ମୋ ମା’ ଚାଲିଗଲେ । ଫଳରେ ମୋ ମନରେ ଭୟଙ୍କର ଦୁଃଖ ପ୍ରବେଶ କଲା । ମୁଁ ବର୍ତ୍ତମାନ କରିବି କ’ଣ? ମା’ କୁଆଡ଼େ ଗଲେ? କେଉଁଠି କି ଗଲେ ସେ ? ଏଭଳି ଅନୁସନ୍ଧାନ କଲି ମୋର କୌତୁହଳ ମନରେ । ବଣ ପାହାଡ଼ରେ ଏକାକୀ ବୁଲେ, ନଦୀ କୂଳରେ ବସେ । ଗୋଟିଏ ମାତୃହରା ପିଲାର ବିରହ ଯନ୍ତ୍ରଣା ଭୋଗୁଥିଲି ମୁଁ । ଏଥିରୁ ଅନେକ ପ୍ରକାର ମୋର ମାନସିକ କ୍ରିୟା ପ୍ରତିକ୍ରିୟା ସବୁ ଘଟୁଥାଏ ।

ତା’ ଭିତରେ ମୁଁ କବିତା ଲେଖା ଆରମ୍ଭ କଲି । କବିତା ଲେଖିବା ପରେ ମୋତେ ବହୁତ ଉପଶମ ଲାଗିଲା । ବାଙ୍କିରେ ସୁବର୍ଣ୍ଣପୁର ବୋଲି ଗୋଟିଏ ଜାଗା ଅଛି । ସେଠି ଅଂଶୁପା ହ୍ରଦ, ମହାନଦୀ ଭାରି ସୁନ୍ଦର ଓ ଚମତ୍କାର ଲାଗେ । ସେଠାରେ ବଢ଼ି ଭୋରରୁ ଗାଧୋଉଥିବା ବେଳେ ଦିନେ ସୂର୍ଯ୍ୟ ଉଦୟ ପୂର୍ବରୁ ହଠାତ୍ ମୋତେ ଦେଖାଗଲା ନଈ ଭିତରେ ଅସଂଖ୍ୟ ସ୍ୱର୍ଣ୍ଣ ମନ୍ଦିର ସବୁ ତିଆରି ହୋଇଛି । ମନ୍ଦିର ଭିତରେ ଦେବଦେବୀମାନେ ଆତଯାତ ହେଉଛନ୍ତି । ମୋ ପ୍ରାଣ ପୁଲକିତ ହୋଇଗଲା । ମୁଁ ଘରକୁ ଫେରିଆସିଲି । ସେତେବେଳେ ମୁଁ ସୁବର୍ଣ୍ଣପୁର ଏମ୍‌ଇ ସ୍କୁଲରେ ପଢୁଥିଲି । ମୋ ବାପା ସେଠି ଚାକିରି କରୁଥିଲେ । ତେବେ ନଦୀରୁ ଗାଧୋଇ ମୁଁ ଫେରି ଆସିଲା ପରେ ୧୯୪୫ ମସିହା ମାର୍ଚ୍ଚ ୨୧ ତାରିଖରେ ପ୍ରଥମ କବିତା ‘ପ୍ରଭାତ’ ଲେଖିଥିଲି । ଏହି କବିତା ଲେଖିବାର ୨ରୁ ୪ ଘଣ୍ଟା ପରେ ମୋତେ ପୁଣି ସ୍ପୃହା ଆସିଲା ଆଉ ଗୋଟିଏ କବିତା ଲେଖିଲି । ସେହି ବୟସରେ ଏମିତି ଘନ ଘନ କବିତା ଲେଖିବା ଆରମ୍ଭ ହେଲା । ହାଇସ୍କୁଲ ପଢ଼ିବା ପର୍ଯ୍ୟନ୍ତ ମୁଁ ବହୁତ କବିତା ଲେଖୁଥିଲି । ମୁଁ ଯେତେବେଳେ କଟକରେ ଆସି ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଲି, ସେତେବେଳେ ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । ଆମେ ପିଲାଦିନୁ ବିଶ୍ୱଯୁଦ୍ଧ କ’ଣ ଜାଣି ନଥିଲୁ । ତେବେ ବିଶ୍ୱ ଚିନ୍ତା ମନରେ ପିଲାଦିନୁ ରହିଥିଲା । ବିଶ୍ୱଯୁଦ୍ଧ ଉପରେ ମୁଁ କବିତା ମଧ୍ୟ ଲେଖିଥିଲି ଛୋଟ ବୟସରେ । ଏହି ସବୁ କଥା ମୋର କବିତ୍ୱକୁ ଜାଗ୍ରତ କଲା । କବିତ୍ୱ ଜାଗ୍ରତ ହେଲା ପରେ ମୁଁ କହିଲି କବିତାର ଲକ୍ଷ୍ୟଟା କ’ଣ? କବିତାର ଲକ୍ଷ୍ୟ କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ ସୀମିତ ରହିବ ନା ସଂସାରର ବାସ୍ତବତା ବିଷୟରେ ସୀମିତ ରହିବ? ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଉଛି । ଲକ୍ଷ ଲକ୍ଷ ଲୋକ ମରି ଯାଉଛନ୍ତି । ରୋଗରେ ମରୁଛନ୍ତି, ପ୍ରାକୃତିକ ବିପର୍ଯ୍ୟୟରେ ମରୁଛନ୍ତି - ଏଗୁଡ଼ିକ ବିଷୟରେ ନ ଲେଖି ଖାଲି “ଆକାଶ ଦିଶେ କି ସୁନ୍ଦର , ତାହାକୁ ରଚିଲେ ଈଶ୍ୱର” ଏହାରି ଉପରେ ଆମେ କବିତା ଲେଖୁଥିବା କି? ମୁଁ ମୋର ଧାରା ପରିବର୍ତ୍ତନ କଲି । ମୋର ଲେଖା ଧାରା ପରିବର୍ତ୍ତିତ ହୋଇଗଲା । ତା’ପରେ ମୁଁ ରେଭେନ୍ସା କଲେଜକୁ ଆସିଲି ବିଜ୍ଞାନ ପଢ଼ିବାକୁ । ବିଜ୍ଞାନରେ ନାମ ଲେଖାଇଲି । ତେଣୁ ଜଣେ ବୈଜ୍ଞାନିକ ହେଲି । ମଝିରେ ଡାକ୍ତରୀ ପଢ଼ିବାକୁ ଯାଇଥିଲି, କଲେଜରେ ୬ ମାସ ପାଠ ପଢ଼ିଥିଲି । ଥରେ ମୋର ପିଉସୀ ନାନୀଙ୍କ ଶବ ବ୍ୟବଚ୍ଛେଦ କରିବାକୁ ପଡ଼ିଲା । ମୁଁ କରିପାରିଲି ନାହିଁ, ତେଣୁ ଅଧାରୁ ପାଠ ପଢ଼ା ଛାଡ଼ି ଦେଲି । ତା’ପରେ ବିଜ୍ଞାନ ପଢ଼ିବାକୁ ଆସିଲି, ପ୍ରାକ୍ଟିକାଲ ଅଭିଜ୍ଞତା ମୋର ବହୁତ ଆସିଲା ।


କଟକ ସହର ଭିତରେ ପିଲାଦିନେ ବୁଲି ବୁଲି ସ୍କୁଲରେ ପଢ଼ିବାରେ ମୋର ଗୋଟେ ପ୍ରାକ୍ଟିକାଲ୍ ଧାରଣା ହୋଇଯାଇଥିଲା ମଣିଷ ଜୀବନ କ’ଣ ? କେଡ଼େ ଅସ୍ଥାୟୀ ଏ ଜୀବନ? ସାମାଜିକ ଜୀବନ କ’ଣ? ଏଠି ହିନ୍ଦୁ ମୁସଲମାନମାନେ ଏକାଠି ଚଳୁଛନ୍ତି । ପୁଣି ହଠାତ୍ ଗଣ୍ଡଗୋଳ ଆରମ୍ଭ ହୋଇ ଏ ତାକୁ ମାରିଲା, ସେ ତାକୁ ମାରିଲା । ଏହି ଅବସ୍ଥାଗୁଡ଼ିକ ଦେଖିଲା ପରେ ମୋ’ ଭିତରେ ଗୋଟେ ଦାର୍ଶନିକ ଚିନ୍ତା ଖେଳିଲା । ଥରେ ଗୋଟିଏ ଘଟଣା ଘଟିଲା । ଯାହା ଫଳରେ ମୋ’ ଭିତରେ ଗୋଟେ ପ୍ରତିକ୍ରିୟା ଜାତ ହେଲା । ମୁଁ କହିଲି ଈଶ୍ୱରଙ୍କୁ ଦର୍ଶନ ନ କଲେ ଜୀବନ ରକ୍ଷା କରିବି ନାହିଁ । ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଏହି ଘଟଣା ଘଟିଲା । ସବା ଶେଷରେ ମୁଁ ମରିବି ବୋଲି ସ୍ଥିର କରିଥିଲି । କିନ୍ତୁ ଗୁରୁକୃପାରୁ ମୁଁ ବଞ୍ଚିଗଲି । ଏସବୁ କଥା ମୋ ଆତ୍ମଜୀବନୀରେ ଲେଖିଛି । ଏହି ସବୁ ଘଟଣା ଯେତେବେଳେ ମଣିଷ ଜୀବନରେ ଘଟେ ତା’ର ଅନ୍ତରାତ୍ମାରେ ଅନେକ ପରିବର୍ତ୍ତନ ଆସେ । ସେ ଅନେକ ଦର୍ଶନ ପାଏ, ଯେଉଁ ଦର୍ଶନ ସାଧାରଣ ଲୋକ ପାଇପାରିବେ ନାହିଁ । ସାଧାରଣ ଜୀବନରେ ଘଟଣା ନଘଟିଲେ, ତୁମେ ଦାର୍ଶନିକ ହୋଇପାରିବ ନାହିଁ । ଦାର୍ଶନିକତା ମୋତେ ସାହିତ୍ୟିକ କରାଇଲା । ମୋର ପ୍ରଥମ ବୃହତ୍ ଉପନ୍ୟାସ ଯାହାକି ଆଜି କାଳଜୟୀ ଉପନ୍ୟାସରେ ପରିଣତ ହେଲା, ତାହାର ନାଁ ହେଉଛି ‘ନର କିନ୍ନର’ । ୧୯୬୨ ମସିହା ଅକ୍ଟୋବର ୨୪ ତାରିଖରେ ଏହି ବହି ବାହାରିଥିଲା । ଆଜି ପର୍ଯ୍ୟନ୍ତ ଏହି ପୁସ୍ତକଟି ଉଜ୍ଜୀବିତ ହୋଇ ରହିଛି । ବିଭିନ୍ନ ସ୍କୁଲ, କଲେଜର ପାଠ୍ୟପୁସ୍ତକ ଭାବେ ପ୍ରଚଳିତ ହୋଇଛି । ବିଶ୍ୱସ୍ତରୀୟ ସାହିତ୍ୟର ମର୍ଯ୍ୟାଦା ପାଇଛି । ଏହା ପରେ ମୁଁ ମୋ ଜୀବନରେ ଅନେକ ବହି, ଘଟଣା ଲେଖିଛି । ‘କରଞ୍ଜିଆ ଡାଏରୀ’ ଲେଖିଛି । ମୟୂରଭଞ୍ଜରେ ଗୁଣି, ଗାରେଡ଼ି, ତନ୍ତ୍ର ମନ୍ତ୍ର, ଭୂତପ୍ରେତ ଏମାନଙ୍କ ବିଷୟରେ ଗବେଷଣା କରି ଲେଖିଛି । କେମେଷ୍ଟ୍ରି ବା ରସାୟନ ବିଜ୍ଞାନର ପ୍ରଫେସର ଥିଲି । ବିଜ୍ଞାନ ଶିକ୍ଷା ମୋର ଅନ୍ତରକୁ ପରିବର୍ତ୍ତିତ କଲା । ଜୀବନରେ ଲେଖକ ଭାବରେ ବିଭିନ୍ନ ବିଷୟରେ ବହୁତ ସ୍ଥାନରେ ଶହ ଶହ ବକ୍ତୃତା ଦେଇଛି । ବିଭିନ୍ନ କଲେଜରେ ଅଧ୍ୟକ୍ଷ ଭାବେ ପ୍ରଶାସନିକ ଦାୟିତ୍ୱ ତୁଲାଇଛି । ଡେପୁଟି ଡାଇରେକ୍ଟର, ଅନ୍ତର୍ଜାତୀୟ ସ୍କିଲ୍ ପରିଚାଳନା କରିଛି ।

ଜୀବନର ଅଭିଜ୍ଞତା ଏକାଠି ହୋଇ ମୋ ଜୀବନକୁ ଗଢ଼ିଛି । ଯାହା ଫଳରେ ମୁଁ ଗମ୍ଭୀର ଭାବେ ବିଭିନ୍ନ ବିଷୟରେ ଚିନ୍ତା କରେ । ଆଉ ପରବର୍ତ୍ତୀ ସମୟରେ ତାହାକୁ ସାହିତ୍ୟରେ ପରିଣତ କରେ । ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବା ଛଡ଼ା ଆଉ କିଛି ନୁହେଁ । କେବଳ ନିଜ ଭିତରେ ଯେଉଁ ଚିନ୍ତା ଉଠୁଛି, ଲହଡ଼ି ଉଠୁଛି ତାହାକୁ ପ୍ରକାଶ କରିବା ସାହିତ୍ୟିକର କର୍ତ୍ତବ୍ୟ । ସେ ଚିନ୍ତା ସାମାଜିକ ଘଟଣାବଳୀ ହୋଇପାରେ କିମ୍ବା ବିଶ୍ୱ ଚିନ୍ତନ ହୋଇପାରେ । ମଣିଷର ଆତ୍ମଦର୍ଶନ, ମୁଁ କିଏ, ଭଗବାନ ଅଛନ୍ତି କି ନାହିଁ - ଏହି ସବୁ ଚିନ୍ତାଧାରାରୁ ସାହିତ୍ୟ ସୃଷ୍ଟି ହୁଏ । ■

## ପୁସ୍ତକ ପରିଚୟ

### ସ୍ମୃତିର ରଙ୍ଗ

ସଂପାଦନା
ଉମାକାନ୍ତ ମହାନ୍ତି
ହଂସନାଥ ମୁଦୁଲି




ଏକାମ୍ର ସାହିତ୍ୟ ସଂସଦ
ଡୁମଡୁମା (କ), ଖଣ୍ଡଗିରି
ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଉମକାନ୍ତ ମହାନ୍ତି ଓ ହଂସନାଥ ମୁଦୁଲିଙ୍କ ସଂପାଦନାରେ ପ୍ରକାଶ ପାଇଛି ଏକାମ୍ର କବିତା ସମ୍ଭାର- ୨୦୨୫ ‘ସ୍ମୃତିର ରଙ୍ଗ’ । ଏହି ପୁସ୍ତକରେ ଓଡ଼ିଆ ସାହିତ୍ୟ ଜଗତର ୯୮ ଜଣ ବରିଷ୍ଠ ଓ ଯୁବ ଲେଖକଙ୍କ ହୃଦୟସ୍ପର୍ଶୀ କବିତା ସଂକଳିତ ହୋଇଛି । ବୃନ୍ଦାବନ ଜେନାଙ୍କ ‘ଅନ୍ଧକାରେ ଯା’ରେ ଆଦରି ନେଲି ମୁଁ’, ସଂଗ୍ରାମ କେଶରୀ ମହାନ୍ତିଙ୍କ ‘ନୋଳିଆ ଝିଅ’, ଡକ୍ଟର ମନସ୍ୱିନୀ ଦାଶଙ୍କ ‘କୁଆଡ଼େ ଗଲା ମୋ ଗାଆଁ’, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ‘ତୁମେ କେବେ ଆସିବ’, ଭିକାରୀ ଧଳଙ୍କ ‘ପାଉଁଶ ତଳର ଧାସ’, ଉମାକାନ୍ତ ରାଉତ (ଅରୂପ)ଙ୍କ ‘ଗାଆଁ ଗୀତ’, ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ‘ସୁନା ହରିଣୀର ମାୟା’, ମୀନାକ୍ଷୀ ସିଂହଙ୍କ ‘ସ୍ମୃତି’, ହଂସନାଥ ମୁଦୁଲିଙ୍କ ‘ନିଆଁ ପରା ମୁଁ ଏଠି’, ଗୋସ୍ୱାମୀ ଗୋଲାମ ଦେବତାଙ୍କ ‘ଶେଷର ଆରମ୍ଭ’, ମାନସରଞ୍ଜନ ମହାପାତ୍ରଙ୍କ ‘ନିଜର ବିଚିତ୍ର ଜୀବନ’, ଶୈଳବାଳା ମହାପାତ୍ରଙ୍କ ‘ବନ୍ଧୁ’, ମୌସୁମୀ ଦାସଙ୍କ ‘ଛାଇର ଦୈର୍ଘ୍ୟପ୍ରସ୍ଥ’, ଗୌର ପଟ୍ଟନାୟକଙ୍କ ‘କ୍ରୀତଦାସ’ ଆଦି କବିତାରେ ମାନବୀୟ ଭାବାବେଗ, ମନୋରମ ଗ୍ରାମ୍ୟ ପରିବେଶ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବାବାଜୀ ଚରଣ ଜେନା, ଡକ୍ଟର ଲିଙ୍ଗରାଜ ରଥ, ଚମକ ଚାନ୍ଦିନୀ ଦାଶ,ସର୍ବାଣୀ ଦାସ, ଗୋଲକ ବିହାରୀ ଆଚାର୍ଯ୍ୟ ପ୍ରମୁଖଙ୍କ କବିତାଗୁଡ଼ିକ ମାର୍ମିକ ହୋଇଛି । ‘ସ୍ମୃତିର ରଙ୍ଗ’ରେ ସଂକଳିତ କବିତାଗୁଡ଼ିକର ଭାବ, ଭାଷା, ଉପସ୍ଥାପନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଗେଣ୍ଡୁଲି କରୁଛି ଠାକୁର ପୂଜା

କୁନ୍ତଳା ମହାପାତ୍ର



ଆଷାଢ଼
ଆନନ୍ଦ ବଜାର, ମଧୁଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୭୫ ଟଙ୍କା

“ପରିଶ୍ରମ କରି ଧନ ଅରଜିବା/ ଯେତେ କଷ୍ଟ ଆସୁ ପଛେ ହେ,/ ଜୀବନେ କର୍ମକୁ ଫାଙ୍କିବାନି କେବେ/ କର୍ମେ ନର ଜିଇଁ ଥାଏ ଯେ ।” (କର୍ମେ ନର ଜିଇଁ ଥାଏ ଯେ) ପ୍ରକୃତରେ ପରିଶ୍ରମ ବିନା ଧନ ଅର୍ଜନ କରିବା ଅସମ୍ଭବ । ଜୀବନରେ ଯେତେ ଦୁଃଖ, କଷ୍ଟ ଆସୁପଛେ କର୍ମ କରିବା ଆବଶ୍ୟକ । କାରଣ କର୍ମ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ଏଭଳି ବାସ୍ତବ ଓ ପ୍ରେରଣାପ୍ରଦ ବାର୍ତ୍ତା ରହିଛି କୁନ୍ତଳା ମହାପାତ୍ରଙ୍କ ‘ଗେଣ୍ଡୁଲି କରୁଛି ଠାକୁର ପୂଜା’ ପୁସ୍ତକର କବିତାଗୁଡ଼ିକରେ । ଏହି ଶିଶୁ କବିତା ପୁସ୍ତକରେ ସନ୍ନିବେଶିତ ‘ଗେଣ୍ଡୁଲି କରୁଛି ଠାକୁର ପୂଜା’, ‘ପାଠକୁ ଆପଣାଇ’, ‘ସର୍ବେ ହେଲେ ଏକଯୁଟ’, ‘ଶୁଭ ସାହାନାଇ’, ‘କର୍ମରେ ସଭିଏଁ ଲାଗିଲେ’, ‘କୋଇଲିର କୁହୁନାଦ’ ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ‘ଦୀପାବଳୀ’, ‘ଦଶହରା ପୂଜା ଆସିଲାଣି’, ‘ପାର୍ବଣ ତ ଧୀରେ ଆସିଲାଣି’ ଆଦି କବିତାରେ ଆମ ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ସେଭଳି ‘କଦମ୍ବ ଫୁଲଟି ଫୁଟିଲା’, ‘ଗଛ ଦିଅନା ହାଣି’,‘ଫଗୁଣ ମାସ ଆସିଲା’, ‘ଗଛ ଲଗାଇବା ପରା’,‘ଆକାଶେ ବରଷା ଦେଖି’, ‘ଟାଣ ଖରା ପରା’ ଆଦି କବିତାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରକୃତିର କୋପ କଥା ବର୍ଣ୍ଣନା କରାଯାଇଛି । କବିତାଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ କୁନି କୁନି ପିଲାମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ । ■

### ମେଷପାଳକ

ପ୍ରକାଶ ମହାନନ୍ଦିଆ




କମ୍ୟୁନିକେସନ୍ ପବ୍ଲିକେସନ୍
ଅରବିନ୍ଦ ନଗର, ଜୟପୁର
କୋରାପୁଟ
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୨୦ ଟଙ୍କା

ନିଜ ସନ୍ତାନସନ୍ତତିମାନଙ୍କୁ ସମାଜର ଜଣେ ଉତ୍ତମ ମଣିଷ କରିବା ପ୍ରତ୍ୟେକ ପିତାମାତାଙ୍କ କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ । ତେବେ ଏହି ଗୁରୁଦାୟିତ୍ୱ ତୁଲାଇବା ବହୁ କଷ୍ଟକର । ଏହାଠାରୁ ବଳି ଆହୁରି କଷ୍ଟକର ହେଉଛି ଯୁବକଯୁବତୀମାନଙ୍କୁ ଶୃଙ୍ଖଳାର ବନ୍ଧନରେ ବାନ୍ଧି ରଖିବା । ସେହିପରି ଅରକ୍ଷିତ ମେଷମାନଙ୍କୁ ଉତ୍ତମ ସ୍ଥାନରେ ଚରାଇବା ମେଷପାଳକମାନଙ୍କ ପାଇଁ ବଡ଼ ଆହ୍ୱାନ । ପ୍ରଭୁଙ୍କର ମେଷମାନଙ୍କୁ ଉତ୍ତମ ଶିକ୍ଷା ଓ ଆଦର୍ଶରେ ପ୍ରତିପାଳନ କରିବା ମଧ୍ୟ ବଡ଼ ଚ୍ୟାଲେଞ୍ଜ । ପ୍ରଭୁ ଯୀଶୁ ଜଣେ ଉତ୍ତମ ମେଷପାଳକ । ଆପଣା ପଲମାନଙ୍କ ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଯୀଶୁଙ୍କ ବଳିଦାନକୁ ଏ ଜାତି କେବେ ହେଲେ ଭୁଲି ପାରିବ ନାହିଁ । ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ଥିବା କେତେ ଜଣ ବିଶପଙ୍କ ତ୍ୟାଗପୂତ ଜୀବନକୁ ନେଇ ପ୍ରକାଶ ପାଇଛି ପ୍ରକାଶ ମହାନନ୍ଦିଆଙ୍କ ରଚିତ ‘ମେଷପାଳକ’ ପୁସ୍ତକ । ଏହି ପୁସ୍ତକରେ ‘ନ୍ୟାୟ ଓ ଦୟାର ଆଦର୍ଶ ମେଷପାଳକ ବିଶପ ଡ.ଯାକୁବ ନାଗ’, ’ନିର୍ମଳ ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ବିଶପ ଅବିନାଶ ଚନ୍ଦ୍ର କନ୍ଦପାନ’, ‘ଦଳିତ ଓ ଅବହେଳିତ ମାନବର ଆଶାର ଆଲୋକ ବିଶପ ଆନ୍ଥନ ଆଶା’, ‘ମିଳନ ଓ ଶାନ୍ତିର ବାର୍ତ୍ତାବାହକ ବିଶପ ଥିଓଫିଲାସ ଚେଟୀ’, ‘ଈଶ୍ୱରଙ୍କ ବିଶ୍ୱସ୍ତ ଦାସ ବିଶପ ବିଜୟ ଦାସବାଘ’ ପ୍ରମୁଖ ୧୧ ଜଣ ଜୁ.ଇ.ଲୁ.ମ.ବିଶପମାନଙ୍କ ଜୀବନ, ସ୍ୱପ୍ନ, ବ୍ୟଥା, ବେଦନା, ସଫଳତାର କଥା ବର୍ଣ୍ଣନା କରାଯାଇଛି । ଧର୍ମପରାୟଣ ବ୍ୟକ୍ତିତ୍ୱଙ୍କୁ ଭଲ ପାଉଥିବା ପାଠକମାନଙ୍କୁ ଏହି ପୁସ୍ତକଟି ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

## ସଙ୍ଗୀତର ଅରଣ୍ୟରେ



ଅପର୍ଣ୍ଣା ମହାନ୍ତି

ସଙ୍ଗୀତର ଅରଣ୍ୟରେ
ପକ୍ଷୀଟିଏ, ହୁଏ ବାଟବଣା ।

ଆନନ୍ଦ ଓ ବେଦନାର
ଆରୋହ ଅବରୋହରେ
ଥରକୁ ଥର...
ହଜାଇ ଖୋଜୁଥାଏ ସେ
କେଉଁ ଏକ ଅଜ୍ଞାତ ଠିକଣା ।

କେତେ ବାରିଧାରା
କେତେ ନିଦାଘର ତାପ
କେତେ ଶିଶିର ସନ୍ତାପ
ଋତୁ ପରେ ଋତୁ ବଦଳୁଥାଏ,


ଧୀରେ ଧୀରେ କ୍ଳାନ୍ତ ହେଉଥାଏ,
ଗୋଟିକରେ ମୁକ୍ତି
ଆରଟିର ବନ୍ଧନର
ଭାର ବହିବହି
ଉଡୁଥିବା ସେ ପକ୍ଷୀର
ଅନ୍ୱେଷା ବିଭୋର ଦୁଇଡ଼େଣା


ଜୀବନମରଣ ସୁରେ ସୁରେ
ଯାତ୍ରା ସଙ୍ଗୀତ ଗାଉଥାଏ
ଅନବରତ କେହିଜଣେ ।
ଉଚ୍ଚାଟ, ଉଚ୍ଛନ୍ନ କରେ ପକ୍ଷୀକୁ...
କାହିଁକି ଗାଉଥାଏ
କାହା ପାଇଁ ଗାଉଥାଏ
ନିରନ୍ତର...!!
ସେ କଥା ତା’ତୁ ହିଁ କେବଳ
ଥାଏ ଜଣା... । ■



ଗ୍ରା:/ପୋ: କପାଳେଶ୍ୱର
ଠାକୁରପାଟଣା, କେନ୍ଦ୍ରାପଡ଼ା
ପିନ୍- ୭୫୪୨୫୦

## ଭୋକିଲା





ସତ୍ୟନାରାୟଣ ଗନ୍ତାୟତ

ଭାତ ଜାଉ ହୋଇଗଲା ?
ତ’ ବାଢ଼ି ଦିଅ
ଖାଇ ଯିବି ମୁଁ
ଚାଖିବାକୁ ଟିପେ ଲୁଣ ଅଛିଟି ?
ସେଇ ଖୁବ୍ !

କ’ଣ କହିଲ ?
ତରକାରି ଲୁଣିଆ ହୋଇ ଯାଇଛି
କେହି ଖାଉ ନାହାନ୍ତି ?
ତ’ ମୋତେ ଦେଉନା
ଚାଟିଚୁଟି ଖାଇଯିବି !
ଡାଲି ବି ପାଣିଆ ହୋଇ ଯାଇଚି
ମୋତେ ଦିଅ, ଗୋଳାଇବା ସହ
ପିଇ ଯିବି ବି !

ହେଇଟି କହି ଦେଉଛି
କେବେ ରୁଟି ପୋଡ଼ିଗଲେ ବି
ରଖି ଦେଇଥିବ ମୋ’ ପାଇଁ !!
ଏଇ ତମ ଘରପାଖ ବସ୍ତି ଶେଷରେ
ଜଣକ ପିଣ୍ଡା ହିଁ ଠାବ ମୋର
ନିଇତି ସଞ୍ଜରେ ଆସି ଯାଉଥିବି
ତମଠୁ ଏମିତି କିଛି ନା କିଛି ପାଇବା ଆଶାରେ !

ଜାଣି ପାରୁଥିବ ମୋ’ ପେଟରେ
ଜଳୁଥାଏ ଭୋକ ହୁତହୁତ ହୋଇ
ଲୁଣିଆ ପାଣିଆ ପୋଡା ସଢ଼ା
ସବୁ କିଛି ଅମୃତୋପମ ମଣି
ସେ ନିଆଁ ଲିଭାଏ ତେଣୁ
ସବୁ କିଛି ଖାଇ !!

ଭୋକର ଜ୍ୱାଳାରେ
ଭୋକିଲା ମୁଁ
ଏଇମିତି ସବୁବେଳେ
ପେଟ ଚାଖଣ୍ଡକ ପାଇଁ !! ■

‘ସୁହାସିତମ୍’, କସ୍ତୁରୀ ନଗର
ରାୟଗଡ଼ା, ପିନ୍: ୭୬୫୦୦୧
ମୋ: ୯୪୩୭ ୯୦୯ ୬୭୫

## ମୁକ୍ତି



ସୁଚରିତା ବେହେରା



ରବିବାର ହେଲେ ସେ ସ୍ତ୍ରୀ ଲୋକଟି ଆସେ ତାଙ୍କ ଗଳିକୁ । ଶାଳପତ୍ର ଓ କାଠି ବିକ୍ରି କରିବାକୁ । ଖାଲି ତାଙ୍କ ଗଳି କାହିଁକି, ଏମିତି ଅନେକ ଗଳି ବୁଲେ ସେ । ସମ୍ବେଦନା ଦେଖେ ତାକୁ ଛାତ ଉପରୁ । ଖବରକାଗଜ ଓ କଫି ମଗରୁ ସ୍ୱତଃସ୍ଫୂର୍ତ୍ତ ଭାବେ ତା’ ନଜର ଚାଲିଯାଏ, ସେ ସ୍ତ୍ରୀ ଲୋକଟି ଆଡ଼େ । ସାବନା ବର୍ଣ୍ଣ, ପତଳା ହେଇ ଡେଙ୍ଗା ସ୍ତ୍ରୀ ଲୋକଟି । ମୁଣ୍ଡରେ କାଠିବିଡ଼ା, ହାତରେ ଶାଳପତ୍ର ଭର୍ତ୍ତି ବ୍ୟାଗ୍ । ପାଦରେ ପୁରୁଣା ସ୍ଲିପର୍ ସହିତ ରଙ୍ଗଛଡ଼ା ସୂତା ଶାଢ଼ି ଖଣ୍ଡେ ପିନ୍ଧି ମୁହଁ ଦେହ ଝାଳରେ ସମ୍ପୂର୍ଣ୍ଣ । ତାକୁ ଦେଖିଲେ ସମବେଦନାରେ ସମ୍ବେଦନାର ମନ ବତୁରି ଯାଏ । ଆହାଃ କେତେ ପରିଶ୍ରମ କରୁଛି ସେ! ଆଶ୍ଚର୍ଯ୍ୟ ବି ହୁଏ ବର୍ତ୍ତମାନ ଯୁଗରେ କ’ଣ ଏହାର ଆବଶ୍ୟକତା ଅଛି! କିଏ କିଣୁଥିବ ଏସବୁ । କିନ୍ତୁ ନିଜେ ସମ୍ବେଦନା କିଣେ । କାହିଁକି କିଣେ ତା’ ଉତ୍ତର ସେ ଖୋଜିନି ।

କିଛି ସମୟ ପରେ ଗେଟ୍ ଖୋଲି ଭିତରକୁ ପଶିଆସିଲା ସେ । ମୁଣ୍ଡ ଉପରୁ କାଠିବିଡ଼ାତକ ତଳେ ଥୋଇଦେଇ ପୋର୍ଟିକୋରେ ବସିପଡ଼ିଲା । ଏବେ ଆଉ ଅନୁମତିର ଆବଶ୍ୟକତା ହୁଏନି ।

“ଦିଦି, ଆଜି ଥକିଗଲି..., କିଛି ସମୟ ବସିକି ଯିବି ।”

“ବସନ୍ତୁ... ।” ସମ୍ବେଦନା ପାଣି ଗ୍ଲାସଟେ ବଢ଼େଇ ଦେଇ କହିଲା ।

“ତୁମେ ସବୁଥର କିଣ ବୋଲି ମୁଁ ଆଉ ପଚାରେନି... ।” ବ୍ୟାଗରୁ ଶାଳପତ୍ର ବିଡ଼ାଟି କାଢ଼ି ସମ୍ବେଦନା ହାତକୁ ବଢ଼େଇ ଦେଉ ଦେଉ କହିଲା । ସମ୍ବେଦନା ସାମାନ୍ୟ ହସି ତା’ଠୁ ଶାଳପତ୍ର ବିଡ଼ାଟି ନେଇ ପଇସା ବଢ଼େଇ ଦେଲା ।

ବେଶ୍ କିଛି ଦିନ ହେଲାଣି ସମ୍ବେଦନା ସହିତ ତା’ ଚିହ୍ନା ପରିଚୟ । ସ୍ତ୍ରୀ ଲୋକଟିର ନାମ କମଳା । ଆଗରୁ ବେଶୀ କଥା କହୁନଥିଲା । କେବଳ ଅନୁରୋଧ କରୁଥିଲା ତା’ ଜିନିଷ କିଣିବାକୁ । ଏବେ ଆସିଲେ ସପ୍ତାହ ସାରାର କଥା ଗପେ । କେମିତି ଏବେ ଶାଳପତ୍ର ଆଣିବାକୁ ଜଙ୍ଗଲକୁ ଗଲେ ତାକୁ ଗୁଡ଼ାଏ ବାଟ ଯିବାକୁ ହୁଏ, ସେଥିରେ ଫରେଷ୍ଟ ଗାର୍ଡ଼ର ତାଗିଦ, ଘରେ ପୁଅର ଦୁଷ୍ଟାମୀ କଥା, ମା’ର ଔଷଧ ପାଇଁ କେତେ ହଇରାଣ ହେଲା.... ସବୁ ଅମୂଳଚୁଳ ଅନର୍ଗଳ ଗପେ । ସେ ଭିତରେ ତା’ ନିର୍ଯାତିତ ଅତୀତର ପୃଷ୍ଠାଗୁଡ଼ିକ ବି ଖୋଲି ହୋଇଯାଏ । ଶାଶୁ ଶଶୁରଙ୍କ ଅକଥନୀୟ ଅତ୍ୟାଚାର ସହିତ ସ୍ୱାମୀର ପରୋକ୍ଷ ସମର୍ଥନ କଥା କହିଲା ବେଳେ ତା’ ଅନ୍ତରର ବେଦନାକୁ ଖୁବ୍ ଭଲଭାବେ ଅନୁଭବ କରେ ସମ୍ବେଦନା । ସାନ୍ତ୍ୱନା ଦିଏ ତାକୁ ଧୈର୍ଯ୍ୟ ରଖିବାକୁ ।

ସମ୍ବେଦନା ବେଳେ ବେଳେ ମନ ଦେଇ ଶୁଣେ ତା’ କଥା...କେତେବେଳେ ଅନ୍ୟମନସ୍କ ବି ହୁଏ, କିନ୍ତୁ କେବେ ମଝିରୁ ତା’ କଥା କାଟେନି । କହୁ ଯାହା କହିବା କଥା । ଅନ୍ତତଃ ତା’ ମନ ହାଲକା ହେଇଯିବ । ଏଇ ଧାଁ ଦଉଡ଼ ଦୁନିଆରେ କିଏ ଅଛି କାହା କଥା ଶୁଣିବାକୁ । ସମସ୍ତେ ଯେଝା ଦୁନିଆଁରେ ବ୍ୟସ୍ତ । ସମ୍ବେଦନା ବି ତ ବେଳେ ବେଳେ ନିଜ ଲୋକଟିଏ ଖୋଜି ପାଏନି, ଯିଏ ତା’ ମନ କଥା ଶୁଣିବ, ବିନା କୌଣସି ସର୍ତ୍ତରେ... ।

“ତତେ କିଛି କହିବି କମଳା... ।” ସାମାନ୍ୟ ଦ୍ୱିଧାର ସହ ସମ୍ବେଦନା କହିଲା ।

“କହୁନ ଦିଦି... ।”

“ତୋ’ ସ୍ୱାମୀ ସହିତ କଥାବାର୍ତ୍ତା କରି ଶାଶୂଘରକୁ ଗଲେ ହୁଅନ୍ତାନି...?”

“ଶାଶୁ ଘରକୁ ଗଲେ ମତେ କ’ଣ ମିଳିବ ଦିଦି ?” ବଡ଼ ବଡ଼ ଆଖିରେ ଆଶ୍ଚର୍ଯ୍ୟ ହେଇ ସମ୍ବେଦନାକୁ ଓଲଟା ପ୍ରଶ୍ନ କଲା କମଳା ।

“ମୁକ୍ତି... ଏଇ ହାଡ଼ଭଙ୍ଗା ପରିଶ୍ରମରୁ ତ ତତେ ମୁକ୍ତି ମିଳିବ ।”

ଏଥର ସମ୍ବେଦନା କଥାରେ ହସିଲା କମଳା... । କିଛି ସମୟ ପରେ ଦୃଢ଼ ଅଥଚ ନିର୍ଭୀକ ସ୍ୱରରେ କହିଲା “ପରିଶ୍ରମକୁ ଡରି ମୁଁ ଯିବି ସେଠି ଗାଳି ମାଡ଼ ଖାଇବାକୁ... କେବେ ନୁହେଁ! କାମ ତ ସେଠିବି କରୁଥିଲି, ଏଠିବି କରୁଛି...କିନ୍ତୁ ତଫାତ୍ କ’ଣ ଜାଣିଛ ଦିଦି..., ଏଠି ଶାନ୍ତି ଅଛି, ସ୍ୱାଧୀନତା ଅଛି... ।”

କମଳାର ଶେଷ ବାକ୍ୟଟି ସମ୍ବେଦନାକୁ ଅନେକ କିଛି ଭାବିବାକୁ ବାଧ୍ୟ କରିଥିଲା... । ■

ଫ୍ଲାଟ ନମ୍ବର-ଏଲ୍-୭୦୨
ଜସ୍ମିନ ଗ୍ରୋଭ, ଗାଜିଆବାଦ, ଉତ୍ତର ପ୍ରଦେଶ

# ବାହୁଡ଼ାରେ ଭିଡ଼ ନିୟନ୍ତ୍ରଣ ପାଇଁ କମାଣ୍ଡ କଣ୍ଟ୍ରୋଲ ଭେହିକଲ୍

■ ପ୍ରବେଶ ପଥରେ ନଜର ରଖୁଛି ଇଆଇ କ୍ୟାମେରା ଓ ଡ୍ରୋନ୍
■ ପୁରୀ ଦାୟିତ୍ୱରେ ୬ ହଜାର ପୁଲିସ, ୮୦୦ କେନ୍ଦ୍ରୀୟ ଯବାନ

ଭୁବନେଶ୍ୱର,୫ ।୭ (ସମିସ): ଗୁଣ୍ଡିଚା ଯାତ୍ରାରେ ପୁରୀରେ ଯେଉଁ ଅଘଟଣ ଘଟିଲା ବାହୁଡ଼ା ଯାତ୍ରାରେ ତାହାର ଯେପରି ପୁନରାବୃତ୍ତି ନଘଟେ ସେଥିଲାଗି ଆଜି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ନିଜେ ପୁରୀରେ ରହି ସୁରକ୍ଷା ବ୍ୟବସ୍ଥା ନିଜେ ତଦାରଖ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ଆଉ ୪ଜଣ ଅତିରିକ୍ତ ପୁଲିସ ଡିଜି ।

ଭିଡ଼ ଉପରେ ନଜର ରଖିବାକୁ ବଡଦାଣ୍ଡରେ ରଖାଯାଇଥିଲା କମାଣ୍ଡ କଣ୍ଟ୍ରୋଲ ଭେହିକଲ୍ । ଏହି ଭ୍ୟାନ ଭିତରୁ ପୂରା ଭିଡ଼ ଉପରେ ନଜର ରଖିଥିଲା । ଯେଉଁ ସ୍ଥାନରେ ଭିଡ଼ ହେଉଥିଲା ନିୟନ୍ତ୍ରଣ କରିବାକୁ ତ୍ୱରିତ କମାଣ୍ଡ ମଧ୍ୟ ଦିଆଯାଉଥିଲା । ଆଜି ବାହୁଡ଼ାଯାତ୍ରା ବେଳେ ପୁରୀ ସହରରେ ଆଇନ ଶୃଙ୍ଖଳା ପାଇଁ ୬ହଜାର ରାଜ୍ୟ ପୁଲିସ କର୍ମଚାରୀ ଏବଂ ୮୦୦ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ଯବାନ ନିୟୋଜିତ ହୋଇଥିଲେ । ସହର ସାରା ୨୭୫ରୁ ଅଧିକ ଏଟିଆଇ-ସକ୍ଷମ ସିସିଟିଭି କ୍ୟାମେରା ଲଗାଯାଇଥିଲା । ଭୁବନେଶ୍ୱର ପ୍ରବେଶ ପଥ ଏବଂ ପିପିଲିରେ ଏଲିଡି ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ୍ ସୂଚନା ଦିଆଯାଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ପୁଲିସ ଅଧୀକ୍ଷକ ପିନାକ ମିଶ୍ର ଶ୍ରୀଗୁଣ୍ଡିଚା ମନ୍ଦିରରେ ନିୟୋଜିତ ହୋଇ ଦେବତାମାନଙ୍କ ରୀତିନୀତି ଉପରେ ନଜର ରଖିଥିଲେ । ପୁରୀ ବଡ଼ଦାଣ୍ଡର ରଖାଯାଇଥିବା କମାଣ୍ଡ କଣ୍ଟ୍ରୋଲ ଭେହିକିଲ ଭିଡ଼ ଉପରେ ନଜର ରଖିଥିଲା । କମାଣ୍ଡ କଣ୍ଟ୍ରୋଲ ଭେହିକଲ୍ ଭିତରେ ଅଗ୍ନିଶମ ଡିଆଇଜି ଉମା ଶଙ୍କର ଦାଶ ଉପସ୍ଥିତି ରହି ସିସିଟିଭି ମାଧ୍ୟମରେ ପୂରା ଭିଡ଼ ଉପରେ ନଜର ରଖିଥିଲେ । ଭୁବନେଶ୍ୱରରୁ ପୁରୀ ପ୍ରବେଶ ପଥ ଯାଏଁ ଟ୍ରାଫିକ୍ ଉପରେ ନଜର ରଖିଥିଲା ଏଆଇ କ୍ୟାମେରା ଓ ଡ୍ରୋନ୍ । କଣ୍ଟ୍ରୋଲରୁମରୁ ଜଳ, ସ୍ଥଳ ଓ ଆକାଶମାର୍ଗ ମନିଟରିଂ କରାଯାଇଥିଲା ।

# ଆଜି ହରିଶୟନ ଏକାଦଶୀ

**୪ ମାସ ଶୋଇବେ ଠାକୁର**

ପୁରୀ,୫।୭ (ସମିସ): ରବିବାର ହରିଶୟନ ଏକାଦଶୀ । ଏହି ଦିନଠାରୁ ୪ ମାସ ପର୍ଯ୍ୟନ୍ତ ଶୟନ ଯିବେ ମହାପ୍ରଭୁ । ତେବେ ହରିଶୟନ ଯାତ୍ରା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ । ଶ୍ରୀଜଗନ୍ନାଥଙ୍କର ଶୟନ ଯାତ୍ରା । ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ । ହରିଶୟନ ଏକାଦଶୀଠାରୁ ଚାରିମାସ ପର୍ଯ୍ୟନ୍ତ ଠାକୁରମାନେ ଶୟନ କରନ୍ତି । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ମହାପ୍ରଭୁ ଶୟନରୁ ଉଠନ୍ତି । ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ଭଳି ନୀତି ଅନୁଷ୍ଠିତ ହୋଇଥାଏ । ବିଳମ୍ବିତ ରାତିରେ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ ପରେ ଭଣ୍ଡାର ମେକାପ ଭଣ୍ଡାରଘରୁ ସୁବର୍ଣ୍ଣର ଶୟନ ଠାକୁରଙ୍କୁ ତିନିରଥକୁ ବିଜେ କରାଇବେ । ଶ୍ରୀବଳଭଦ୍ର ଦେବଙ୍କ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣ (ଶୟନ ଠାକୁର) ବିଜେ କରିବେ । ପୂଜାପଣ୍ଡା ଶୟନ ଠାକୁରମାନଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ଅନ୍ୟାନ୍ୟ ନୀତି ବଢ଼ିଲା ପରେ ତିନିଜଣ ପୂଜାପଣ୍ଡା ତିନିରଥରେ ବିଜେ ହୋଇଥିବା ଶୟନ ଠାକୁରମାନଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ନିକଟକୁ ନେଇଥାନ୍ତି । ସେଠାରେ ପାରମ୍ପରିକ ରୀତି ଅନୁଯାୟୀ, ଶୟନ ନୀତି ଅନୁଷ୍ଠିତ ହୋଇଥାଏ । ଶୟନ ଘରେ ପୂର୍ବରୁ ପେଡ଼ି, ଡାଟ, ଶେଯ, ମାଣ୍ଡି ପ୍ରସ୍ତୁତ ରହିଥାଏ । ଠାକୁରମାନେ ଏଥିରେ ଶୟନ କରନ୍ତି । ଏହି ସମୟରେ ପ୍ରସାଦଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ସାତକାହାଳୀ, ସଞ୍ଜବତୀ ଓ ଦୁର୍ବାକ୍ଷତ ବନ୍ଦାପନା ପରେ ପେଡ଼ି ବନ୍ଦ କରାଯାଏ । ପେଡ଼ି ଉପରେ ଖୋଳ ପକାଯାଏ । ଏସବୁ ସରି ସମସ୍ତେ ବାହାରକୁ ଆସିଲେ ଶୟନ ଘର ଦ୍ୱାର ମଦନମୋହନଙ୍କ ମୁଦରେ ମୁଦ ଦିଆଯାଇ ବନ୍ଦ କରାଯାଏ । ଏହି ସମୟରେ ଠାକୁରମାନେ ଦକ୍ଷିଣକୁ ମୁହଁ କରି ଶୟନ କରିଥାନ୍ତି । ହରିଶୟନ ଏକାଦଶୀଠାରୁ ଚର୍ତୁର୍ମାସ ବ୍ରତ ଆରମ୍ଭ ହୋଇଥାଏ ।

■ କେନ୍ଦୁଝରର ଗୁହାଳଡିହି ରେଳ ଲାଇନରେ ବନ୍ୟାଜଳ

## ଫସିଲା ବ୍ରହ୍ମପୁର-ଟାଟା ନଗର ବନ୍ଦେ ଭାରତ

କେନ୍ଦୁଝର,୫।୭ (ସମିସ): ଶନିବାର ଦିନତମାମ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ବିଭିନ୍ନ ନଦୀନାଳର ଜଳସ୍ତର ବୃଦ୍ଧି ପାଇବା କାରଣରୁ ଦେିତାରୀ- ବାଂଶପାଣି ରେଳ ଲାଇନର ଗୁହାଳଡ଼ିହି ଷ୍ଟେସନ ନିକଟ ରେଳ ଧାରଣରେ ୩-୪ ଫୁଟ୍ ପାଣି ଜମିଛି । ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ ଦୀର୍ଘ ସମୟ ହେବ ବନ୍ଦ ରହିଛି । ବ୍ରହ୍ମପୁର-ଟାଟା ନଗର ବନ୍ଦେ ଭାରତ ଟ୍ରେନ ସେଠାରେ ଅନେକ ସମୟ ଧରି ଫସି ରହିଛି । ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜମିଥିବା ପାଣି ନିଷ୍କାସନ ନିମନ୍ତେ ବଡ଼ବଡ଼ ଜେସିବି ମେସିନର ସାହାଯ୍ୟ ନିଆଯାଉଛି । ସେଠାରୁ ଜଳ ନିଷ୍କାସନ ହେଲେ ଚାଷୀମାନେ ନିକଟସ୍ଥ ଚାଷଜମି କ୍ଷତିଗ୍ରସ୍ତ ହେବାର ଆଶଙ୍କାରେ ରହିଛନ୍ତି । ଅନ୍ୟପକ୍ଷରେ, ଜଳ ନିଷ୍କାସନ ନହେଲା ଯାଏ ଟ୍ରେନ ଚଳାଚଳ ବନ୍ଦ ରହିବ । ସ୍ଥାନୀୟ ଲୋକଙ୍କ ସହାୟତାରେ ଜଳ ନିଷ୍କାସନ ପରେ ବନ୍ଦେ ଭାରତ ଟ୍ରେନ ବଢ଼ିବ ବୋଲି ସୂଚନା ମିଳିଛି ।

## ଅପର କୋଲାବରେ ହେବ ଜଳକ୍ରୀଡ଼ା

ଭୁବନେଶ୍ୱର, ୫।୭ (ସମିସ): କୋରାପୁଟ ଜିଲ୍ଲା ଅପର୍-କୋଲାବ୍ ଡ୍ୟାମ୍‌ରେ ହେବ ଜଳକ୍ରୀଡ଼ା । ଆମ୍ଫିଟ୍ରାଇଟ୍ ସବସିଆ ପ୍ରାଇଭେଟ୍ ଲିମିଟେଡ୍ ଏହାର ଆୟୋଜନ କରିବ । ସଂସ୍ଥା ପକ୍ଷରୁ ଏନେଇ ପୂର୍ବରୁ ଆବେଦନ କରାଯାଇଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଥିପାଇଁ ଡ୍ୟାମ୍‌ର ପାଣ୍ଡି ନାମକ ସ୍ଥାନକୁ ସୁପାରିଶ କରିଥିଲେ । ପରେ କୋଲାବ ନଗର ୟୁକେଏଚ୍‌ଡ଼ବ୍ଲୁ ଅଧୀକ୍ଷଣ ଯନ୍ତ୍ରୀ, ଏସ୍‌ଡିଓ/ଜେଇ ଏବଂ ସଂପୃକ୍ତ ଘରୋଇ ସଂସ୍ଥାର ପ୍ରତିନିଧି ମିଳିତ ଭାବେ ପାଣ୍ଡିରେ ଜଳକ୍ରୀଡ଼ା ପାଇଁ ସ୍ଥାନ ନିର୍ଦ୍ଧାରଣ କରିଛନ୍ତି । ଏହି ସ୍ଥାନ ଡ୍ୟାମ୍‌ର ଅକ୍ଷରୁ ପ୍ରାୟ ୭.୯୭କିଲୋମିଟର ଦୂରରେ ଅବସ୍ଥିତ । ମୁଖ୍ୟଯନ୍ତ୍ରୀ ଏବଂ ବେସିନ୍ ମ୍ୟାନେଜର୍, ଇନ୍ଦ୍ରାବତୀ ଓ କୋଲାବ ବେସିନ, ବର୍ଣ୍ଣିପୁଟ ମଧ୍ୟ ଏଥିପାଇଁ ଏନ୍‌ଓସି ଜାରି କରିବାକୁ ସୁପାରିଶ କରିଛନ୍ତି । ଅପରପକ୍ଷେ ଜଳକ୍ରୀଡ଼ା ଯୋଗୁଁ ଯେପରି ଶବ୍ଦ ପ୍ରଦୂଷଣ ଓ ଜଳ ପ୍ରଦୂଷଣ ନ ହୁଏ, ତାହାକୁ ସଂପୃକ୍ତ ଘରୋଇ ସଂସ୍ଥା ସୁନିଶ୍ଚିତ କରିବାକୁ କୁହାଯାଇଛି । ପାୱାର ବୋଟିଂ ପାଇଁ ଶବ୍ଦ ସର୍ବାଧିକ ୬୦ ଡେସିବେଲରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ଜଳଚର ପ୍ରାଣୀ ଓ ପକ୍ଷୀମାନଙ୍କ ପାଇଁ ଗୁରୁତର ବାଧା ସୃଷ୍ଟି ହେବ ନାହିଁ ବୋଲି କୁହାଯାଇଛି ।

## ଦୁର୍ଘଟଣା ନେଲା ୨ ଜୀବନ

ଅନୁଗୋଳ,୫ ।୭ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ତୁମୁଣି ଗ୍ରାମ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଆରୋହୀଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ କଟକ ଜିଲ୍ଲା ତିଗିରିଆ ବ୍ଲକ ସୁଣ୍ଡପାଳ ଗ୍ରାମର ଅମର ରାଉତ (୨୫) ଓ ପ୍ରଭାତ ରାଉତ (୨୪) । ଅମର ଓ ପ୍ରଭାତ ଝାରସୁଗୁଡ଼ା ବେଦାନ୍ତ କାରଖାନାରେ କାର୍ଯ୍ୟ କରନ୍ତି । ଶନିବାର ଉଭୟ ଏକ ବାଇକ୍‌ରେ ଝାରସୁଗୁଡ଼ାରୁ ଘରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ରାସ୍ତାକଡ଼ରେ ଥିବା ଏକ ପିଲରରେ ଧକ୍କା ହୋଇଥିଲେ । ଗୁରୁତର ଅବସ୍ଥାରେ ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗିଲ୍‌ଙ୍କ ବିରଳ...

୧୯୭୧ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ଭାରତୀୟ ଭାବେ ସର୍ବାଧିକ ୩୪୪ ରନ୍ (୧୨୪ ଓ ୨୨୦) କରିଥିବା ସୁନିଲ ଗାଭାସ୍କରଙ୍କ ରେକର୍ଡକୁ ମଧ୍ୟ ଏହି ଟେଷ୍ଟରେ ଗିଲ୍ ଭାଙ୍ଗିଦେଇଛନ୍ତି । ଶୁବମନ ଗିଲ୍‌ଙ୍କ ଡବଲ ଶତକ ଓ ଅନ୍ୟ ବ୍ୟାଟରଙ୍କ ମିଳିତ ସଫଳତା ବଳରେ ଭାରତ ଏହି ମ୍ୟାଚ୍‌ରେ ୧୦୧୪ ରନ୍ କରିଛି । ଗୋଟିଏ ଟେଷ୍ଟରେ ଗୋଟିଏ ଦଳ ସର୍ବାଧିକ ରନ୍ କରିବାରେ ଏହା ଚତୁର୍ଥ ସର୍ବାଧିକ । ୧୯୩୦ ୱେଷ୍ଟଇଣ୍ଡିଜ୍ ବିପକ୍ଷ କିଙ୍ଗଷ୍ଟନ ଟେଷ୍ଟରେ ଇଂଲଣ୍ଡ ସର୍ବାଧିକ ୧୧୨୧ ରନ୍ କରିଥିଲା ।

### ବାହୁଡ଼ିଲେ ମହାବାହୁ...

ଫେରାଇନେବା ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ । ସେପଟେ ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା । କୁସୁମୀ ଲାଗି ସାରି ଦଇତାପତିମାନେ ଶନିବାର ସକାଳ ୬ଟା ୪୦ରେ ବାହାରିଥିଲେ । ଏହାପରେ ୭ଟା ୫ରେ ମଙ୍ଗଳ ଆଳତି ହୋଇ ସକାଳ ୯ଟା ୧୦ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା । ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ । ସକାଳ ୯ଟା ୫୦ରେ ମଙ୍ଗଳାର୍ପଣ ହୋଇଥିଲା । ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା)ର ୨ଘଣ୍ଟା ୫ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୫୫ରେ ବାଜିଥିଲା ବିଜେ କାହାଳୀ । ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି । ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ । ପରେପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ । ମଧ୍ୟାହ୍ନ ୧୨ଟା ୧୦ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା । ଅଝଟ ନ ହୋଇ ସଅଳ ସଅଳ ରଥକୁ ବିଜେ କରିଥିଲେ ଠାକୁର । ମଧ୍ୟାହ୍ନ ୧୨ଟା ୫୫ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିଥିଲା । ଅପରାହ୍ଣ ୧ଟା ୫ ସୁଦ୍ଧା ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିବା ପରେ ରଥାରୂଢ଼ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ ।

ବେଶ ବଢ଼ିବା ପରେ ଛେରାପହଁରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଗଜପତି ମହାରାଜା ଦିବ୍ୟସିଂହଦେବ ତାମଯାନରେ ଆସି ଶରଧାବାଲିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ । ଆରମ୍ଭ ହୋଇଥିଲା ଛେରାପହଁରା । ତିନିରଥରେ ଗଜପତି ସୁନାବେଣ୍ଟ ଲଗା ଖଡ଼ିକାରେ ଛେରାପହଁରା କରିଥିଲେ । ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥିଲେ ଗଜପତି । ଅପରାହ୍ଣ ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୪୦ ମଧ୍ୟରେ ଶେଷ ହୋଇଥିଲା । ତାଳଧ୍ୱଜ ରଥରେ ଛେରାପହଁରା ସରିବା ପରେ ଏହି ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଲାଗିଥିଲେ । ପରେ ପରେ ନନ୍ଦିଘୋଷ ଏବଂ ଦେବଦଳନ ରଥରୁ ଚାଳମାଳ ଫିଟାଯିବା ସହ ଘୋଡ଼ା ଲାଗି ହୋଇଥିଲେ । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା । ହେଲେ ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୫୦ରେ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା । ପରେପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା । ଲକ୍ଷ ଲକ୍ଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ।

ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା । ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ । ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ତାଳଧ୍ୱଜ, ୭ଟା ୧୫ରେ ଦର୍ପଦଳନ ଓ ୯ଟା ୩୦ ସୁଦ୍ଧା ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା । ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ପୁଣି ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯାଇଥିଲା । ଏହାପରେ ତିନିରଥକୁ ଧାଡ଼ି କରି ରଖାଯିବା ସହ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି । ରବିବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ ।

### ଅଝଟ ହେଲେ...

କାଳିଆସାଆନ୍ତ । ଭାଇ, ଭଉଣୀଙ୍କ ରଥ ଗଡ଼ିଲା, ହେଲେ ସିଂହଦ୍ୱାରରୁ ଗଡ଼ିଲେନି ଜଗତର ନାଥ । ଦୁଇଦିନ ଟଣା ହୋଇଥିଲା ରଥ ।

ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା ହଳଦୀମୁଖି ସୁଭଦ୍ରାଙ୍କ କ୍ଷେତ୍ରରେ । ସୁନାମୁହିଁଙ୍କ ମୁଖରେ ଥିଲା ବିରସର ଭାଷା । କାହିଁକି ମାଆ କଣ ହେଲା? କିଏ କଲା କି ତ୍ରୁଟି । ସତେଯେମିତି ଆଜି ମାନୁ ନ ଥିଲା ମନ । ଆଡପମଣ୍ଡପ ଛାଡିବାକୁ ନ ଥିଲା ଇଚ୍ଛା । ବାହୁଯାତ୍ରାରେ ପହଣ୍ଡି ବେଳେ ଏ ଦୃଶ୍ୟ ବୟାନ କରୁଥିଲା ଅନେକ କିଛି । କାରଣ ପହଣ୍ଡି ବେଳେ ରଥକୁ ଚଢିବାରେ ଅଝଟ କରିଥିଲେ ଭଉଣୀ ସୁଭଦ୍ରା । ସବୁଥର ଖୁସିଖୁସିରେ ବାହୁଡ । ଏଥର କିନ୍ତୁ ବ୍ୟତିକ୍ରମ ହେଲା । ଗୁଣ୍ଡିଚା ମନ୍ଦିରରୁ ଆସିବା ବେଳେ ହଠାତ୍ ଭାରି ହୋଇଗଲେ । ରଥ ଚାରିପଟେ ବୁଲିବା ବେଳେ ସମ୍ଭାଳି ପାରିଲେନି ସେବାୟତ । ବୁଲିଲେ ସିନା ରଥକୁ ଉଠିବାର ଇଚ୍ଛା କରି ନ ଥିଲେ । ସେବାୟତ ବି ଧଇଁସଇଁ ହୋଇପଡିଲେ ।

### ଉଦ୍ଧବ-ରାଜ୍ ଏକାଠି...

ଏକାଠି ହୋଇ ରାଜ୍ୟ ରାଜନୀତିକୁ ନୂଆ ଦିଗ ଦେବାକୁ ଉଦ୍ୟମ କରିଛନ୍ତି । ଉଦ୍ଧବ ଏବଂ ରାଜ୍ ତୀବ୍ର ବିରୋଧ ପରେ ହିନ୍ଦୀ ନିଷ୍ପତ୍ତିକୁ ସରକାର ପ୍ରତ୍ୟାହାର କରିଥିବାରୁ ବିଜୟ ଉତ୍ସବ ପାଳନ କରିବା ଲାଗି ସେମାନେ ଏଠାରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏହି ମହାମିଳନ ଲାଗି ମୁମ୍ବାଇର ୱର୍ଲି ସଭାଗୃହରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହାର ନାମ 'ଆୱାଜ ମରାଠିଚା' (ମରାଠୀଙ୍କ ସ୍ୱର) ରଖା ଯାଇଛି । ଦୁଇ ଦଳ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି । କାର୍ଯ୍ୟକ୍ରମ ।।ରେ ଉଭୟ ୪୮ ମିନିଟ ପର୍ଯ୍ୟନ୍ତ ହିନ୍ଦୀ-ମରାଠୀ ଭାଷା ବିବାଦ, ମୁମ୍ବାଇ-ମହାରାଷ୍ଟ୍ର, ବିଜେପି ଏବଂ କେନ୍ଦ୍ର ସରକାରକୁ ନେଇ ନିଶାଣ କରିଛନ୍ତି ।।

ଏହି ଅବସରରେ ରାଜ୍ ଠାକରେ କହିଛନ୍ତି ଯେ ବାଲ ଠାକ୍‌ରେ ଯାହା କରିପାରି ନ ଥିଲେ ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀଶ କରି ଦେଖାଇଦେଲେ । ଆମ ଦୁଇ ଭାଇଙ୍କୁ ଏକାଠି କରିଦେଲେ । ଏହା ସହିତ ସେ ଫଡନାଭୀଶଙ୍କୁ ସତର୍କ କରାଇ କହିଲେ ଯେ ବିଧାନ ଭବନରେ ଦେବେନ୍ଦ୍ରଙ୍କ କ୍ଷମତା ଥାଇପାରେ, କିନ୍ତୁ ରାସ୍ତାରେ ଆମର କ୍ଷମତା ରହିଛି । ଏବେ ମହାରାଷ୍ଟ୍ର ଚେଇଁ ଉଠିଛି, କ'ଣ ହେଉଛି ତୁମେ ତାହା ଦେଖିବ । ହିନ୍ଦୀକୁ ନେଇ ଆମର କୌଣସି ଆପତ୍ତି ନାହିଁ । କିନ୍ତୁ ଏହାକୁ ଜବରଦସ୍ତି ଲଦିବା ଅନୁଚିତ । ଯଦି ମରାଠୀ ପାଇଁ ଲଢ଼ିବା ଗୁଣ୍ଡାଗର୍ଦି, ତେବେ ଆମେ ଗୁଣ୍ଡା । ଗୁଜରାଟୀ ହୁଅନ୍ତୁ ଅବା ଆଉ କିଏ, ତାଙ୍କୁ ମରାଠୀ ଶିଖିବା ଉଚିତ । କିନ୍ତୁ ଯଦି କେହି ମରାଠୀ ଜାଣି ନାହାନ୍ତି ତାଙ୍କ ସହ ମାର୍‌ପିଟ୍ କରିବାର ଆବଶ୍ୟକତା ନାହିଁ । ଯଦି କେହି ଡ୍ରାମା କରୁଛି ତେବେ ତାକୁ ବାଡେଇବା ଉଚିତ । ଉଦ୍ଧବ କହିଛନ୍ତି ଯେ ଆମକୁ ହିନ୍ଦୁ-ହିନ୍ଦୁସ୍ତାନ ଦରକାର । କିନ୍ତୁ ହିନ୍ଦୀକୁ ଜବରଦସ୍ତି ଲଦିବାକୁ ବରଦାସ୍ତ କରିବୁନି । ଯଦି ତାଙ୍କର ସାତ ପିଢି ଏହା ଚାହାନ୍ତି ତେବେ ବି ଏହା ହେବାକୁ ଦେବୁନି ।

ସୂଚନାଯୋଗ୍ୟ ଯେ ଶେଷ ଥର ପାଇଁ ୨୦୦୬ରେ ବାଲା ସାହେବ ଠାକରେଙ୍କ ରାଲିରେ ଉଦ୍ଧବ ଏବଂ ରାଜ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା । କିନ୍ତୁ ଉଦ୍ଧବ ଶିବସେନା ମୁଖ୍ୟ ହେବା ପରେ ରାଜ ପରିବାରରୁ ଅଲଗା ହୋଇ ଏମଏନଏସ ଗଢ଼ି ଥିଲେ । ସେତେବେଳ ଠାରୁ ସେମାନଙ୍କର ସଂପର୍କ ଭଲ ନଥିଲା ।

### କାହା ଚାପରେ...

ଗତ ୨୧ ତାରିଖରେ ଉପରୋକ୍ତ ୩ ବ୍ୟାଙ୍କକୁ ସରକାରୀ ଅନୁବନ୍ଧିତ ତାଲିକାରୁ ବାଦ୍ ଦେବା ପଛରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଦର୍ଶାଇଥିଲେ । ଗତ୨ଟି ଆର୍ଥିକ ବର୍ଷରେ ସରକାରଙ୍କ ଫ୍ଲାଗସିପ୍ ଯୋଜନା, ପ୍ରମୁଖ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ଉପରୋକ୍ତ ୩ ବ୍ୟାଙ୍କ ଅବହେଳା ପ୍ରଦର୍ଶନ କରିଥିଲେ । ଏପରିକି ଗତ ମଙ୍ଗଳବାର ବ୍ୟାଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ; ମାତ୍ର ଏହି ସବୁ ଯୋଜନାଗୁଡ଼ିକରେ ଏହି ତିନିଟି ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ । ଏପରିକି ରାଜ୍ୟରେ କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହ ଋଣ, ଶିକ୍ଷା ଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଥିବା ଜଣାପଡ଼ିଥିଲା । ଏତେସବୁ ପରେ ମଧ୍ୟ କେଉଁ ପରିସ୍ଥିତିରେ ସରକାର ନିଜ ଛେପ ନିଜେ ଢୋକିଲେ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଏଥର ବର୍ଷାଭିଜା...

ଚାଷୀଭାଇମାନେ ଧାନ ତଳି ଏବଂ ବୁଣାବୁଣି କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟରେ ବର୍ତ୍ତମାନ ବର୍ଷା ଜାରି ରହିଥିବା ବେଳେ ଏନେଇ ନିଜର ଆକଳନ ପ୍ରକାଶ କରିଛନ୍ତି ଡ. ପଶୁପାଳକ । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି । ବର୍ତ୍ତମାନ ସକ୍ରିୟ ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡର ଧାନ୍‌ବାଦ୍ ଉପରେ ରହିଛି । ଏହା ଆସନ୍ତା ୨ରୁ ୩ ଦିନ ପାଖାପାଖି ସେହି ଅଞ୍ଚଳରେ ରହିବ । ଏହାପରେ ପଶ୍ଚିମ ଝାଡ଼ଖଣ୍ଡ ଓ ସଂଲଗ୍ନ ମଧ୍ୟ ପ୍ରଦେଶରେ ଦୁଇ ଦିନ ରହି ଏହାର ପରବର୍ତ୍ତୀ ଦୁଇ ଦିନ ପ୍ରୟାଗରାଜ ଓ ପାଟଣା ମଧ୍ୟରେ ସକ୍ରିୟ ରହିବ । ଫଳତଃ ଓଡ଼ିଶା ଉପକୂଳରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ହୋଇପାରେ ବୋଲି ସେ ଆକଳନ କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭଦ୍ରକଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାରେ ୬ ଓ ୭ ତାରିଖରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ରେ ୮ ତାରିଖ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରରୁ କଳାହାଣ୍ଡି ପର୍ଯ୍ୟନ୍ତ ସୀମାନ୍ତ ଜିଲ୍ଲାରେ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଅପରପକ୍ଷେ ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ଆଜି ହୀରାକୁଦ...

ସାଧାରଣତଃ ଜୁଲାଇ ୩୧ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୫ ଫୁଟ୍ ପାଖାପାଖି ରହିଥାଏ । କିନ୍ତୁ ଗତକାଲିଠାରୁ ନଦୀବନ୍ଧର ଜଳସ୍ତର ଏହି ସୀମା ଡେଇଁଯାଇଛି । ଗତକାଲି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୨ ଫୁଟ୍ ଥିବା ବେଳେ ଆଜି ୬୦୮.୦୬ ଫୁଟ୍‌କୁ ବୃଦ୍ଧି ପାଇଛି । ଆଗକୁ ବର୍ଷା ଥିବାରୁ ଏଥିରେ ମଧ୍ୟ ବୃଦ୍ଧି ଘଟିବାର ସମ୍ଭାବନା ରହିଛି ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧୨୨୮୫୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭୭୯୩ ଘନଫୁଟ ଜଳ ନିଷ୍କାସିତ ହେଉଛି । ପାୱାର ଚ୍ୟାନେଲ ଦେଇ ୩୪୪୯୧ ଘନଫୁଟ, ଶିଳ୍ପାନୁଷ୍ଠାନ ପାଇଁ ୨୩୪ ଘନଫୁଟ, କେନାଲ ପାଇଁ ୩୦୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି । ସମ୍ପ୍ରତି ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ । ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୨୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୯୫୧୬କ୍ୟୁସେକ, ଖଇରମାଲଠାରେ ୮୬୦୦୦ କ୍ୟୁସେକ, ବାରମୁଲଠାରେ ୯୦୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧୩୮୧୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧୦.୪୯ ମିମି ଏବଂ ତଳମୁଣ୍ଡରେ ୭.୬୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

ଅପରପକ୍ଷେ, ଆସନ୍ତାକାଲି ପ୍ରଥମ ବନ୍ୟାଜଳ ଛଡ଼ାଯିବାକୁ ଥିବାରୁ ଆଜି ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଇଛି । ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ସେହିପରି ୪୮ ଘଣ୍ଟା ପୂର୍ବରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସମେତ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଏନେଇ ଅବଗତ କରାଯାଇଛି ।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ସହ ମୋଟ ୯୮ଟି ନିଷ୍କାସନ ଫାଟକ ରହିଛି । ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ ।

### ସାବଧାନ! ଛେନାରୁ...

ଭୁବନେଶ୍ୱର ଓ କଟକରେ ପାଖାପାଖି ୩ ଶହ ଛେନା, ପନୀର୍ ବେପାରୀ ବିଭିନ୍ନ ସ୍ଥାନରେ ଷ୍ଟଲ୍ କରି ବିକ୍ରି କରୁଛନ୍ତି । ଏମାନେ ସମସ୍ତେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବନମାଳୀପୁର, ପାହାଳ, ଜୋହଳ, ନିଆଳି ଆଦି ସ୍ଥାନରୁ ଆସୁଛନ୍ତି । ଜାତୀୟ ରାଜପଥ ଦେଇ ସହର ଭିତରକୁ ପ୍ରବେଶ କରୁଛନ୍ତି । ଜାତୀୟ ରାଜପଥରେ ଲଗାଣ ବର୍ଷା ଯୋଗୁଁ ବର୍ଷା ପାଣି ଜମି ରହୁଛି । ବେପାରୀମାନେ ଛେନାକୁ ବାଇକ୍ ପଛପଟେ ଝୁଲାଇ ଆଣିବାବେଳେ ବଡ଼ ବଡ଼ ଟ୍ରକ୍ ଓ ଦ୍ରୁତଗାମୀ ଗାଡ଼ି ଯିବାବେଳେ ପାଣି ଛିଟା ଛେନା ଗଣ୍ଠିଲି ଉପରେ ପଡୁଛି । ପତଳା ଧୋତି କପଡ଼ାରେ ଛେନା ବନ୍ଧା ହୋଇଥିବାରୁ ରାସ୍ତାର ମଇଳା ପାଣି ସବୁ ଛେନାରେ ମିଶୁଛି । ତା'ପରେ ଏହାକୁ ଆଣି ବିକ୍ରି କରାଯାଉଛି । ବିଶେଷକରି ସନ୍ଧ୍ୟା ସମୟରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଏସବୁ ଖାଦ୍ୟସାମଗ୍ରୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନଜର ଆଢୁଆଳରେ ରହି ଯାଉଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ଏବେ ଡାଇରିଆ ତଥା ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବାରେ ଲାଗିଛି । ଉପକୂଳ ଓ ଉତ୍ତର ଓଡ଼ିଶାରେ ଡାଇରିଆ କଲବଲ କରିବା ପରେ ଏବେ ଦକ୍ଷିଣ ଓଡ଼ିଶାକୁ ବ୍ୟାପିଛି । ରାଜ୍ୟ ସରକାର ଏଥିପାଇଁ ଏକାଧିକ ସଚେତନତାମୂଳକ ପଦକ୍ଷେପ ନେଉଥିବା କହୁଛନ୍ତି । ହେଲେ ଏଭଳି ଏକାଧିକ ଖାଦ୍ୟ ପଦାର୍ଥ ବିକ୍ରି ଦ୍ରବ୍ୟ ଉପରୁ ତାଙ୍କ ନଜର୍ ହଟିଯାଉଛି । ତେଣୁ ଏହା ଉପରେ ଦୃଷ୍ଟି ଦେଲେ ଡାଇରିଆ ନିୟନ୍ତ୍ରଣ ସହ ଲୋକ ସ୍ୱାସ୍ଥ୍ୟହାନୀରୁ ବର୍ତ୍ତିପାରିବେ ବୋଲି କୁହାଯାଉଛି । ଏ ସମ୍ପର୍କରେ ଜଣେ ବରିଷ୍ଠ ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି, ଏହି ବ୍ୟବସାୟୀମାନେ ସନ୍ଧ୍ୟା ସମୟରେ ଆସୁଛନ୍ତି । ନଚେତ୍ ନାଗୁଆ ଦୋକାନରେ ଜିନିଷ ବିକ୍ରି କରି ଚାଲି ଯାଉଛନ୍ତି । ତେଣୁ ଏମାନଙ୍କ ଖାଦ୍ୟ ପଦାର୍ଥ ଯାଞ୍ଚ କରିବା ସମ୍ଭବ ହେଉନି । ଏବେ ଏହା ଉପରେ ମଧ୍ୟ ଯାଞ୍ଚ କରାଯିବ । ଏଥିସହ ଯେଉଁ ଦୋକାନଗୁଡ଼ିକରେ ଏମାନେ ଜିନିଷ ବିକ୍ରି କରୁଛନ୍ତି, ତା'ର ବି ଯାଞ୍ଚ କରାଯାଇ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯିବ ବୋଲି ସେ କହିଛନ୍ତି ।

**AFFIDAVIT**
By virtue of an affidavit sworn before Notary Public Titilagarh, dated 03.07.2025, I, Anka Bhoi, Address: At-Gohirapadar, Po- Binekela, Ps- Titilagarh, Dist- Balangir, Odisha, Pin- 767033 declare that I have changed my name from **Anka Putel** to **Anka Bhoi.** Henceforth, I shall be known as **Anka Bhoi** for all purposes.
Anka Bhoi

**AFFIDAVIT**
I, **Rekha Bhavani Lakhinana**, D/o Satyanarayana Rao Lakinana, resident of Flat No. C-19, RBI Officers colony, Nayapalli, Bhubaneswar, Pin Code - 751015, Odisha, do hereby declared by this affidavit no. 2033, dtd. 04.07.2025 that from now onwards I shall be known as **Rekha Bhavani Lakinana** for all future purposes.

**AFFIDAVIT**
I, Shaikh Nawshad Ali, aged about 34 years, S/o- Sk Khurshid Ali, resident of Purusottampur, Aranga, Jajpur, PIN- 755007, Odisha declared by this affidavit No. 543, dtd-03/07/2025 that now onwards I shall be known as **SK NAWSHAD ALI** for all future purposes.

**OFFICE OF THE MUNICIPAL COUNCIL, NAYAGARH**
No. 1409/ Dt. 30.06.2025
**2nd CORRIGENDUM TO TENDER CALL NOTICE NO. 945 DATED 23.04.2025**
**C-620:** Due to unavoidable circumstance the Tender Call Notice No. **945** dated 23.04.2025, Tender Reference No. **MULNGR-04/2025-26,** Tender ID: **2025_ORULB_112796_1** regarding Providing Consultancy Services for Preparation of Comprehensive Drainage Master Plan and DPR for Storm Water Drainage System of Nayagarh Municipality, in the District of Nayagarh, Odisha is hereby cancelled.
OIPR - 13134/11/0046/2526
Sd/- Executive Officer
Nayagarh Municipality

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/SA/O/SU/2500001011**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**Supply of 33KV cable fault detector.**
Interested bidders are to submit Tender Participation Fee and Authorization Letter through email on or before **17th July 2025, 15:00Hrs,** after which link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- **Head-Contracts and Procurement**

**AFFIDAVIT**
I, Shaikh Khurshid Ali, aged about 65 years, S/o- Sk Makbul Ali, resident of Purusottampur, Aranga, Jajpur, PIN-755007, Odisha declared by this affidavit No. 544, dtd-03/07/2025 that now onwards I shall be known as **SK KHURSHID ALI** for all future purposes.

**AFFIDAVIT**
I, Md Nuruddin, aged about 53 years, S/o- Mahammad Mansur, resident of At-Golamahammad Patana, Bhakar Sahi, Dist-Khurda PIN-752103, Odisha declared by this affidavit No-547, dtd- 05/07/2025 that now onwards I shall be known as **MAHAMMAD NURUDDIN** for all future purposes.

**AFFIDAVIT**
I, Sarika Agarwala, aged about 49 years, W/o- Ashok Kumar Agrawala, resident of At-Madanmohanpada, Po/Ps-Angul, Dist-Angul PIN- 759122, Odisha declared by this affidavit No- 483, dtd- 02/06/2025 that now onwards I shall be known as **SARIKA AGRAWALA** for all future purposes.

**AFFIDAVIT**
By virtue of an affidavit No.2367, Dtd.26.06.2025 sworn before the Executive Magistrate, Bhogarai I, Babu Khan, S/o. Mahemud Khan, At. Sukhasanda, Po. S S Patana, Ps. Bhogarai, Dist. Balasore, Odisha, declare that unfortunately my son name spelling as **Mohammad Sadik Reza khan** Pathan instead of correct spelling **Salman Khan** in his Adhar card no. 653933724938. Henceforth, he will be known as **Salman Khan** for all purposes.

### ଗୃହ ନିର୍ମାଣକୁ ବିତିଲା ୪ ବର୍ଷ, ସରିନି ବିଦ୍ୟୁତ୍ ସଂଯୋଗ

# ଭଡ଼ାଘରେ ଚାଲିଛି ବାଲିକୁଦା ବ୍ଲକ୍ ଆଦର୍ଶ ବିଦ୍ୟାଳୟ

ବାଲିକୁଦା,୫।୭ (ସମିସ):



ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ଖୋଲିବା ଯୋଜନା ପୂର୍ବ ସରକାର ଘୋଷଣା କରିବା ପରେ ସାରା ରାଜ୍ୟର କୃତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଗଣା ଓ ଉତ୍ତମ ଶିକ୍ଷା ପାଇବା ଉତ୍କଣ୍ଠା ବୃଦ୍ଧି ପାଇଥିଲା। ଏପରିକି ଅଭିଭାବକ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ରାଜ୍ୟ ସରକାର ନୂତନ ଗୃହ ନିର୍ମାଣ ପାଇଁ ପ୍ରତ୍ୟେକ ବ୍ଲକକୁ ଅନୁଦାନ ରାଶି ପ୍ରଦାନ କରିଥିଲେ। ଯାହାକୁ ପୂର୍ତ୍ତ ବିଭାଗ ଜରିଆରେ ଟେଣ୍ଡର କରାଯାଇ ଛାତ୍ରଛାତ୍ରୀ ନିବାସ କରାଯାଇଥିବାବେଳେ ଆଦର୍ଶ ବିଦ୍ୟାଳୟ ଗୃହ ଟାଟା କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଥିଲା। ନିର୍ମାଣ ହେବାର ୪ ବର୍ଷ ବିତିଯାଇଥିଲେ ସୁଦ୍ଧା ନୂତନ ବିଦ୍ୟାଳୟରେ ପଢ଼ିବା ସୌଭାଗ୍ୟ ବାଲିକୁଦା ବ୍ଲକ୍ ଛାତ୍ରଛାତ୍ରୀଙ୍କୁ ମିଳିଛି। ବିଦ୍ୟାଳୟ କୋଠା ଓ ଛାତ୍ରାବାସ ନିର୍ମାଣରେ ବିଳମ୍ବ ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଭଡ଼ାଘରେ ଚାଲିଛି ଆଦର୍ଶ ବିଦ୍ୟାଳୟ ପଢ଼ାପଢ଼ା। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଦାବି ହେଉଛି।

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ଦୁଆ ଗ୍ରାମରେ ନିର୍ମାଣ ଚାଲିଥିବା ଆଦର୍ଶ ବିଦ୍ୟାଳୟ ଗୃହ ଓ ଛାତ୍ରଛାତ୍ରୀ ନିବାସ ନିର୍ମାଣ ହୋଇ ଶେଷ ହେବାରେ ଅହେତୁକ ବିଳମ୍ବ ହୋଇଛି। ଠିକା ସଂସ୍ଥାର ଖାମଖିଆଲ ମନୋଭାବ ଓ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା କାରଣରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପାଇଁ ୪ ବର୍ଷ ଲାଗିଥିଲା। ଗୋଟିଏ ମାସ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ଛାତ୍ରଛାତ୍ରୀ ନିବାସକୁ ରାସ୍ତା ସଂଯୋଗ କରାଯାଇଥିଲେ ସୁଦ୍ଧା ବିଦ୍ୟୁତ ସଂଯୋଗ ହୋଇ ନ ଥିବା କାରଣରୁ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଚାବି ଗ୍ରହଣ କରାଯାଉନାହିଁ। ଏପଟେ ପୂର୍ବରୁ ବିଦ୍ୟୁତ ବିଭାଗ ଉପରେ ଦୋଷ ଲଦି ଦେଇ ନିଜକୁ ସଠିକ୍ ଦର୍ଶାଇଥିବା ପୂର୍ତ୍ତ ବିଭାଗ ଚୁପ୍ ରହୁଥିବାବେଳେ ବିଦ୍ୟୁତ ବିଭାଗ ସବୁ କାମ ସାରି ଦେଇଥିବା କହି ଅବଶିଷ୍ଟ କାର୍ଯ୍ୟ ପୂର୍ତ୍ତ ବିଭାଗର ବୋଲି କହିଛି। ୪ ବର୍ଷ ଧରି ଗାଡ଼ି ଭଡା ଦେଇ ଅଭିଭାବକ ନିଜ ପିଲାଙ୍କୁ ପଢ଼ାଉଥିବାବେଳେ ବୋରିକିନା ସ୍କୁଲ ଘରକୁ ଭଡ଼ା ସୂତ୍ରରେ ନେଇ ଶିକ୍ଷାଦାନ ଚାଲିଛି।

ଅନ୍ଧକାର ଘର ଓ ଅସ୍ୱାସ୍ଥ୍ୟକର ପରିବେଶରେ ଶିକ୍ଷାଦାନକୁ ନେଇ ପୂର୍ବରୁ ବହୁବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଛି। ଏପଟେ ଛାତ୍ରୀ ନିବାସ ହସ୍ତାନ୍ତର ପୂର୍ବରୁ ନୂତନ କୋଠାରୁ ପ୍ଲାଷ୍ଟର ଖସୁଥିବାରୁ ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ପୂର୍ତ୍ତ ବିଭାଗର ଦୁର୍ନୀତି ପଦାରେ ପଡିଛି। ଏଭଳି ଏକ ବିପଦପୂର୍ଣ୍ଣ କୋଠାରେ କିଭଳି ଅଭିଭାବକ ସେମାନଙ୍କ କନ୍ୟାଙ୍କୁ ରହିବାକୁ ଦେବେ, ସେନେଇ ପ୍ରଶ୍ନ ଉଠାଇବା ସହ ଘର ଭୁଶୁଡି ପଡ଼ିବା ଆଶଙ୍କା ପ୍ରକାଶ କରିଛନ୍ତି ଅଭିଭାବକ। ରାଜ୍ୟ ରାଜକୋଷରୁ କୋଟି କୋଟି ଅର୍ଥରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କୁ ବିକଶିତ କରିବା ପାଇଁ ଯେଉଁ ଉଦ୍ୟମ କରାଯାଇଥିଲା, ତାହା ଠିକାଦାରଙ୍କ ଲାଭଖୋର ମନୋଭାବ ଯୋଗୁ ଏପରି ସ୍ଥିତିରେ ପହଞ୍ଚିଛି। ଏଣୁ ଏହି ନିମ୍ନମାନର କାମ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ସହ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ କରି ଏହି କୋଠାର ସ୍ଥିତି ଯାଞ୍ଚ କରିବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ। ଏ ନେଇ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନଙ୍କ ବଦଳି ହୋଇଥିବା କାରଣରୁ ଗୃହ ସମ୍ପର୍କରେ କିଛି ତଥ୍ୟ ଦେଇପାରିବେନାହିଁ ବୋଲି କହିଥିଲେ। ତେବେ ବିଦ୍ୟୁତ ସଂଯୋଗ ହୋଇ ନ ଥିବା କାରଣ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସଡିଓ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଆମେ ସୁପରିଭିଜନ କରିବା ସହ ଆମ କାର୍ଯ୍ୟ ଶେଷ କରିଛୁ। ପୂର୍ତ୍ତ ବିଭାଗ ନିଜସ୍ୱ ଖର୍ଚ୍ଚରେ ଏଲଟିଇ ବିଦ୍ୟୁତ ତାର ସଂଯୋଗ କରିବ। ଟ୍ରାନ୍ସଫର୍ମର କାର୍ଯ୍ୟ ମଧ୍ୟ ପୂର୍ତ୍ତ ବିଭାଗ ଶେଷ କରିଛି। ପୂର୍ତ୍ତ ବିଭାଗ ବିଦ୍ୟୁତ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଚିତ୍ରାନନ୍ଦ ତରାଇ କହିଛନ୍ତି, ଇଲେଭେନ କେଭି ତାର ଚୋରି ହୋଇଥିବା କାରଣରୁ କାର୍ଯ୍ୟରେ ବିଳମ୍ବ ଘଟିଥିଲା। ଆସନ୍ତା ସୋମବାର ମଧ୍ୟରେ ଆମେ ଗୃହରେ ବିଦ୍ୟୁତ ସଂଯୋଗ କରି ଆଦର୍ଶ ବିଦ୍ୟାଳୟକୁ ହସ୍ତାନ୍ତର କରିବୁ।

## ବାହୁଡ଼ାରେ ନୀଳଚକ୍ର ୟୁଥ୍ କ୍ଲବ୍‌ର ଚାରା ବଣ୍ଟନ




ପାରାଦୀପ,୫।୭ (ସମିସ): ଆଜି ବାହୁଡ଼ା ଯାତ୍ରାରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ କ୍ଲବ୍ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପାରାଦୀପରେ ଅନୁଷ୍ଠିତ ବାହୁଡା ରଥଯାତ୍ରାରେ ସଂଗଠନ ପକ୍ଷରୁ ୩ ହଜାର ଚାରା ବଣ୍ଟନ କରାଯାଇଛି। ଏଥିରେ ବେଲ, ପିଜୁଳି, ଆମ୍ବ, ପଣସ, ଅଁଳା ଭଳି ନିଜ ବାଡିରେ ଲଗାଇବା ଭଳି ବିଭିନ୍ନ ପ୍ରଜାତିର ଫଳ ଗଛ ସଂଗଠନ ପକ୍ଷରୁ ଭକ୍ତଙ୍କୁ ବଣ୍ଟନ କରାଯାଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ମଧ୍ୟ ନୀଳଚକ୍ର ୟୁଥ୍ କ୍ଲବ୍ ପକ୍ଷରୁ ଦହିପାଣି ବଣ୍ଟନ କରାଯାଇଥିଲା। ଗତ ୮ ବର୍ଷ ଧରି ନୀଳଚକ୍ର ୟୁଥ୍ କ୍ଲବ୍ ପାରାଦ୍ୱୀପ ଅଞ୍ଚଳର ସମୁଦ୍ର କୂଳ, ମହାନଦୀ କୂଳ ଓ ଅଠରବାଙ୍କି ନଦୀ ଧାରରେ ବିଲୁପ୍ତ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛି। ପ୍ରତି ମାସରେ ସୁନ୍ଦରୀ, ଧଉରା, ଙ୍ଗମଣା ଓ ହେନ୍ତାଳ ଭଳି ୨୬ ପ୍ରକାରର ଲୁଣା ଗଛ ଚାରା ରୋପଣ କରାଯାଉଛି। ଯାହା ସ୍ଥାନୀୟ ଅଞ୍ଚଳରେ ଜୈବ ବିବିଧତାକୁ ବଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ସେହିପରି ବେଳାଭୂମି ସଫେଇ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ କ୍ଲବ୍‌ର କାର୍ଯ୍ୟକୁ ସବୁ ମହଲରୁ ପ୍ରଶଂସା କରାଯାଉଥିବାବେଳେ ଚଳିତ ରଥଯାତ୍ରାରେ ଦହିପାଣି ଓ ଚାରା ବଣ୍ଟନ କାର୍ଯ୍ୟ ପାଇଁ କ୍ଲବ୍‌କୁ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ଉପଦେଷ୍ଟା ଅମରେଶ ନରେଶ ସାମନ୍ତ, ବିଶ୍ୱଭୂଷଣ ରାଉତରାୟ ନେତୃତ୍ୱ ନେଇଥିବାବେଳେ ପାରାଦୀପ ପ୍ରଜାପିତା ବ୍ରହ୍ମା କୁମାରୀ ସଂଗଠନର ମୁଖ୍ୟ ସୁମନ ଭଉଣୀ ଅତିଥି ଭାବେ ଯୋଗ ଦେଇଥିଲେ। ସମିତା ଭଉଣୀ, ମମତା ଭଉଣୀ, ଅନାମିକା ଭଉଣୀ, ଶ୍ରୀକାନ୍ତ ଭାଇ ଓ ଶରତ ଭାଇ ଉପସ୍ଥିତ ରହି ଚାରା ବଣ୍ଟନ କରିଥିଲେ। କ୍ଲବ୍‌ର ସଭାପତି ଦେବ ମଣ୍ଡଳ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ବରିଷ୍ଠ ସଦସ୍ୟ ବଳରାମ ରାଉତ, ରାକେଶ ସାହୁ, ଗୌରବ ରାଉତରାୟ, ରାଜେଶ ସାହୁ, ପ୍ରକାଶ ବାରିକ, ମୁନି ଛାଟୋଇ, ଆୟୁଷ୍ମାନ ସ୍ୱାଇଁ, ସଚିନ ଗୋଚ୍ଛାୟତ ପ୍ରମୁଖ ଚାରା ବଣ୍ଟନ ଓ ସାଧାରଣ ଲୋକଙ୍କୁ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ।

## ବାଙ୍କେଶ୍ୱର ଗ୍ରାମ ହରିଜନ ସାହିକୁ ନାହିଁ ରାସ୍ତା



ଆଳି, ୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସିଙ୍ଗିରି ପଞ୍ଚାୟତ ବାଙ୍କେଶ୍ୱର ଗ୍ରାମର ହରିଜନ ସାହି। ଏହି ସାହିରେ ୪୦ରୁ ଅଧିକ ପରିବାର ବସବାସ କରୁଥିବାବେଳେ ଆଜିଯାଏଁ ଲୋକେ ମୌଳିକ ସୁବିଧା ପାଇପାରିନାହାନ୍ତି। ସାହିକୁ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ଯଦି ଅଗ୍ନିକାଣ୍ଡ ଘଟେ, ତେବେ ଅଗ୍ନିଶମ ଗାଡ଼ି ସହଜରେ ପହଞ୍ଚି ପାରେନାହିଁ। ଅପରପକ୍ଷେ ହଠାତ୍ କାହାର ଦେହ ଖରାପ ହେବାଠାରୁ ଆରମ୍ଭ କରି ଯଦି ଗର୍ଭବତୀ ମହିଳା ଚିକିତ୍ସା ପାଇଁ ମେଡିକାଲ ଯିବାକୁ ଚାହେଁ, ତେବେ ଆମ୍ବୁଲାନ୍ସ ଏହି ସାହିକୁ ପ୍ରବେଶ କରିପାରେନାହିଁ।

ଅନ୍ୟପକ୍ଷରେ ସାହିରେ ଥିବା ଏକମାତ୍ର ନଳକୂପ ନିକଟରେ ଆଣ୍ଠୁଏ ଉଚ୍ଚର କାଦୁଅ। ମହିଳାମାନେ ପଚ ପଚ କାଦୁଅରେ ପଶି ପିଇବା ପାଣି ପାଇଁ ଯିବା ଆସିବା କରନ୍ତି। ଏବେ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପୁଥିବାବେଳେ ଏହି ସାହିର ଲୋକେ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ବସବାସ କରୁଛନ୍ତି। ଏ ନେଇ ସାହିବାସିନ୍ଦା ବିଭିନ୍ନ ସମୟରେ ପ୍ରଶାସନକୁ ଭେଟି ବାରମ୍ବାର ଜଣାଇଥିଲେ ମଧ୍ୟ ଫଳଶୂନ। ଯଦି ରାସ୍ତା ନିର୍ମାଣ କରା ନ ଯାଏ, ତେବେ ଆଗାମୀ ଦିନରେ ସାହିବାସିନ୍ଦା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଆନନ୍ଦ ମଲିକ, ବିନୋଦ ମଲିକ, ବ୍ରହ୍ମାନନ୍ଦ ମଲିକ, ଆଦିକନ୍ଦ ମଲିକ, ହାଡ଼ିବନ୍ଧୁ ମଲିକ, ସୁରେଶ ମଲିକ, ତ୍ରିଲୋଚନ ମଲିକ, ହଳଧର ମଲିକ ଚେତାବନୀ ଦେଇଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ରାଜନଗର, ୫।୭ (ସମିସ): ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ କାଠପାଙ୍ଗରା ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବେଣୁଧର ସାମଲଙ୍କ ସ୍ତ୍ରୀ କବିତା ସାମଲ ଶୋଇଥିଲେ। ଆଜି ଦିନ ୮ଟା ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକେ କବାଟ ତାଡି ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କବିତା ରହୁଥିବା ଘରେ ବିଷଧର ସାପକୁ ଦେଖିବାକୁ ମିଳିଥିବାରୁ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଆଳି ପଠାଇଛି। କବିତାଙ୍କ ସ୍ୱାମୀ ବିଦେଶରେ ରହୁଥିବାବେଳେ ଝିଅ ଭୁବନେଶ୍ୱରରେ ପଢୁଛି।

## ମାର୍ଶାଘାଇ ଗ୍ରାମରୁ ଚୋରି

ମାର୍ଶାଘାଇ, ୫।୭ (ସମିସ): ମାର୍ଶାଘାଇ ଗ୍ରାମର ରଘୁନାଥ ସେଠୀଙ୍କ ଘରୁ ମାଲବାହୀ ଟ୍ରଲିକୁ ୨ ଜଣ ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି। ୪ ତାରିଖରେ ରଘୁନାଥଙ୍କ ଝିଅ ବିବାହ ନିକଟସ୍ଥ ପସ୍ତାମଠାରେ ହେଉଥିବାରୁ ଘରେ କେହି ନ ଥିଲେ। ଏହାର ସୁଯୋଗରେ ସେହି ଗ୍ରାମର ଦୁଇଜଣ ଯୁବକ ଟ୍ରଲିକୁ କଟର ମେସିନରେ କାଟି ନିକଟସ୍ଥ କବାଡ଼ିଆକୁ ବିକ୍ରି କରିଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଟ୍ରଲି ମୂଲ୍ୟ ଦେବାକୁ ରଘୁନାଥ ନିବେଦନ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୫।୭ (ସମିସ): ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜପାଟଣା ଗ୍ରାମର ମାଲିକ ଅଲିସାହାଙ୍କ ଭାଇ ମୁନ କଣ୍ଟିଆ (୨୦) ଆଜି ସକାଳେ ଗାଁ ନିକଟରେ ଥିବା ବରଗଛରେ ରସି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଅଲିସାହା ତାଳଚୁଆ ମେରାଇନ ଥାନାରେ ଅଭିଯୋଗ କରିଛନ୍ତି। ଆଜି ଭୋର ୫ଟା ସମୟରେ ମୁନ ବରଗଛରେ ଝୁଲୁଥିବା ଦେଖି ପଡୋଶୀ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଯାଇ ଦେଖିଲା ବେଳକୁ ମୁନ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଛି। ତାଳଚୁଆ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ରାଜକନିକା କଳା ସଂସ୍କୃତି ସଂଘ ପୂର୍ବତନ ଉପସଭାପତିଙ୍କ ପରଲୋକ



ରାଜକନିକା, ୫।୭ (ସମିସ): ରାଜକନିକା ବ୍ଲକ କଳା ସଂସ୍କୃତି ସଂଘର ପ୍ରତିଷ୍ଠାତା ତଥା ପୂର୍ବତନ ଉପସଭାପତି ବିଶ୍ୱନାଥ ନାୟକ (୭୭)ଙ୍କ ଝାଡ଼ମାଳସ୍ଥ ବାସଭବନରେ ପରଲୋକ ହୋଇଛି। ସେ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ଅବସ୍ଥାରେ ଗୁରୁବାର ରାତି ତିନିଟା ସମୟରେ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇ ପୁଅବୋହୂ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ପରଲୋକରେ ବ୍ଲକ୍ କଳା ସଂସ୍କୃତି ସଂଘ କର୍ମକର୍ତ୍ତା ସୁରେନ୍ଦ୍ର ମହାନ୍ତି, ବସନ୍ତ ରାୟ, ସୁରେଶ ମାହୁନ୍ତ, ସଦାନନ୍ଦ ଶତପଥୀ, ବିଶ୍ୱମ୍ବର ରଣା, ଯୋଗେଶ୍ୱର ପ୍ରଧାନ, ରବି ମିଶ୍ର, ରଞ୍ଜିତା ବେହେରା, ସୁଲେଖା ନାୟକ, ବହୁ କଳାକାରଙ୍କ ସମେତ ସମ୍ପାଦକ ଅଶୋକ ଗିରି ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷ ସମ୍ମାନ ପ୍ରଦାନ କରିଥିଲେ। ତାଙ୍କୁ ଶୋଭାଯାତ୍ରାରେ କାଟଣା ବଜାର ଦେଇ ନିକଟସ୍ଥ ଗ୍ରାମ ପରିକ୍ରମା କରି ଶ୍ମଶାନରେ ଶେଷକୃତ୍ୟ ସମାପନ କରାଯାଇଛି। ବଡ଼ପୁଅ ବିଜନ ମୁଖାଗ୍ନି ଦେଇଥିଲେ। ବିଧାୟକ ପ୍ରତାପ ଦେବ, ବ୍ଲକ୍ ଅଧ୍ୟକ୍ଷା ମିନତୀ ରାଉତ, ପୂର୍ବତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ବିକାଶ ଦାସ, ସଂଘର ଉପସଭାପତି ରବୀନ୍ଦ୍ର ଶତପଥୀ, ବରିଷ୍ଠ କଳାକାର ତଥା ନିର୍ଦ୍ଦେଶକ ଗୟାଧର ନାଥ ଓ ମୁଖ୍ୟ ଉପଦେଷ୍ଟା ଶ୍ରୀନିବାସ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା, ୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତୁଳସୀପୁର ଗ୍ରାମର ସମାଜସେବୀ ଚନ୍ଦ୍ରମଣି ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପୁତ୍ର ଇଂ ଚିତ୍ତରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଆଇନଜୀବୀ ଶଙ୍କର୍ଷଣ ରାଉତ, ଆମେରିକା ପ୍ରବାସୀ ମୁକୁନ୍ଦ ଜେନା, ବଟିରା ସମିତି ସଭ୍ୟା ସୁନତୀ ସାହୁ, ଗରଜଙ୍ଗା ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, ମଣିକୁଣ୍ଡାର ପୂର୍ବତନ ସରପଞ୍ଚ ପ୍ରତାପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ନାୟକ, ସୁଶାନ୍ତ ନାୟକ, ଅଶୋକ ସ୍ୱାଇଁ, ନିଲୁ ନାୟକ, ବୋହୂ ସୁଜାତା ସାହୁ, ଶଶୀରେଖା ସାହୁ, ମିନତୀ ସାହୁ, ଭାରତୀ ଦଳେଇ, ସୌମ୍ୟରଞ୍ଜନ ନାୟକ, ପ୍ରମୋଦ ନାୟକ, ଉମାକାନ୍ତ ରାଉତ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁତୁରା ପବିତ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସମାଜସେବୀ ବିକ୍ରମ ନାୟକଙ୍କ ସ୍ମୃତିସଭା

ରାଜକନିକା, ୫।୭ (ସମିସ): ସମାଜସେବୀ ସଂଗ୍ରାମପୁର ଗ୍ରାମର ବିକ୍ରମ କେଶରୀ ନାୟକଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି।



ଗତ ୨୪ ତାରିଖ ଅପରାହ୍ନରେ ଘରକୁ ଫେରୁଥିବାବେଳେ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ। କୋଇଲିପୁର ପଞ୍ଚାୟତର ଯୁବନେତା କୃତ୍ତିବାସ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ସିଡିଏମଓ ପ୍ରମୋଦ ପ୍ରହରାଜ, ସରପଞ୍ଚ ଅରୁଣ କୁମାର ରାଉତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କର୍ମଚାରୀ ରଞ୍ଜନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ, ଶିକ୍ଷକ ରତିକାନ୍ତ ରାଉତ, ପ୍ରାଣୀ ଓ ପଶୁ ଚିକିତ୍ସକ ନିରୋଦ ନାୟକ, ସ୍ୱରାଜ ଦାସ, ରାଜନାରାୟଣ ଜେନା, ଦେବଜ୍ୟୋତି ଜେନା, ଶୁଭ୍ରଜିତ ବିଶ୍ୱାଳ, ବାଲ୍ୟବନ୍ଧୁ ଜଗନ, ପପୁ, ମୁରଲୀ ଓ ନିଉଟନଙ୍କ ସମେତ ସଂଗ୍ରାମପୁର ୟୁଥ କ୍ଲବ୍‌ର ସଦସ୍ୟ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବିକ୍ରମଙ୍କ ସ୍ମୃତିରେ ଗଛଟିଏ ସ୍ମୃତିଟିଏ କାର୍ଯ୍ୟକ୍ରମରେ ଶତାଧିକ ଚାରା ବଣ୍ଟନ କରାଯାଇଥିଲା।

## ଇସ୍କନ ମନ୍ଦିରରୁ ଚୋରି

ରାଜନଗର, ୫।୭ (ସମିସ): ରାଜନଗର ଥାନା ଅନ୍ତର୍ଗତ ବ୍ରାହ୍ମଣସାହି ପଞ୍ଚାୟତର ଗଜରାଜପୁରଠାରେ ଥିବା ଇସ୍କନ ମନ୍ଦିରରୁ ଗତକାଲି ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦାନବାକ୍ସ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଜଣାପଡ଼ିଛି। ଇସ୍କନ ମନ୍ଦିରର ସମ୍ପାଦକ ଅର୍ଜୁନ ଚରଣ ନାୟକଙ୍କ ଅଭିଯୋଗ ମୁତାବକ, ୪ ତାରିଖ ରାତି ପ୍ରାୟ ୨ଟା ସମୟରେ କେତେକ ଦୁର୍ବୃତ୍ତ ମନ୍ଦିର ଭିତରେ ପଶି ଭକ୍ତଙ୍କୁ ବାହାରୁ ତାଲା ପକାଇ ଦାନ ବାକ୍ସ, ରୂପା ଥାଳି, ଗିନା, କଂସା, ଲାପଟପ ଟ୍ୟାବ ଆଦି ଲୁଟି ନେଇଛନ୍ତି। ମନ୍ଦିରର କିଛି ଭକ୍ତ ବାହୁଡା ଯାତ୍ରା ପାଇଁ ପୁରୀ ଯାଇଥିବା ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିବା ଜଣାପଡିଛି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରେ ୭ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ମନ୍ଦିର ନିକଟରେ ଓହ୍ଲାଉଛନ୍ତି। ୫ ଜଣ ପଳାଇ ଯାଉଛନ୍ତି। ଦୁଇଜଣଙ୍କ ମଧ୍ୟରୁ ଜଣେ ବାହାରେ ଜଗି ରହୁଛି, ଅନ୍ୟ ଜଣେ ମନ୍ଦିର ଭିତରେ ପ୍ରବେଶ କରୁଛି। ମନ୍ଦିର ତାଲା ଭାଙ୍ଗି ଭିତରୁ ଦାନ ବାକ୍ସ ଲୁଟି ନେବାର ଦୃଶ୍ୟ କଏଦ ହୋଇଛି। ୩/୪ ଥର ଦୁର୍ବୃତ୍ତ ମନ୍ଦିର ବାହାରକୁ ଆସିବା ଓ ଭିତରକୁ ଯାଇଥିବା ଦେଖିବାକୁ ମିଳିଛି। ମନ୍ଦିରରୁ ବାହାରିବା ପରେ ଦୁର୍ବୃତ୍ତ ଫୋନରେ କଥା ହୋଇ ଚାଲି ଚାଲି ଯାଉଥିବା ସିସିଟିଭିରେ କଏଦ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଛାନଭିନ ଆରମ୍ଭ କରିଛି।



## କୁରୁଣ୍ଟି ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ



ରାଜନଗର, ୫।୭ (ସମିସ): ରାଜନଗର ବ୍ଲକ୍ କୁରୁଣ୍ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ନବନିର୍ମିତ ଗୃହର ଲୋକାର୍ପଣ ଉତ୍ସବ ପବିତ୍ର ବାହୁଡ଼ାରେ ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଗୃହକୁ ଉଦଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମବାୟ ସମିତି ସଭାପତି ଶ୍ରୀକାନ୍ତ ପ୍ରଧାନ, ଉପସଭାପତି କୁଞ୍ଜଲତା ବରାଳ, ବୋର୍ଡ ନିର୍ଦ୍ଦେଶକ ସଂଯୁକ୍ତା ମଙ୍ଗରାଜ, ରମେଶ ଚନ୍ଦ୍ର ବିଶ୍ୱାଳ, ଅମର ସ୍ୱାଇଁ, ଯାମିନୀକାନ୍ତ ବେହେରା, ଚିତ୍ତରଞ୍ଜନ ପରିଡ଼ା, ଅଲେଖ ବେହେରା, ବିଦ୍ୟାଧର ମଲ୍ଲିକ, ସତ୍ୟବାଦୀ ରାଉତ, ଶିବନାରାୟଣ ରାଉତ, ପ୍ରଫୁଲ୍ଲ ସ୍ୱାଇଁ, ବୀରକିଶୋର ତରାଇ, ଦିବାକର ପରିଡା, ଶ୍ରୀଚରଣ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଓ ଚାଷୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ଗିରିଶ କୁମାର ଜେନା ପରିଚାଳନା କରିଥିଲେ।

### ■ ତିନିମାସ ପୂର୍ବେ ମିଳିଛି ଆବାସ କାର୍ଯ୍ୟାଦେଶ, ଆସୁନି ପ୍ରଥମ କିସ୍ତି

## ବର୍ଷାରେ ଭାଙ୍ଗିପଡ଼ିଲା କାନ୍ଥ, ଭଙ୍ଗାଘରେ ଦିବ୍ୟାଙ୍ଗ ପ୍ରତୀମା



ଡେରାବିଶ, ୫।୭ (ସମିସ):

ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର ଆର୍ଥିକ ଅନଗ୍ରସର ଓ ଦିବ୍ୟାଙ୍ଗ ପ୍ରତୀମା ପ୍ରଧାନ। ପୈତୃକ ସମ୍ପତ୍ତି କହିଲେ ଝାଟିମାଟି ଘର ଖଣ୍ଡିଏ। ବହୁ କଷ୍ଟରେ ସେ ନିଜର ପ୍ରତିପୋଷଣ କରିଥା'ନ୍ତି। ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ୩୦ ତାରିଖରେ ପ୍ରତୀମାଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ। ଏଥିରେ ପ୍ରତୀମା ଉତ୍ସାହିତ ହୋଇ ତାଙ୍କ ଝାଟିମାଟି ଘରର ଅଧା ଭାଙ୍ଗି ଦେଇ ଅପେକ୍ଷା କରିଥିଲେ ପକ୍କା ଗୃହ ବଖରାଏ ନିର୍ମାଣ କରିବେ। ତେବେ ତାଙ୍କ ଘର ନିର୍ମାଣ ଆଶା ଏବେ ସ୍ୱପ୍ନରେ ପରିଣତ ହେବାକୁ ବସିଛି। କାର୍ଯ୍ୟାଦେଶ ପାଇବାର ତିନିମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ଜମାଖାତାକୁ ପ୍ରଥମ କିସ୍ତି ବାବଦ ୪୦ ହଜାର ଟଙ୍କା ଆସିନାହିଁ। ପ୍ରତୀମା କହିଛନ୍ତି, ତାଙ୍କ ଜାମାଖାତାକୁ ମାତ୍ର ଟଙ୍କାଟିଏ ଆସିଛି। ଏପଟେ ଝାଟିମାଟି ଘର ଅଧା ଭାଙ୍ଗି ଦେଇଥିବାରୁ ଲଘୁଚାପ ବର୍ଷାରେ ସେ ବହୁ ଅସୁବିଧା ଭୋଗୁଛନ୍ତି। ଦୁଇଦିନ ତଳେ ସେ ଶୋଇଥିବାବେଳେ ବର୍ଷା ପାଣିରେ କାନ୍ଥ ଭେଦି ଦଲକାଏ ଖସିପଡ଼ିଛି। ସୌଭାଗ୍ୟକୁ ଏହି କାନ୍ଥ ତାଙ୍କ ଉପରେ ନ ପଡ଼ି କଡ଼ରେ ପଡ଼ିଥିଲା। ଫଳରେ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା କହିଛନ୍ତି। ବର୍ଷା ସମୟରେ ଭଙ୍ଗା ଘରେ ଶୋଇ ହେଉନାହିଁ। ଆଉଏକ ଚାଳଘର କରିବାକୁ କି ଭଙ୍ଗା ଘରକୁ ମରାମତି କରିବାକୁ ଅର୍ଥ ନାହିଁ। ଦିବ୍ୟାଙ୍ଗ ପ୍ରତୀମା ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ସରକାର ତୁରନ୍ତ ବେସାହାରା ଦିବ୍ୟାଙ୍ଗ ପ୍ରତୀମାଙ୍କୁ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା ଯୋଗାଇ ଦେବାକୁ ସମାଜସେବୀ ଗଗନ ଧଳ ଦାବି କରିଛନ୍ତି।

## କନକଦୁର୍ଗା ବିଦ୍ୟାଳୟରେ ବନ ମହୋତ୍ସବ




ଜଗତସିଂହପୁର, ୫।୭ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପିତେଇପୁରସ୍ଥ କନକଦୁର୍ଗା ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିତୀ ମହାନ୍ତି, ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନୌସିନ ସାବା, ବନପାଳ ପୀତବାସ ମହାପାତ୍ର, ସହକାରୀ ଆଇନ ସହାୟତା ପ୍ରତିରକ୍ଷା ଓକିଲ ସୁବ୍ରତ କୁମାର ସେନାପତି, ଶିକ୍ଷକ ପ୍ରଦୀପ ସ୍ୱାଇଁ, ରାଜେନ୍ ମହାନ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ପ୍ରତିହାରୀ ବନ ମହୋତ୍ସବ ସପ୍ତାହ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇବ ସହ ବୃକ୍ଷ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡିଥାଏ। ଯଦ୍ୱାରା ବାୟୁମଣ୍ଡଳ ଥଣ୍ଡା ରହିଥାଏ ବୋଲି ପ୍ରକାଶ କରିଥିଲେ। ବୃକ୍ଷର ଅଙ୍ଗାରକ ଗ୍ରହଣ କରିବା କ୍ଷମତା ଅଧିକ ଥାଏ। ବୃକ୍ଷ ବଡ଼ ହେବା ସହ ଅଙ୍ଗାରକ ଗ୍ରହଣ କ୍ଷମତା ମଧ୍ୟ ବଢ଼ିଥାଏ। ବୃକ୍ଷ ବାୟୁମଣ୍ଡଳର ସନ୍ତୁଳନ ରଖିଥାଏ। ବାୟୁମଣ୍ଡଳ ସ୍ୱଚ୍ଛ ରହିଲେ ମଣିଷ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବ ଓ ବୃକ୍ଷ ରୋପଣ କରିବା ସହ ବୃକ୍ଷକୁ ସୁରକ୍ଷା ଦେବାକୁ ଜିଲ୍ଲା ଜଜ ଶ୍ରୀ ପ୍ରତିହାରୀ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ମହାବାହୁ

ଯୋରନ୍ଦା,୫।୭(ସମିସ)

ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ଆଞ୍ଚଳିକ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉମାନଙ୍କ ରଥ ଆସି ମନ୍ଦିରରେ ପହଞ୍ଚିଥିଲା। ଭୋର ସମୟରୁ ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ରଥକୁ ଶୋଧନ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପୂଜକ ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ ରଥରେ ଛେରାପହଁରା କରିଥିଲେ। ପୂଜକ ଅଦ୍ୱୈତ ହୋତା, ମୁରଲୀଧର ଶତପଥୀ, ରୁଚିର ପାଳ, ଅଜିତ ଶତପଥୀ, ଗୌରାଙ୍ଗ ମିଶ୍ର ପ୍ରମୁଖ ପୂଜାନୀତି ପରିଚାଳନା କରିଥିଲେ। ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ଯୋରନ୍ଦା ଗୋବିନ୍ଦଜୀଉ ସଂକୀର୍ତ୍ତନ ମଣ୍ଡଳୀର ଘଣ୍ଟୁଆ ଦଳ ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ପ୍ରଭୁଙ୍କ ରଥରେ ଘଣ୍ଟାନାଦ କରିଥିଲେ। ଡାହୁକ ସଞ୍ଜୟ ରଥରେ ଡାକଦେବା ପରେ ରଥଟଣା ଆରମ୍ଭ ହୋଇଥିଲା। ଯୋରନ୍ଦା ଆଞ୍ଚଳିକ ଯୁବଗୋଷ୍ଠୀ ପକ୍ଷରୁ ସୁନୀଲ ନାୟକଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଯୁବକ ରଥ ସମ୍ମୁଖରେ ଜଗନ୍ନାଥ ଭଜନ ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା ୬ଟାରେ ଜାମୁଣ୍ଡରା ଛକରେ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା। ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ, ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହ ଯାତ୍ରା ପରିଚାଳନା କରିଥିଲେ। ସୁଧାଂଶୁ ଶେଖର ରାଉତ ଓ ନିରୋଦ ଚନ୍ଦ୍ର ସାମଲ ଧାରାବିବରଣୀ ପ୍ରଦାନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମହାନ୍ତି, ବରିଷ୍ଠ ସଭ୍ୟ ଡମ୍ବରୁଧର ବେହେରା, ପଞ୍ଚାନନ ସ୍ୱାଇଁ, ରଥଯାତ୍ରା କମିଟି ସମ୍ପାଦକ ଶରତ ରାଉତ, ସତ୍ୟରଞ୍ଜନ ନାୟକ, ସଞ୍ଜୟ ବିଶ୍ୱାଳ, ପୀତବାସ ରାଉତ, ପ୍ରକାଶ ରାଉତ, ନେତ୍ରାନନ୍ଦ ରାଉତ, ପ୍ରସନ୍ନ ରାଉତ, ମହାଦୀପ ଯଶୋବନ୍ତ ମହିମା, ଭୀମସେନ ନାୟକ, ଅରୁଣ ସାହୁ, ଚକ୍ରଧର ରାଉତ, ଆନନ୍ଦ ମହାନ୍ତି, ବ୍ରଜକିଶୋର ରାଉତ, ରଞ୍ଜିତ ରାଉତ, ଧର୍ମାନନ୍ଦ ରାଉତ, କମଳ ବେହେରା, ବିଦ୍ୟାଧର ବେହେରା, ବସନ୍ତ ପାତ୍ର, ଶରତ ପ୍ରଧାନ, ଅଶୋକ ରାଉତ ପ୍ରମୁଖ ସହଯୋଗ କରିଥିଲେ। ରବିବାର ରଥରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ ଓ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।


ଯୋରନ୍ଦା


ପରଜଙ୍ଗ


ଗଁଦିଆ

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି ପବିତ୍ର ବାହୁଡ଼ାଯାତ୍ରା। ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ମହାବାହୁ। ଦିନତମାମ ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ବର୍ଷା ଲାଗି ରହିଥିବା ମଧ୍ୟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଭାବ ଦଉଡ଼ିରେ ବନ୍ଧା ମହାପ୍ରଭୁଙ୍କ ରଥକୁ ଗାଁ ଦାଣ୍ଡରେ ମନ୍ଦିର ଅଭିମୁଖେ ଟାଣିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ପରଜଙ୍ଗ ଗାଁ ଚଉପାଢ଼ୀରେ ଥିବା ପତିତପାବନ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିଥିଲା। ଅଶୋକ କୁମାର ଦଳବେହେରା ଛେରାପହଁରା କରିଥିବା ବେଳେ ବେଣୁଧର ବେହେରା ରଥର ସାରଥି ସାଜିଥିଲେ। ହରିବୋଲ ହୁଳହୁଳି, ଘଣ୍ଟଘଣ୍ଟା ବାଦ୍ୟ ସାଙ୍ଗକୁ ନାମ ସଙ୍କୀର୍ତ୍ତନରେ ପରିବେଶ ଉତ୍ସବମୁଖର ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ସର୍ବେଶ୍ୱର ଦଳବେହେରା, ବିନୟ କୁମାର ଦଳବେହେରା, ଶାରଦା ପ୍ରସନ୍ନ କବି, ରଞ୍ଜନ କୁମାର ଦଳବେହେରା, ଦାମୋଦର ବାରିକ, ଦୁଷ୍ମନ୍ତ କୁମାର ନାୟକ, ଅନ୍ତର୍ଯ୍ୟାମୀ ନାୟକ ସମେତ ଗ୍ରାମବାସୀ ଓ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହଯୋଗରେ ଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପରଜଙ୍ଗ ଥାନା ପକ୍ଷରୁ ପୁଲିସ ବାହିନୀ ମୁତୟନ ହୋଇଥିଲେ।


ଗଁଦିଆ


ହିନ୍ଦୋଳ

**ଗଁଦିଆ:** ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ କପିଳାସ ପାଦଦେଶ ଦେଓଗାଁରେ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ମହାପ୍ରଭୁ ଜଗନ୍ନାଥ ଓ ବଡ଼ଭାଇ ବଳଦେବଜୀଉଙ୍କ ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ଆରମ୍ଭ ହୋଇଥିଲା। ମଙ୍ଗଳଆଳତି ପରେ ସକାଳ ଧୂପରେ ଖେଚୁଡ଼ି ଭୋଗ ଲାଗିହୋଇଥିଲା। ଅନ୍ୟାନ୍ୟ ନୀତିକାନ୍ତି ପରେ ଅପରାହ୍ନ ୨ଟା ୪୫ରେ ସେବକମାନଙ୍କ ଦ୍ୱାରା ଠାକୁରଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ହେମନ୍ତ କୁମାର ନନ୍ଦ ଛେରାପହଁରା କରିବା ପରେ ଅପରାହ୍ନ ୩ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟମାଦଳ, ଖୋଳ, କୀର୍ତ୍ତନ ତଥା ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଉଥିବା ବେଳେ ବଡ଼ଦାଣ୍ଡରେ ଗୋଟିଏ ସ୍ଥାନରେ ରଥ ମୋଡ଼ ନେଇ ଏକ ଘର ସମ୍ମୁଖ ଭାଗରେ ଲାଗିଯାଇଥିଲା। ତେବେ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ଦେବୋତ୍ତର ବିଭାଗ ପକ୍ଷରୁ ଜେସିବି ମେସିନ ଅଣାଯାଇ ରଥକୁ ସିଧା କରାଯିବା ପରେ ଭକ୍ତମାନେ ପୁନର୍ବାର ରଥକୁ ଟାଣି ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ଗଁଦିଆ ଥାନା ଭାରପ୍ରାପ୍ତଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ସମେତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଗଁଦିଆ:** ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଗଡ଼ଖଙ୍କିରା ଗ୍ରାମରେ ଲୀଳାମୟ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ମାଉସୀ ମା'ଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ଖାଇ ଶ୍ରୀଜୀଉ ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଉପଲକ୍ଷେ ଭଜନ ଜଣାଣ ଓ ଶ୍ରୀଜଗନ୍ନାଥ କଥା ତଥା ଆମ ସଂସ୍କୃତିରେ ଜଗନ୍ନାଥ ବିଷୟରେ ରବିନାରାୟଣ ଜେନା ଓ ଅଶୋକ କୁମାର ପତି ଆଲୋଚନା କରିଥିଲେ। ସ୍ଥାନୀୟ ଲାଉଲଇ, ନିହଲପ୍ରସାଦ, କେହ୍ମାସିଂହ, ଯାଜପୁର କଳକଳା, ପାଣିଝିଲି, ଗୋଡ଼ା ଅଞ୍ଚଳର କଳାକାରଙ୍କୁ ନେଇ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଶ୍ରୀଜୀଉମାନଙ୍କ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଭୋର ସାଢ଼େ ୪ଟାରେ ଦ୍ୱାରଫିଟା ପରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବାପରେ ପହଣ୍ଡି ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠୀ, ଏସଡିପିଓ ସତ୍ୟକୁମାର ନନ୍ଦ, ସୂଚନା ପ୍ରସାରଣ ଅଧିକାରୀ ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଦାୟିତ୍ୱ ସମ୍ପନ୍ନ କରିଥିଲେ। ରବିବାର ସୁନାବେଶ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଦିବସ ପାଳିତ




ଢେଙ୍କାନାଳ,୫।୭(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲରେ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ଜୁଲାଇ ୫ ତାରିଖ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଦିବସ ପାଳିତ ହୋଇଛି। ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ଟଙ୍କଧର ବେହେରା, ଦୀପକ ଦଳେଇ, ସୁଶାନ୍ତ ସାହୁ, ମାନଭଞ୍ଜନ ବିଶ୍ୱାଳ, ରଶ୍ମି ପ୍ରକାଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ୱଦେଶ ସିଂହ ଏବଂ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷକ ତାରିଣୀ ପ୍ରସାଦ ମାଝୀଙ୍କ ତତ୍ତ୍ୱାବଧାନରେ ଖେଳାଳିମାନଙ୍କ ଗ୍ରହଣରେ କେକ୍ କଟାଯାଇ ଉତ୍ସାହ ସହକାରେ ଏହି ଦିବସ ପାଳନ କରାଯାଇଛି।

● ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହେଟେଲ, ଢାବା ଯାଞ୍ଚ

## ୧୦ ହଜାର ଟଙ୍କା ଜରିମାନା ଆଦାୟ

ଗଁଦିଆ,୫।୭(ସମିସ): ଢେଙ୍କାନାଳ ଖାଦ୍ୟ ସୁରକ୍ଷା ଅଧିକାରୀ ଲୋପାମୁଦ୍ରା ନାଏକ ଓ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସମେତ ଗଁଦିଆ ଥାନା ପୁଲିସ ପକ୍ଷରୁ ସ୍ଥାନୀୟ ବ୍ଲକ ଛକ, ବଣିଆପଡ଼ା ଛକ, ହଟା ଛକ, ଗଁଦିଆ ଛକ, ମେଡିକାଲ ଛକ ଆଦିରେ ଥିବା ଖାଦ୍ୟ ସାମଗ୍ରୀ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଅପମିଶ୍ରିତ ତଥା ବାସିଖାଦ୍ୟ ବିକ୍ରି ଅଭିଯୋଗରେ ୫ ଦୋକାନରୁ ୧୦ହଜାର ଜରିମାନା ଆଦାୟ କରାଯାଇଛି। ସେହିପରି କେତେକ ଦୋକାନର ଫୁଡ୍ ଲାଇସେନ୍ସ ନ ଥିବା ନଜରକୁ ଆସିଥିଲା। ତୁରନ୍ତ ଆବେଦନ କରି ଫୁଡ୍ ଲାଇସେନ୍ସ ସଂଗ୍ରହ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏପରି ବେଆଇନ କାର୍ଯ୍ୟ ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦଣ୍ଡେଇବେରେଣୀରେ ୭୬ତମ ବନ ମହୋତ୍ସବ



ଗଁଦିଆ,୫।୭(ସମିସ): ମା' ମଙ୍ଗଳା ନର୍ସରୀ ଏବଂ ଶକ୍ତି ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଆନୁକୂଲ୍ୟରେ ମା' ମଙ୍ଗଳା ନର୍ସରୀ ଦଣ୍ଡେଇବେରେଣୀରେ ୭୬ତମ ବନ ମହୋତ୍ସବ ପ୍ରକୃତିବନ୍ଧୁ ଚିତ୍ତରଞ୍ଜନ କଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲା ପ୍ରକୃତିବନ୍ଧୁ ସଂଗଠନ ସମ୍ପାଦକ ପ୍ରକୃତିବନ୍ଧୁ ହରିହର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ସମାଜସେବୀ ପ୍ରସନ୍ନ କୁମାର ବେହେରା ମଞ୍ଚାସୀନ ଥିଲେ। ମାଆ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ପ୍ରେମଲତା କଅଁର ସହଯୋଗ କରିଥିଲେ। ସମ୍ପାଦିକା ଚିନ୍ମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା।

## ବାହୁଡ଼ାଯାତ୍ରାରେ ଖେଚୁଡ଼ି ଡାଲମା ବଣ୍ଟନ



ଢେଙ୍କାନାଳ,୫।୭(ସମିସ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଶନିବାର ସ୍ଥାନୀୟଆନନ୍ଦ ବଜାରରେ ସ୍ୱର୍ଗତ ଅଧିକାରୀ ସାମଲଙ୍କ ସ୍ମୃତିରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ସହ ଖେଚୁଡ଼ି ଓ ଡାଲମା ପ୍ରସାଦ ବଣ୍ଟନ କରାଯାଇଛି। ସ୍ୱର୍ଗତ ସାମଲଙ୍କ ପୁଅ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ରହି ପ୍ରସାଦ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ପ୍ରାକ୍ତନ ସଭାପତି ଶିବସାଇ ମହାପାତ୍ର, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସାଗରିକା ମିଶ୍ର ଉପସ୍ଥିତ ଥିଲେ। ୩ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଯୁବନେତା ଶ୍ରୀକାନ୍ତ ଧଳ, ଟାଉନ ସଭାପତି ବିନୋଦ ମହାନ୍ତି, ଅଜୟ ଭଞ୍ଜ, ବ୍ରହ୍ମାନନ୍ଦ ସାହୁ, ରଞ୍ଜନ ନାୟକ, ରାଜୁ ପାଣ୍ଡେ ପ୍ରମୁଖ ସହିଯୋଗ କରିଥିଲେ। ଆଇନଜୀବୀ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ଅଧିକାରୀ ସାମଲଙ୍କ ବଡ଼ପୁଅ ରମେଶ ଚନ୍ଦ୍ର ସାମଲ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ ରଥଯାତ୍ରା ସେବା ଶିବିର




ଢେଙ୍କାନାଳ,୫।୭(ସମିସ): ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ଆହ୍ୱାନ କ୍ରମେ ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ଓ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ବାଜିଚୌକ ଛକ ପାଖରେ ବାହୁଡ଼ା ଯାତ୍ରାରେ ସେବା ଶିବିର ଅନୁଷ୍ଠିତ ହୋଇଛି। ଭାରତୀୟ ରେଡ୍‌କ୍ରସ୍‌ର ଜିଲ୍ଲା ଉପସଭାପତି ବିରଞ୍ଚି ନାରାୟଣ ପାଣି, ସ୍କାଉଟ୍ କମିଶନର ଇତୀଶ ବରାଳ, ବିପିନ ଶତପଥୀ, ପ୍ରଶାନ୍ତ କୁମାର ଧଳ, ସ୍କାଉଟ୍ ସଂଗଠନ କମିଶନର ବିଜୟ କୁମାର ନନ୍ଦ, ଜୁନିୟର ରେଡ୍‌କ୍ରସ୍‌ର ଅଫିସର ସୁବ୍ରତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଭାରପ୍ରାପ୍ତ ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୨ ବିଦ୍ୟାଳୟରୁ ୨୪ଜଣ ଜୁନିୟସ ଓ ୧୨ଜଣ ଜେଆରସି କାଉନସେଲର ଯୋଗଦେଇ ଭକ୍ତମାନଙ୍କୁ ବିଶୁଦ୍ଧ ଜଳ ପ୍ରଦାନ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ କରିଥିଲେ। ଜେଆର୍‌ସି କାଉନସେଲର ହରପ୍ରିୟା ଦାଶ, ସୌଦାମିନୀ ଦଳେଇ, ଉପାସନା ନାଥ, ପୂଜାରାଣୀ ବେହେରା, ମନୋଜ କୁମାର ମାଝୀ, ଲକ୍ଷ୍ମୀଧର ରାଉତ, ଭୁପେନ୍ଦ୍ର ସିଂ ମାଝୀ, ରସାନନ୍ଦ ସାହୁ, ପ୍ରଶାନ୍ତ ସାହୁ, ଅନିଲ ନନ୍ଦ, ଲକ୍ଷ୍ମଣ ନାୟକ, ବନ୍‌ସନ୍ ବରାଳ ପ୍ରମୁଖ ଉକ୍ତ ସହଯୋଗ କରିଥିଲେ।

## ଜୁଲାଇ ୯ ଦେଶବ୍ୟାପୀ ଧର୍ମଘଟ ଡାକରା

ଢେଙ୍କାନାଳ,୫।୭(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଡାକରାରେ ଜୁଲାଇ ୯ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ଢେଙ୍କାନାଳରେ ସଫଳ କରିବାକୁ ଶନିବାର ଶ୍ରମିକ ସଂଗଠନଗୁଡ଼ିକର ମିଳିତ ବୈଠକ ସ୍ଥାନୀୟ ଜାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ୪ଟି ଶ୍ରମ କୋଡ୍ ବାତିଲ, ଉତ୍ପାଦନ ଖର୍ଚ୍ଚ ଓ ଉତ୍ପାଦନ ଖର୍ଚ୍ଚର ଅଧାକୁ ମିଶାଇ ଧାନ ସମେତ କୃଷି ଫସଲର ଦରଧାର୍ଯ୍ୟ କରିବା, ରାତିରେ ମହିଳାମାନଙ୍କୁ କମ୍ପାନୀରେ କାମ କରିବା ଆଇନକୁ ବାତିଲ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ବନ୍ଦ କରିବା, ବେକାରଙ୍କୁ ନିଯୁକ୍ତି, ଦେଶର ନବରତ୍ନ କମ୍ପାନୀ ସମେତ ବ୍ୟାଙ୍କ୍ ଓ ବୀମାର ଘରୋଇକରଣ ବନ୍ଦ କରିବା, ଗୋ-ରକ୍ଷକ ନାଁରେ ଦଳିତ, ଆଦିବାସୀ ଓ ମୁସଲମାନମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ସର୍ବୋପରି ଦେଶର ସମ୍ବିଧାନରୁ ଧର୍ମ ନିରପେକ୍ଷତା ଓ ସମାଜବାଦ ଶବ୍ଦକୁ ହଟେଇବା ପାଇଁ ଆର୍‌ଏସଏସର ଦାବି ବିରୋଧରେ ଏହି ଡାକରା ଦିଆଯାଇଛି। ଜରୁରୀ ସେବାଗୁଡ଼ିକୁ ବନ୍ଦରୁ ବାଦ୍ ଦିଆଯାଇଛି। ବୈଠକରେ ଏଆଇଟିୟୁସି, ଆଇଏନ୍‌ଟିୟୁସି, ସିଆଇଟିୟୁସି, ଏଚ୍‌ଏମ୍‌ଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ, ୟୁଟିୟୁସି, ଏସ୍‌ଇଡବ୍ଲ୍ୟୁଏ ପ୍ରମୁଖ ୟୁନିଅନ୍‌ର ବରିଷ୍ଠ ନେତାମାନେ ଯୋଗଦେଇ ଢେଙ୍କାନାଳର ବ୍ୟବସାୟୀ, ବଜାର କମିଟି ନେତୃବୃନ୍ଦ, ଛାତ୍ରଛାତ୍ରୀ, ଟ୍ରକ୍ ଆସୋସିଏସନ୍, ବସ୍ ଆସୋସିଏସନ୍, ବାର୍ ଆସୋସିଏସନ୍, ଅଟୋ ଏବଂ ଟାକ୍ସି ଆସୋସିଏସନ୍, ଅସଂଗଠିତ ଶ୍ରମିକ ମଜଦୁର ସଂଘ ଓ ବୁଦ୍ଧିଜୀବୀମାନଙ୍କୁ ଏଥିରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଉଦ୍‌ଯାପିତ

ଢେଙ୍କାନାଳ,୫।୭(ସମିସ)





ସ୍ଥାନୀୟ ବାଜିଚୌକଠାରେ ଚାଲିଥିବା ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଶନିବାର ଉଦଯାପିତ ହୋଇଛି। ଅନ୍ତିମ ଦିବସରେ ମୁଖ୍ୟଅତିଥି ଭାବେ ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଶତୃଘନ ମାଟି ଯୋଗଦେଇଥିଲେ। ଆଜିର ଭଜନ କାର୍ଯ୍ୟକ୍ରମକୁ ବାଜିଚୌକର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ରଘୁନାଥ ଦଳେଇ ଓ ପୂର୍ବତନ ପୌରାଧକ୍ଷା ସ୍ୱର୍ଗତ କୁନ୍ତଳା ଦଳେଇଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା। ଢେଙ୍କାନାଳ ଭକ୍ତିଶ୍ରଦ୍ଧା ଭଜନ ଅନୁଷ୍ଠାନ ତରଫରୁ ଘୋଷକ ଓ କଣ୍ଠଶିଳ୍ପୀ ପ୍ରଦୀପ କୁମାର, କୁମାର ମିଲୁ, ଅନନ୍ୟା ହୋତା ଓ ପ୍ରୀତି ସ୍ୱରୂପା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ହରି ପ୍ରସାଦ, ରୁଦ୍ର ନାରାୟଣ, ଟି ପ୍ରଦୀପ କୁମାର, ସୁମନ କୁମାର, ଭାନୁ ପ୍ରତାପ ପ୍ରମୁଖ ସହଯୋଗ କରିଥିଲେ। କମିଟି ସଭାପତି ରୁଦ୍ରାନ୍ତ ଦଳେଇ, ସ୍ୱରୂପାନନ୍ଦ ଦାସ, କମଳ ନନ୍ଦ, ଭାଗି ସାହୁ, ସଂଗ୍ରାମ କେଶରୀ ପାଣି, ଉପଦେଷ୍ଟା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ସନ୍ତୋଷ କୁମାର ଦଳେଇ, କୃଷ୍ଣକୁମାର ସାହୁ, ରାଜୁନ ଖାଁ, ଅକ୍ତର ମହମ୍ମଦ, ବଳରାମ ଭଞ୍ଜ, ଅନିଲ ସେଠୀ, ବଂଶୀଧର ସେଠୀ, ବଳରାମ ନାୟକଙ୍କ ସମେତ ବାଜିଚୌକ ଅଞ୍ଚଳର ଯୁବଗୋଷ୍ଠୀ ସହଯୋଗ କରିଥିଲେ। ଅବନୀ ମିଶ୍ର ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ସାଗୀର ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।






## ରୁଷ୍‌ରେ ସନ୍ତାନ ଜନ୍ମ ପାଇଁ ମହିଳାଙ୍କୁ ମିଳୁଛି ଲକ୍ଷେ ଟଙ୍କା



ମସ୍କୋ, ୫ ।୭ (ଏଜେନ୍ସି): ରୁଷ୍‌ରେ ଜନସଂଖ୍ୟାରେ ଅବନତୀକୁ ଲକ୍ଷ୍ୟ କରି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । କମ୍ ବୟସର ମହିଳାମାନଙ୍କୁ ପିଲା ଜନ୍ମ କରିବାକୁ ପ୍ରୋତ୍ସାହିତ କରାଯାଉଛି । ପିଲା ଜନ୍ମ କରୁଥିବା ମହିଳାଙ୍କୁ ଏହିକ୍ରମରେ ଲକ୍ଷେ ଟଙ୍କା ଦିଆଯାଉଛି । ରୁଷିଆର ୧୦ଟି ଅଞ୍ଚଳରେ ଗତ ମାର୍ଚ୍ଚରୁ ଏହି ନିୟମ ଲାଗୁ କରାଯାଇଛି । ଦେଶରେ ଜନସଂଖ୍ୟାରେ ଅବନତୀ ହେଉଛି । ପୁଣି ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପୂର୍ବରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିଲା । ଏବେ ୧୮ ବର୍ଷରୁ କମ୍ ଅର୍ଥାତ୍ ନାବାଳିକାଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଛି । ୨୦୨୩ରେ ରୁଷ୍‌ରେ ପ୍ରତ୍ୟେକ ମହିଳା ହାରାହାରି ୧.୪୧ ପିଲା ଜନ୍ମ ଦେଇଥାନ୍ତି । କିନ୍ତୁ ଜନସଂଖ୍ୟା ସ୍ଥିର ରଖିବାକୁ ହେଲେ ଏହା ୨.୦୫ ରହିବା ଆବଶ୍ୟକ ବୋଲି କୁହାଯାଇଛି । ଜନସଂଖ୍ୟା ଦୃଷ୍ଟିକୋଣରୁ ରୁଷ୍ ଏବେ ବିଶ୍ୱର ୯ମ ସ୍ଥାନରେ ରହିଛି । ୟୁକ୍ରେନ ସହ ଚାଲିଥିବା ଯୁଦ୍ଧ ପାଇଁ କମ୍ ବୟସରେ ମହିଳାଙ୍କୁ ମା ହେବାକୁ ବାଧ୍ୟ କରାଯାଉଛି ।

## ୪୫ ବର୍ଷୀୟ ବରକୁ ୧୩ ବର୍ଷର କନିଆଁ



ନୁହ, ୫ ।୭ (ଏଜେନ୍ସି): ହରିୟାଣାର ନୁହ ଜିଲ୍ଲାରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଜଣେ ୪୫ ବର୍ଷର ବ୍ୟକ୍ତିଙ୍କ ସହ ବିବାହ କରାଇ ଦିଆଯାଇଛି । ଝିଅର ବାପା ନିଶାସକ୍ତ ହୋଇଥିବାରୁ ଜଣେ ମୌଲବିଙ୍କ ସହ କଥା ହୋଇ ଏକ ସ୍ଥାନୀୟ ମାଦ୍ରାସାରେ ଝିଅର ବିବାହ ଅର୍ଥାତ ନିକାହ କରିଛନ୍ତି । ଏହାପରେ ଘରକୁ ଆସି ସେ ଝିଅ ପିଉଷୀଙ୍କ ଘରକୁ ଯାଇଛି ବୋଲି କହିଥିଲେ । ସେପଟେ ନିକାହ କରିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ସେଠାରୁ ପଳାଇଥିଲେ । ଅଭିଯୁକ୍ତର ପ୍ରଥମ ପତ୍ନୀ ଝିଅ ଘରେ ପହଞ୍ଚି ଅବଗତ କରାଇବା ପରେ ସବୁକଥା ପଦାକୁ ଆସିଥିଲା । ଏବେ ଝିଅ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅବଶ୍ୟ ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହିଁ । ପୁରୁଷ ଜଣଙ୍କର ଏହା ତୃତୀୟ ବିବାହ ଥିଲା ଓ ତାଙ୍କର ୫ଟି ସନ୍ତାନ ରହିଛନ୍ତି ।

### ସମ୍ବଲରେ ମର୍ମନ୍ତୁଦ ଦୁର୍ଘଟଣା
## ବର ସମେତ ୮ ମୃତ

ସମ୍ବଲ, ୫ ।୭ (ଏଜେନ୍ସି): ଉତ୍ତରପ୍ରଦେଶର ସମ୍ବଲ ଜିଲ୍ଲାର ଜୁନାୱାଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ବଡ଼ ଅଘଟଣ ଘଟିଛି । ବାହାଘରର ଖୁସି ଅଚାନକ ଚୂରମାର ହେବା ସହ ଦୁଃଖଦ ସ୍ଥିତିରେ ବଦଳିଯାଇଥିଲା । ଏକ ଏସ୍‌ୟୁଭି କାର ଦ୍ରୁତଗତିରେ ଯାଇ କଲେଜ କାନ୍ଥରେ ଧକ୍କା ଦେବା ଫଳରେ ବର ଓ ପରିବାରର ଅନ୍ୟ ୮ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି । ଧକ୍କାରେ କଲେଜ କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଏଥିରେ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୋଟିଏ ପରିବାରର ୧୦ ଜଣ ସଦସ୍ୟଙ୍କୁ ନେଇ ଏହି କାର ମିରଟ- ବଦାୟୁଁ ରାଜପଥରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଜନତା ଇଣ୍ଟର କଲେଜ ଦିଆଲିରେ ପିଟି ହୋଇଥିଲା ବୋଲି ଏଏସ୍‌ପି ଅନୁକୃତି ଶର୍ମା କହିଛନ୍ତି । କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଚେପା ହୋଇଯାଇଛି । ଗାଡି ଭିତରେ ଫସିରହିଥିବା ଯାତ୍ରୀଙ୍କୁ ଜେସିବି ମାଧ୍ୟରେ ବାହାର କରାଯାଇଥିଲା ।

## ତେଲଙ୍ଗାନା ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୪୦କୁ ବୃଦ୍ଧି

ହାଇଦରାବାଦ୍, ୫ ।୭ (ଏଜେନ୍ସି): ତେଲଙ୍ଗାନା କାରଖାନା ବିସ୍ଫୋରଣ ମାମଲାରେ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି । ଶନିବାର ମୃତ୍ୟୁ ସଂଖ୍ୟା ୪୦ରେ ପହଞ୍ଚିଛି ବୋଲି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରଶେଖର ବୁଡୁଗୁ କହିଛନ୍ତି । ସକାଳେ ଆଉ ଜଣେ ଆହତ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ଫଳରେ ମୃତ୍ୟୁ ସଂଖ୍ୟା ବଢ଼ିଛି ବୋଲି ସେ କହିଛନ୍ତି । ଏବେ ମଧ୍ୟ ଆଉ ୧୯ ଜଣ ଆହତ ବ୍ୟକ୍ତିଙ୍କର ଚିକିତ୍ସା ଚାଲିଛି । ଏବେ ମଧ୍ୟ ଏହି ଘଟଣାରେ ୯ ଜଣ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି । ଜୁନ୍ ୩୦ରେ ପାଶାମିଲାରାମ ଇଣ୍ଡଷ୍ଟ୍ରିଆଲ ଏରିଆସ୍ଥିତ ସିଗାଚି ଇଣ୍ଡଷ୍ଟ୍ରିଜ୍‌ରେ ସକାଳ ୮.୧୫ରେ ଏହି ବିସ୍ଫୋରଣ ହୋଇଥିଲା ଓ ସେତେବେଳେ ୧୫୦ ଲୋକ ସେଠାରେ ଥିଲେ ।

## ଆମେରିକାରେ ବନ୍ୟା; ୨୪ ମୃତ, ୨୩ ବାଳିକା ନିଖୋଜ

ୱାସିଂଟନ, ୫ ।୭ (ଏଜେନ୍ସି): ଆମେରକାର ଦକ୍ଷିଣରେ ଥିବା ଟେକ୍ସାସ ରାଜ୍ୟରେ ଶୁକ୍ରବାର ପ୍ରବଳ ବର୍ଷା ହେବା ପରେ ଗୁଆଡାଲୁପ୍ ନଦୀରେ ପ୍ରବଳ ବନ୍ୟା ଆସିଛି । ଏଥିରେ ୨୪ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ୨୩ଜଣ ଝିଅ ନିଖୋଜ ହୋଇଛନ୍ତି । ଏପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି । ହେଲିକପ୍ଟର ଜରିଆରେ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ଉଦ୍ଧାର କାର୍ଯ୍ୟରେ ୯ଟି ଉଦ୍ଧାରକାରୀ ଦଳ, ୧୪ଟି ହେଲିକପ୍ଟର ଓ ୧୨ଟି ଡ୍ରୋନର ବ୍ୟବହାର କରାଯାଉଛି ।

## ପାକିସ୍ତାନରେ କୋଠା ଭୁଶୁଡ଼ି ୧୬ ମୃତ

କରାଚୀ, ୫ ।୭ (ଏଜେନ୍ସି): କରାଚୀର ଲ୍ୟାରୀ ଅଞ୍ଚଳରେ ଏକ ବହୁତଳ କୋଠା ଭୁଶୁଡ଼ିବା ଫଳରେ ୧୬ ଲୋକ ପ୍ରାଣ ହରାଇଛନ୍ତି । ଶନିବାର ୬ ତଳ ବିଶିଷ୍ଟ ଏହି କୋଠା ଭୁଶୁଡ଼ିଥିଲା । ଏବେ ମଧ୍ୟ କେତେ ଲୋକ ତଳେ ଚାପି ହୋଇ ରହିଛନ୍ତି । ଗୁରୁତର ଭାବେ ଆହତ ହୋଇଥିବା ୯ ଜଣଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରେ ୫ ମହିଳା ସାମିଲ ରହିଛନ୍ତି । ଅତିକମ୍‌ରେ ୨୦ ଜଣ ଲୋକ ତଳେ ଚାପି ହୋଇ ରହିଛନ୍ତି ବେଲି କରାଚୀ ମେୟର ମୁର୍ତ୍ତାଜା ୱାହାମ କହିଛନ୍ତି । ଉଦ୍ଧାର କାର୍ଯ୍ୟ ଜୋରରେ ଚାଲିଛି ବୋଲି ସେ କହିଛନ୍ତି । ପୂର୍ବରୁ ସିନ୍ଧ ବିଲ୍ଡିଂ କଣ୍ଟ୍ରୋଲ ଅଥରିଟି (ଏସ୍‌ବିସିଏ) ଏହି ବିଲ୍ଡିଂ ବିପଜ୍ଜନକ ବୋଲି ଘୋଷଣା କରିଥିଲା ।


## ସ୍କୁଲ କାନ୍ଥରେ ୪ ଲିଟର ରଙ୍ଗ; ୧୬୮ ଶ୍ରମିକ, ୬୫ ମିସ୍ତ୍ରି

ଭୋପାଳ, ୫।୭ (ଏଜେନ୍ସି): ମଧ୍ୟପ୍ରଦେଶ ଶାହଡୋଲ ସ୍ଥିତ ସାକାଣ୍ଡି ଗ୍ରାମରେ ଥିବା ସ୍କୁଲ୍‌ରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍‌ନାକୁ ଆସିଛି । ଏହି ସ୍କୁଲ୍ ଗଣିତର ଚମତ୍କାର ଏବଂ ମାନବ ସମ୍ବଳର ବିରଳ ଉପଯୋଗ କରି ବଡ଼ ସଫଳତା ପାଇଛି! ସ୍କୁଲ୍‌ର ଏକ କାନ୍ଥରେ ୪ ଲିଟର ରଙ୍ଗ ବୋଳିବା ପାଇଁ ୧୬୮ ଶ୍ରମିକ ଏବଂ ୬୫ ରାଜମିସ୍ତ୍ରୀ କାମ କରିଛନ୍ତି । ବଯୋହାରି ବିଧାନସଭା କ୍ଷେତ୍ରରେ ଏହି ସ୍କୁଲ୍ କାନ୍ଥରେ ୪ଟି ଲିଟର ଅଏଲ ପେଣ୍ଟ ଦେବା ଲାଗି ଲକ୍ଷେ ସାତ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ନିପାନିୟା ଗ୍ରାମରେ ଥିବା ସ୍କୁଲ୍‌ରେ ୨୦ ଲିଟର ରଙ୍ଗ ବୋଳିବା ପାଇଁ ୨.୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ୧୦ ଝରକା ଏବଂ ୪ଟି କବାଟରେ ରଙ୍ଗ ଦେବା ଲାଗି ୨୭୫ ଶ୍ରମିକ ଏବଂ ୧୫୦ ରାଜମିସ୍ତ୍ରୀ ଲାଗିଥିଲେ । ସ୍କୁଲ୍ କାନ୍ଥରେ ନୁହଁ, ବରଂ କାଗଜପତ୍ରରେ ଅସଲ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ଏହି କାମ କରିଥିବା କମ୍ପାନୀ ସୁଧାକର କନ୍‌ଷ୍ଟ୍ରକ୍ସନ ଗତ ମେ' ୫ରେ ଏହି ବିଲ୍ ପ୍ରସ୍ତୁତ କରିଥିଲା ।

# ଲାଞ୍ଚ ନେଇ ୪୦ ମେଡିକାଲ କଲେଜକୁ ଅନୁମୋଦନ

- ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ୍
- ଆତ୍ମଘୋଷିତ ବାବା-ଅଧିକାରୀ ଅସାଧୁ ମେଣ୍ଟ

ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ (ଦୁର୍ନୀତି)ର ପର୍ଦ୍ଦାଫାସ ହୋଇଛି । ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାକାରମୟ କରିଦିଆଯାଇଛି । ଉଚିତ ବ୍ୟବସ୍ଥା ନ ଥାଇ ମେଡିକାଲ କଲେଜ ନାମରେ ନାମ ଲେଖା ଯାଉଛି । ଆଉ ଅନୁମୋଦନ ପାଇଁ କୋଟି କୋଟି ଟଙ୍କା ଲାଞ୍ଚ ଦିଆଯାଉଛି । ସ୍ୱଘୋଷିତ ବାବାଙ୍କ ଦ୍ୱାରା ଚାଲିଥିବା ଏକ ର୍‌ୟାକେଟ ଏହି କଳାକାରନାମା କରୁଛି । କେବଳ ଗୋଟିଏ ରାଜ୍ୟରେ ନୁହେଁ, ସାରା ଦେଶରେ ଏହି ଗୋଲକଧନ୍ଦା ଚାଲିଥିଲା । ନ୍ୟାସନାଲ ମେଡିକାଲ କମିସନ (ଏନଏମ୍‌ସି) ଯାଞ୍ଚରୁ ସୁରକ୍ଷା ଦେବା ଲାଗି ମେଡିକାଲ କଲେଜ ଗୁଡିକ କୋଟି କୋଟି ଟଙ୍କା ପ୍ରଦାନ କରୁଥିଲେ । ହାୱଲା ମାଧ୍ୟମରେ ଲାଞ୍ଚ ଟଙ୍କା ଆସୁଥିଲା । ଏହି ର୍‌ୟାକେଟରେ ବରିଷ୍ଠ ଅଧିକାରୀ, ମଧ୍ୟସ୍ଥି, ପ୍ରମୁଖ ଶିକ୍ଷାବିତ ଏବଂ ଜଣେ ସ୍ୱଘୋଷିତ ବାବା ରାୱତପୁରା ସରକାର ସାମିଲ ଥିଲେ ।



ରାଜସ୍ଥାନ, ଗୁରୁଗାଁଓ, ଇନ୍ଦୋରରୁ ୱାରଙ୍ଗଲ ଏବଂ ବିଶାଖାପାଟଣା ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଦୁର୍ନୀତିରେ ହାୱାଲା ଏବଂ ବ୍ୟାଙ୍କ ମାଧ୍ୟମରେ କୋଟି କୋଟି ଟଙ୍କା ବଦଳା ଯାଇଥିଲା । ଜାଲ୍ ପ୍ରାଧ୍ୟାପକ, ଜାଲ୍ ପର୍ଯ୍ୟବେକ୍ଷଣ ଏବଂ ପ୍ରଘଟ ହୋଇଥିବା ଫାଇଲ ଏହି ବହୁକୋଟି ଟଙ୍କା ଦୁର୍ନୀତିର ପ୍ରମୁଖ ଆଧାର ଥିଲା । ଉଚିତ ବ୍ୟବସ୍ଥା ନ ଥିବା ମେଡିକାଲ କଲେଜକୁ ବେଆଇନ ଭାବେ ଅନୁମୋଦନ ଦେବା ଲାଗି ଏହି ଦୁର୍ନୀତି ହେଉଥିଲା । ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀ ମଧ୍ୟ ସାମିଲ ଥିଲେ । ରାୟପୁର ସ୍ଥିତ ଶ୍ରୀ ରାୱତପୁରା ସରକାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଶ୍ରୀଏମଏସଆର)ରେ 'ଯାଞ୍ଚ ପାଇଁ ଲାଞ୍ଚ' ତଦନ୍ତରୁ ଏହି ମାମଲା ଆରମ୍ଭ ହୋଇଥିଲା । ମେଡିକାଲ କଲେଜ ସପକ୍ଷରେ ଯାଞ୍ଚ ରିପୋର୍ଟ ଦେବାକୁ ୫୫ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାର ୩ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ଯାଞ୍ଚ ଟିମ୍‌ର ଜଣେ ସହଯୋଗୀଙ୍କଠାରୁ ୩୮ ଲକ୍ଷ ଏବଂ ଅନ୍ୟ ଜଣେ ଅଧିକାରୀଙ୍କଠୁ ୧୬.୬୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏହି ଲାଞ୍ଚ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା । ହାୱାଲା ରୁଟ୍ ମାଧ୍ୟମରେ ଏହାକୁ ସଂଗ୍ରହ କରି ଟିମ୍‌କୁ ବଣ୍ଟା ଯାଇଥିଲା । ସୂତ୍ର ଅନୁଯାୟୀ ଦେଶରେ ଥିବା ୪୦ରୁ ଅଧିକ ମେଡିକାଲ କଲେଜ ଲାଞ୍ଚ, ଜାଲ୍ ରେକର୍ଡ ଏବଂ ପର୍ଯ୍ୟବେକ୍ଷଣ ତଥ୍ୟକୁ ଜାଲିଆତି କରି ଅନୁମୋଦନ ପାଇଛନ୍ତି ।

ତଦନ୍ତରୁ ଜଣାପଡ଼ିଛି ଯେ ଇଣ୍ଡେକ୍ସ କଲେଜରେ ଭୂତ ପ୍ରାଧ୍ୟାପକ, ନକଲି ବାୟୋମେଟ୍ରିକ ଉପସ୍ଥାନ, ଜାଲ୍ ଅଭିଜ୍ଞତା ପ୍ରମାଣପତ୍ର ଦେଇ ଏନଏମସିରୁ ଅନୁମୋଦନ ପାଇଥିଲା । ସିବିଆଇ ଜାଣିବାକୁ ପାଇଛି ଯେ ନୂଆଦିଲ୍ଲୀର ଅଧିକାରୀମାନେ ଫାଇଲଗୁଡ଼ିକର ଫଟୋଗ୍ରାଫ୍ ନେଉଥିଲେ ଏବଂ ସେଗୁଡ଼ିକୁ ଏଜେଣ୍ଟମାନଙ୍କୁ ହ୍ୱାଟସଆପରେ ପଠାଉଥିଲେ । ଏମାନେ କଲେଜ ପରିଚାଳକଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରୁଥିଲେ । ଏହି ତଥ୍ୟ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗୁରଗାଁଓର ବୀରେନ୍ଦ୍ର କୁମାର, ଦ୍ୱାରକାର ମନୀଷା ଯୋଶୀ, ଉଦୟପୁର ସ୍ଥିତ ଗୀତାଞ୍ଜଳୀ ୟୁନିଭର୍ସିଟର ରେଜିଷ୍ଟ୍ରାର ମୟୁର ରାଭାଲ ଆଦି ସାମିଲ ଅଛନ୍ତି । ଏହି ର୍‌ୟାକେଟରେ ମେଡିକାଲ ଆସେସମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମଏଆରବି)ର ପୂର୍ବତନ କର୍ମଚାରୀ ଜିତୁ ଲାଲ ମୀନା ମଧ୍ୟସ୍ଥି ଭାବେ କାମ କରୁଥିଲା । ସେ ଏହି ଟଙ୍କାରେ ରାଜସ୍ଥାନରେ ୭୫ ଲକ୍ଷ ଖର୍ଚ୍ଚ କରି ହନୁମାନ ମନ୍ଦିର ନିର୍ମାଣ କରିଥିଲା ।

## ରାୱତପୁରା ବାବାଙ୍କ କଳାକାରନାମା

ରାୱତପୁରା ବାବା ତଥା ରବିଶଙ୍କର ମହାରାଜଙ୍କର ସରକାରୀ ଅଧିକାରୀ, ନେତା ଏବଂ ମନ୍ତ୍ରୀଙ୍କ ସହ ଭଲ ସମ୍ବନ୍ଧ ଥିଲା । ଆଇଏଏସ, ଆଇପିଏସ ଏବଂ ନେତାଙ୍କ ସହ ତାଙ୍କ ଫଟୋ ଭାଇରାଲ ହେବାରେ ଲାଗିଥିଲା । ସେ ହିଁ ଦୁର୍ନୀତିର ମୁଖ୍ୟ କାର୍ପଟଦାର ଥିଲେ । ମଧ୍ୟପ୍ରଦେଶ ଲାହରର ଭଦୌରିଆ ଏବଂ ରାୱତପୁରା ଏହି ଗୋଲକଧନ୍ଦା ଆରମ୍ଭ କରିଥିଲେ ବୋଲି ଏଜେନ୍ସି ଆଶଙ୍କା କରୁଛି । ସେ ଏନଏମସି ମାନ୍ୟତା ଦେବା ପାଇଁ ଘରୋଇ ମେଡିକାଲ କଲେଜଠାରୁ ୩ରୁ ୫ କୋଟି ଟଙ୍କା ନେଉଥିଲେ । ଏପରିକି ସରକାରୀ କାର୍ଯ୍ୟର ଠିକା ପାଇବା ପାଇଁ ମଧ୍ୟ ଲୋକେ ବାବାଙ୍କ ଶରଣ ପଶୁଥିଲେ । ସବୁ ଦେଣନେଣ ବାବାଙ୍କ ଟ୍ରଷ୍ଟ ମାଧ୍ୟମରେ ହେଉଥିଲା । ସିବିଆଇ ଯାଞ୍ଚରୁ ଗୋଟିଏ ପରେ ଗୋଟିଏ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଥିଲା । ଏହି ଦୁର୍ନୀତିରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ଟିଆଇଏସଏସ କୁଳପତି ଡିପି ସିଂହ, ଇନ୍ଦୋର ସ୍ଥିତ ମେଡିକାଲ କଲେଜର ସୁରେଶ ସିଂହ ଭଦୌରିଆ, ଅଧିକାରୀ ଏବଂ ମଧ୍ୟସ୍ଥିଙ୍କ ଏକ ବଡ଼ ର୍‌ୟାକେଟ ଥିବା ଜଣାପଡ଼ିଛି । ସିବିଆଇ ଏତଲାରେ ବାବା ରାୱତପୁରାଙ୍କ ସହିତ ଅବସରପ୍ରାପ୍ତ ଆଇଏଫଏସ ତଥା ରେରା ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଶୁକ୍ଲାଙ୍କ ସମେତ ୩୫ ଜଣଙ୍କ ନାମ ରହିଛି । ସେ ଛତିଶଗଡ଼ ବନ ବିଭାଗର ପୂର୍ବତନ ମୁଖ୍ୟ ତଥା ପିସିସିଏଫ ଥିଲେ । ରାୱତପୁରା ଗ୍ରୁପରେ ସେ ଟ୍ରଷ୍ଟି ଭାବେ ସାମିଲ ହୋଇଥିଲେ । ତେବେ ଏହି ମାମଲାରେ ଏ ପର୍ଯ୍ୟନ୍ତ କେବଳ ଗ୍ରୁପ୍‌ର ନିର୍ଦ୍ଦେଶକ ଅତୁଲ ତିୱାରୀଙ୍କୁ ଗିରଫ କରାଯାଇଛି ।

ସରକାରୀ ଯୋଜନା, ରାସ୍ତା ନିର୍ମାଣ ପ୍ରକଳ୍ପ, ବିଦ୍ୟୁତ୍ ରିଆତିରେ ତାଙ୍କ ଟ୍ରଷ୍ଟକୁ ଅନୁଚିତ ଲାଭ ମିଳିଛି । ପୂର୍ବରୁ ଜମି ଜବରଦଖଲ, ବେଆଇନ କଲେଜ ପରିଚାଳନା, ମହିଳା ଅନୁଗାମୀଙ୍କୁ ଆଶ୍ରମରେ ମାନସିକ ନିର୍ଯାତନା ଦେଉଥିବା ନେଇ ରାୱତପୁରାଙ୍କ ବିରୋଧରେ ଅଭିଯୋଗ ଲାଗିଥିଲା । ମାନବାଧିକାର ଆୟୋଗ ଏହି ମାମଲାର ତଦନ୍ତ କରିଥିଲେ ମଧ୍ୟ କିଛି ହୋଇପାରି ନ ଥିଲା ।

### କିଏ ହେବ ବିଜେପିର ନୂଆ ସଭାପତି
# ଚର୍ଚ୍ଚାରେ ତିନି ନାରୀ ନେତ୍ରୀ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ ଦଳ ଓ ଆରଏସ୍‌ଏସ୍ ମଧ୍ୟରେ ଟଣାଓଟରା ଲାଗି ରହିଛି । ଏହି ପଦବୀ ପାଇଁ ବିଭିନ୍ନ ନାମ ଆସୁଥିବା ବେଳେ ଏହାକୁ ନେଇ କିନ୍ତୁ ସହମତି ହୋଇପାରୁ ନାହିଁ । ଯେଉଁଥିପାଇଁ ୨୦୨୩ ଜାନୁଆରୀରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିଲେ ମଧ୍ୟ ସେ ଏବେ କାମଚଳା ଦାୟିତ୍ୱରେ ଅଛନ୍ତି ।

ଏହି ଅଚଳାବସ୍ଥା ମଧ୍ୟରେ ଏକ ଆଶ୍ଚର୍ଯ୍ୟ କଲା ଭଳି ଖବର ଆସୁଛି । ତାହା ହେଲା, ବିଜେପିର ପରବର୍ତ୍ତୀ ସଭାପତି ଜଣେ ମହିଳା ହୋଇପାରନ୍ତି । ଏହି ପଦବୀ ଲାଗି ତିନି ଜଣ ମହିଳା ନେତ୍ରୀଙ୍କ ନାମକୁ ନେଇ ଏବେ ଜୋରଦାର ଚର୍ଚ୍ଚା । ଏହା ଯଦି ସତ୍ୟରେ ପରିଣତ ହୁଏ, ତାହାହେଲେ ବିଜେପି ଇତିହାସରେ ପ୍ରଥମ ଥର ଲାଗି ଜଣେ ମହିଳା ସଭାପତି ହେବେ । ଏଭଳି ପ୍ରସ୍ତାବରେ ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ) ମଧ୍ୟ ରାଜି ଥିବା କୁହାଯାଉଛି । ତେବେ କାହାକୁ ସଭାପତି କରାଯିବ, ତାହା ଏବେ ବଡ଼ ପ୍ରଶ୍ନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରୁ ଫେରିବା ପରେ ଏସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।



ଯେଉଁ ତିନି ଜଣ ମହିଳା ନେତ୍ରୀଙ୍କ ନାମ ଏହି ପଦବୀ ଲାଗି ଶୁଣାଯାଉଛି, ସେମାନେ ହେଉଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ଡି. ପୁରନ୍ଦେଶ୍ୱରୀ ଏବଂ ଭି.ଶ୍ରୀନିବାସନ । ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପୂର୍ବରୁ ଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଏହାକୁ ନେଇ ବିଚାରବିମର୍ଶ ଚାଲିଛି । ଏଥିରେ ଆରଏସଏସର ଅନେକ ନେତା ମଧ୍ୟ ସାମିଲ ହୋଇଛନ୍ତି । ତେବେ ଏହି ତିନି ନେତ୍ରୀଙ୍କ ମଧ୍ୟରେ ସୀତାରମଣଙ୍କ ନାମ ସର୍ବାଗ୍ରେ ରହିଛି ।

ମିଳିଥିବା ଖବର ଅନୁଯାୟୀ କିଛି ଦିନ ତଳେ ବିଜେପି ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଏଥିରେ ସୀତାରମଣଙ୍କ ସମେତ ଜେପି ନଡ୍ଡା ଏବଂ ଦଳର ସାଧାରଣ ସଂପାଦକ ବିଏଲ୍ ସନ୍ତୋଷ ମଧ୍ୟ ଉପସ୍ଥିତ ଥିଲେ । ରାଜନୀତିରେ ଅଭିଜ୍ଞତା ଏବଂ ପ୍ରଶାସନରେ ଦକ୍ଷତା ଦୃଷ୍ଟିରୁ ତାଙ୍କ ନାମ ଚର୍ଚ୍ଚାରେ ରହିଛି । ସେ ଦଳକୁ ଦକ୍ଷ ନେତୃତ୍ୱ ଦେଇପାରିବେ ବୋଲି ଅନେକ ଦଳୀୟ ନେତା ମତ ପ୍ରକାଶ କରିଛନ୍ତି । ଦକ୍ଷିଣ ଭାରତରେ ବିଜେପିର ସ୍ଥିତିକୁ ମଜବୁତ କରିବାରେ ତାଙ୍କର ନେତୃତ୍ୱ ସହାୟକ ବୋଲି ଯୁକ୍ତି କରାଯାଉଛି ।

ଏହି ପଦବୀ ଲାଗି ଅନ୍ୟତମ ଦାବିଦାର ହେଉଛନ୍ତି ଡି. ପୁରନ୍ଦେଶ୍ୱରୀ । ରାଜନୀତିରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି । ସେ ଆନ୍ଧ୍ର ପ୍ରଦେଶ ବିଜେପିର ସଭାନେତ୍ରୀ ଥିଲେ । ସେହିଭଳି ଭି. ଶ୍ରୀନିବାସନଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା । ଆଇନଜୀବୀରୁ ରାଜନୀତିକୁ ଆସିଥିବା ତାମିଲନାଡୁର ଏହି ନେତ୍ରୀ ବିଜେପି ମହିଳା ମୋର୍ଚ୍ଚାର ଅଧ୍ୟକ୍ଷା ଥିଲେ । ୧୯୯୩ରୁ ସେ ବିଜେପିରେ ଅଛନ୍ତି ।

## ନୀରବ ମୋଦୀଙ୍କ ଭାଇ ଗିରଫ

ୱାସିଂଟନ୍, ୫ ।୭ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀଙ୍କ ଭାଇ ନିହାଲଙ୍କୁ ଆମେରିକାରେ ଗିରଫ୍ କରାଯାଇଛି । ଶନିବାର ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି । ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ନିହାଲଙ୍କ ପ୍ରତ୍ୟାର୍ପଣ ପାଇଁ ଆବେଦନ କରିଥିଲେ । ନିହାଲ ଜାମିନି ପାଇଁ ଆବେଦନ କରିଛନ୍ତି । ନ୍ୟାସନାଲ ଡିଷ୍ଟ୍ରିକ୍ଟ ଅଫ୍ ହନଲୁଲୁ (ଏନ୍‌ଡିଓଏଚ୍)ରେ ଜୁଲାଇ ୧୭ରେ ତାଙ୍କ ଜାମିନି ନେଇ ଶୁଣାଣି ହେବ । ଆମେରିକା ନ୍ୟାୟ ବିଭାଗ ଏନେଇ ସୂଚନା ଦେଇଛି ।



ଆମେରିକାରେ ଏଲ୍‌ଏଲ୍‌ଡି ଡାଇମଣ୍ଡସ ସହିତ ଠକାମୀ କରିବା ସହ ନିହାଲ ମୋଦୀ ପିଏନ୍‌ବିରେ ହୋଇଥିବା ୧୩, ୬୦୦ କୋଟି ଟଙ୍କାର ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ଅଭିଯୋଗ ହୋଇଛି । କେବଳ ସେତିକି ନୁହଁ ଏହି ମାମାଲାଗୁଡିକରେ ସେ ପ୍ରମାଣକୁ ନଷ୍ଟ କରିବାକୁ ମଧ୍ୟ ପ୍ରୟାସ କରିଥିଲେ । ଦୁର୍ନୀତିରେ ନୀରବଙ୍କୁ ନିହାଲ ସବୁ ପ୍ରକାର ସହାୟତା ଯୋଗାଇ ଦେଇଥିଲେ ବୋଲି ସିବିଆଇ ତରଫରୁ କୁହାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏକ ଦୃଢ ପ୍ରତ୍ୟାର୍ପଣ ଚୁକ୍ତି ହୋଇଛି । ଫଳରେ ନିହାଲଙ୍କୁ ଭାରତ ଅଣାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବ ବୋଲି କୁହାଯାଇଛି ।

## ବିଶିଷ୍ଟ ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ଗୁଳିକରି ହତ୍ୟା


ପାଟନା, ୫ ।୭ (ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଶୁକ୍ରବାର ଏକ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ଘଟିଛି । ଶୁକ୍ରବାର ରାତି ୧୧ଟାରେ ଜଣାଶୁଣା ବ୍ୟବସାୟୀ ଗୋପାଲ ଖେମ୍‌କାଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଏହି ଘଟଣାରେ ଜଣେ ସଂଦିଗ୍ଧଙ୍କୁ ପୁଲିସ ଗରିଫ କରିଛି । ସୁଟରଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ଘଟିଛି । ସଂଦିଗ୍ଧଙ୍କୁ ଗିରଫ କରିବାକୁ ସ୍ପେଶିଆଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଏହି ମାମଲାରେ ପୁଲିସଙ୍କୁ ଏକାଧିକ ତଥ୍ୟ ହସ୍ତଗତ ହୋଇଛି । ସୁଟର ଓ ସୁଟରଙ୍କୁ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିଷୟରେ ସୂଚନା ମିଳିଛି ବୋଲି ପୁଲିସ କହିଛି । ହତ୍ୟାର କାରଣ ସମ୍ପର୍କରେ ମଧ୍ୟ ପୁଲିସ ଅବଗତ ହୋଇଛି ବୋଲି ଆଇଜି ଜିତେନ୍ଦ୍ର ରାଣା କହିଛନ୍ତି । ଗୋପାଳଙ୍କ ପରିବାର ସଦସ୍ୟଙ୍କ ସହ ଉପ- ମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ସାକ୍ଷାତ କରିଛନ୍ତି । ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ୍ କରାଯିବ ବୋଲି କୁହାଯାଇଛି । ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି । ଝିଅ ସ୍କଟଲାଣ୍ଡରୁ ଆସିବା ପରେ ଗୋପାଳଙ୍କ ଅନ୍ତ୍ୟେଷ୍ଟିକ୍ରିୟା ରବିବାର କରାଯିବ । ଗୋପାଳ ରହୁଥିବା ଆପାର୍ଟମେଣ୍ଟର ଗେଟ୍ ସାମ୍ନାରେ ହିଁ ତାଙ୍କୁ ଗୁଳି କରାଯାଇଥିଲା । ତାଙ୍କୁ ପାଟଣାର ମୋଡିଭର୍ସାଲ ହସ୍ପିଟାଲକୁ ନିଆଯାଇଥିଲା ଓ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ । ସେ ବିଳମ୍ବିତ ରାତିରେ ବାଙ୍କିପୁର କ୍ଲବରୁ ନିଜେ ଗାଡି ଚଳାଇ ଘରକୁ ଫେରୁଥିଲେ ।

# ଭାରତକୁ ଆସି କିଡ୍‌ନୀ ବିକୁଛନ୍ତି ବାଂଲାଦେଶୀ

ଢ଼ାକା/କୋଲକାତା, ୫ ।୭ (ଏଜେନ୍ସି): ବାଂଲାଦେଶରେ ଦାରିଦ୍ର୍ୟ ଉତ୍କଟ ରୂପ ଧାରଣ କରିଛି । ଦାରିଦ୍ର୍ୟର ଉତ୍ପୀଡନରେ ଲୋକେ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡନୀକୁ ବିକ୍ରି କରିବାକୁ ପଛାଉନାହାନ୍ତି । ବାଂଲାଦେଶର ଉତ୍ତର-ପଶ୍ଚିମ ଜିଲ୍ଲା ଜୟପୁରହାଟ୍‌ରେ ଥିବା ଏକ ଛୋଟିଆ ଗାଁ 'କିଡନୀ ଭିଲେଜ୍' ନାମରେ କୁଖ୍ୟାତ ହାସଲ କରିଛି । ଏହି ଗାଁର ନାମ ବାଇଗୁନୀ । ଏହି ଗାଁର ପ୍ରତି ୩୫ ଜଣରେ ଜଣେ ବ୍ୟକ୍ତି ତାଙ୍କ କିଡନୀ ବିକ୍ରି କରିଛନ୍ତି । ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଅବୈଧ ଅଙ୍ଗ କାରବାରରେ ବହୁ ପରିବାର ଓ ତା'ର ସଦସ୍ୟ ଜୀବନ ବର୍ବାଦ କରିଛନ୍ତି ବୋଲି ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରିଛି ।

ଏହି ଗାଁରେ ରହୁଥିବା ୪୫ ବର୍ଷୀୟ ସଫିରୁଦ୍ଦିନ ୨୦୨୪ରେ ଗ୍ରୀଷ୍ମ ଋତୁରେ ଭାରତ ଆସି ଅଢେଇ ଲକ୍ଷ ଟଙ୍କାରେ ତାଙ୍କର ଗୋଟିଏ କିଡନୀ ବିକ୍ରି କରିଛନ୍ତି । ଦାରିଦ୍ରରୁ ମୁକ୍ତି ପାଇବା ଓ ନିଜ ୩ ଜଣ ପିଲାଙ୍କ ପାଇଁ ଘର ତିଆରି କରିବାକୁ ସେ କିଡନୀ ବିକ୍ରି କରିଛନ୍ତି ବୋଲି କହିଛନ୍ତି । କିନ୍ତୁ ସେ ନିର୍ମାଣ କରୁଥିବା ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ । ଶରୀରରେ କଷ୍ଟ ଅନୁଭବ କରୁଥିବା ବେଳେ ସେ କାମ କରିବାକୁ ଶକ୍ତି ଓ ସାମର୍ଥ୍ୟ ପାଉନାହାନ୍ତି ବୋଲି କହିଛନ୍ତି । ଦଲାଲମାନେ ନକଲି କାଗଜପତ୍ର ତଥା ଦସ୍ତାବେଜ ତିଆରି କରି ରୋଗୀଙ୍କର ସମ୍ପର୍କୀୟ ଭାବେ ଏହି ଗାଁର ଲୋକଙ୍କୁ ଚିତ୍ରଣ କରାଯାଉଛି । ଏହିକ୍ରମରେ ନକଲି ନୋଟାରୀ ପ୍ରମାଣପତ୍ର ଓ ଡିଏନ୍‌ଏ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିବାକୁ ଦଲାଲମାନେ ପଛାଉ ନାହାନ୍ତି । ୧୯୯୪ରେ ଜାରି କରାଯାଇଥିବା ନିୟମ ଅନୁସାରେ ଜଣେ ନିକଟ ସମ୍ପର୍କୀୟ କିମ୍ବା ସରକାରଙ୍କ ଅନୁମତି କ୍ରମେ ଜଣେ ବ୍ୟକ୍ତି ଆଉଜଣଙ୍କୁ କିଡ୍‌ନୀ ଦାନ କରିପାରିବେ । ଭୁଲ ଭାବେ ଏହି ନିୟମର ଫାଇଦା ଉଠାଇ ଦଲାଲ୍‌ମାନେ ମୋଟ ଅଙ୍କରେ ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏହି ଭଳି ଅନେକ ଉଦାହରଣ ଏହି ଗାଁରେ ଦେଖିବାକୁ ମିଳିଛି । ଦଲାଲମାନେ ଅଢ଼େଇ ଲକ୍ଷ ଟଙ୍କାରେ କିଡନୀ କିଣି ୧୮ରୁ ୨୨ଲକ୍ଷ ଟଙ୍କାରେ ବିକ୍ରି କରି ବହୁତ ଲାଭ କରିବା ସହ ଅର୍ଥ ଉପାର୍ଜନ କରୁଛନ୍ତି । ଏହି ଅବୈଧ ଅଙ୍ଗ କାରବାରରେ ବାଂଲାଦେଶ ପୁଲିସ ବହୁ ଲୋକଙ୍କୁ ଗିରଫ କରିଛି । ଗତ ବର୍ଷ ପୁଲିସ ଏହି ମାମଲାରେ ଜଣେ ମହିଳା ସର୍ଜନଙ୍କୁ ଗିରଫ କରିଥିଲା । ସେ ଅବୈଧ ଭାବେ ୧୫ ଜଣ ବାଂଲାଦେଶ ନାଗରିକଙ୍କ କିଡନୀକୁ ପ୍ରତିରୋପଣ କରିବାର ଅଭିଯୋଗ ହୋଇଛି । ଏହି ଅବୈଧ ଅଙ୍ଗ କାରବାରକୁ ରୋକିବା ପାଇଁ ଦୁଇ ଦେଶର ସରକାର ମିଳିତ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ।

'କିଡ୍‌ନୀ ଭିଲେଜ' ନାମରେ କୁଖ୍ୟାତି ହାସଲ କରିଛି ବାଇଗୁନି ଗାଁ








# ମହିଳାଙ୍କ ଭାବାବେଗକୁ ଚିତ୍ରରେ ଦିଅନ୍ତି ରୂପ

ଜଣେ ମହିଳା ମନରେ ବହୁ ଦୁଃଖ, କଷ୍ଟ, ଯନ୍ତ୍ରଣା ରହିଥାଏ । ହେଲେ ସେ ସମସ୍ତଙ୍କ ଆଗରେ ନିଜର ଭାବନାକୁ ପରିପ୍ରକାଶ କରିପାରନ୍ତିନି । ଅନ୍ୟ ଆଗରେ କହିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି । ତେଣୁ ଅନେକ ମହିଳା ମନର କଥାକୁ ଡାଏରୀରେ ଲେଖିଥାନ୍ତି । ସେହିପରି କିଛି ମହିଳା ମନର ଭାବନାକୁ ଗୀତ ତଥା କବିତା ଆକାରରେ ପ୍ରକାଶ କରିଥାନ୍ତି । କିନ୍ତୁ ଏମାନଙ୍କଠୁ ଭିନ୍ନ ଉତ୍ତରାଖଣ୍ଡର ଯୁବ ଚିତ୍ରଶିଳ୍ପୀ ଖୁସି ରାୱତ । ସେ ମହିଳାଙ୍କ ମନର ଅକୁହା କଥା ଦୁଃଖ, ଯନ୍ତ୍ରଣା, ହସକାନ୍ଦକୁ ନିଜ ଚିତ୍ରକଳା ମାଧ୍ୟମରେ ଦର୍ଶାଇଥାଆନ୍ତି । ଏହା ସହ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ସେ ଲୋକଲୋଚନକୁ ଆଣିଥାନ୍ତି । ଏପରି କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସମାଜ ପରିବର୍ତ୍ତନରେ ଏକ ନୂଆ ଦିଗ ସୃଷ୍ଟି କରିଛନ୍ତି ।





ଖୁସି ରାୱତ୍ ଜଣେ ଚିତ୍ରକର ଭାବେ ପରିଚିତ । ପିଲାବେଳୁ ତାଙ୍କର ଚିତ୍ରକଳା ପ୍ରତି ଆଗ୍ରହ ରହିଥିଲା । ନବମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ସେ ଚିତ୍ରକଳା ପାଇଁ ଲଳିତ କଳା ଏକାଡେମୀ ଆୱାର୍ଡ଼ ପାଇଥିଲେ ।

ଏହାପରେ ସେ ଚିତ୍ରକଳା ଦିଗରେ ଆଗକୁ ଯିବା ପାଇଁ ମନସ୍ଥ କରିଥିଲେ । ପାଠପଢ଼ା ସହ ସେ ନିଜର ଚିତ୍ରକଳା ଜାରି ରଖିଥିଲେ । ଗ୍ରାଜୁଏସନ୍ ପାଇଁ ସେ ଦିଲ୍ଲୀ ୟୁନିଭର୍ସିଟିରେ ବ୍ୟାଚ୍‌ଲର୍ ଅଫ୍ ଫାଇନ୍ ଆର୍ଟ କୋର୍ସ କରିଥିଲେ । ପାଠପଢ଼ା ସାଙ୍ଗକୁ ସେ ଚିତ୍ର ଆଙ୍କୁଥିଲେ । ବିଭିନ୍ନ ଥିମ୍ ଅନୁସାରେ ମହିଳାଙ୍କୁ କେନ୍ଦ୍ର କରି ସେ ଚିତ୍ର ଅଙ୍କନ କରିଥାନ୍ତି । ସେ ସମୟରେ ତାଙ୍କର ତିନୋଟି ପେଣ୍ଟିଂ ଲକ୍ଷାଧିକ୍ୟ ଟଙ୍କାରେ ବିକ୍ରି ହୋଇଥିଲା ।

ମହିଳାଙ୍କ ଭାବନା ସହ ଜଡ଼ିତ ଚିତ୍ରକଳା ଲୋକଙ୍କୁ ଘଡ଼ିଏ ଭାବିବାକୁ ବାଧ କରିଥାଏ । ତାଙ୍କର ଦୁଇଟି ପେଣ୍ଟିଂକୁ ଏକ ଆମେରିକୀୟ କମ୍ପାନୀ ଅନଲାଇନ୍ କମ୍ୟୁନିଟି ଇଭେଣ୍ଟରେ ବିକିବା ପାଇଁ ସ୍ଥିର କରିଥିଲା । ଆମେରିକୀୟ ମାର୍ବଲ ଲୋଟସ କମ୍ପାନୀ ଏହି ଦୁଇଟି ଚିତ୍ରକଳାର ବିକ୍ରିମୂଲ୍ୟ ସାତଲକ୍ଷ ଟଙ୍କାରୁ ଅଧିକ ରଖିଥିଲା । ଏହି ଚିତ୍ରକଳାକୁ ନେଇ ଖୁସି କୁହନ୍ତି, ଥରେ ସକାଳୁ ସେ ଦିଲ୍ଲୀରେ ବୁଲୁଥିବା ସମୟରେ ସେ



ଖୁବ୍ ଅଜବ ଦୃଶ୍ୟ ଦେଖିଥିଲେ । ଗୋଟିଏ ଫେଶନ ସୋ' ରୁମ୍ ଦୋକାନରେ ଥିବା ମାନିକୁଇନ ଉପରେ କପଡ଼ା ଆବଦ୍ଧ କରିଥିବା ସେ ଦେଖିଥିଲେ । ଏହାକୁ ଦେଖି ସେ ବର୍ତ୍ତମାନ ସମୟରେ ମାନିକ୍ୟୁଇନ୍ ବି ସୁରକ୍ଷିତ ନୁହେଁ ବୋଲି ଅନୁଭବ କରିଥିଲେ । ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ଏହାପରେ ସେ ଏହି ଥିମ୍‌କୁ ନେଇ ନିଜର ଆର୍ଟ ତିଆରି କଲେ । ଏହା ଖୁବ୍ ଲୋକପ୍ରିୟ ହୋଇଥିଲା ।

ଖୁସି ବିଭିନ୍ନ ଦିଗକୁ ଧ୍ୟାନରେ ରଖି ଚିତ୍ର ଅଙ୍କନ କରିଥାନ୍ତି । ମହିଳାମାନଙ୍କୁ ସମାଜରେ ଉପେକ୍ଷା କରି ଘୋଡ଼ାଇ ରଖିବା, ନିଜର ଭାବନା ଚିନ୍ତାଧାରାକୁ ନିଜ ଭିତରେ ରଖିବା, ମହିଳାଙ୍କ ସ୍ୱରକୁ ଚାପିବା, ଆଦିକୁ ଚିତ୍ରରେ ଦର୍ଶାଇଥାନ୍ତି । କେବଳ ଜଣେ ମହିଳା ହିଁ ଗୋଟିଏ ମହିଳାର ଦୁଃଖକୁ ଅନୁଭବ କରି ସହାନୁଭୂତି ଦେଖାଇଥାଏ ବୋଲି ଖୁସି କୁହନ୍ତି । ଭବିଷ୍ୟତରେ ସେ ଜଣେ ବଡ଼ ଚିତ୍ରଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି । ସେ ଚିତ୍ରକଳା ମାଧ୍ୟମରେ ଦୁନିଆକୁ ଏକ ନୂଆ ଦୃଷ୍ଟିକୋଣ ଦେବାକୁ ଚାହୁଁଛନ୍ତି । ମହିଳାମାନଙ୍କ ଭାବନାକୁ ବୁଝିବା ପାଇଁ ସେ ନିଜ ଚିତ୍ର ବ୍ୟବହାର କରିଥାନ୍ତି । ଏପରି କରି ସେ ଲକ୍ଷ ଲକ୍ଷ ମହିଳାଙ୍କୁ ପ୍ରେରଣା ଦେଉଛନ୍ତି ।

# ଫଟୋ ଫ୍ରେମ୍ ଜୁଏଲାରୀ



ସମୟ ଅନୁଯାୟୀ ଫେଶନ, ପୋଷାକ, ମେକ୍‌ଅପ୍, ଅଳଙ୍କାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ବର୍ତ୍ତମାନ ସମୟରେ ଫଟୋଫ୍ରେମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଏଥିରେ ମହିଳାମାନେ ସେମାନଙ୍କ ପସନ୍ଦ ଅନୁଯାୟୀ ଫଟୋ ଦେଇ ଚୁଡ଼ି, ମଙ୍ଗଳସୂତ୍ର ଆଦି କଷ୍ଟମାଇଜ୍ କରି ପିନ୍ଧିଥାନ୍ତି । ଜାଣିବା ସେ ବିଷୟରେ...



**ଚୁଡ଼ି -** ବିଶେଷ କରି ବିବାହିତ ମହିଳାଙ୍କ ମଧ୍ୟରେ ଏହି ଫଟୋଫ୍ରେମ୍ ଚୁଡ଼ିର ଚାହିଦା ଅଧିକ ରହିଛି । ଏଥିରେ ସେମାନେ ନିଜ ପସନ୍ଦ ଅନୁସାରେ ଡିଜାଇନ୍ ବରାଦ ଦେଇଥାନ୍ତି । ଏଥିରେ ନିଜ ଫଟୋ ସହ ଚାହିଁଲେ ପତିଙ୍କ ଫଟୋରଖି ପ୍ରସ୍ତୁତ କରିପାରିବେ ।

**ମଙ୍ଗଳସୂତ୍ର –** ସାଧାରଣତଃ ମଙ୍ଗଳସୂତ୍ରରେ କଳାମାଳି ସହ ଏକ ଲକେଟ୍ ରହିଥାଏ । କିନ୍ତୁ ବର୍ତ୍ତମାନ ମହିଳାମାନେ ପ୍ରିୟଜନଙ୍କ ଫଟୋ ଦେଇ ଲକେଟ୍ ଡିଜାଇନ କରିଥାନ୍ତି । ସେହିପରି ଏହା ଉଭୟ ଅନ୍‌ଲାଇନ୍ ଅଫ୍‌ଲାଇନ୍‌ରେ ଉପଲବ୍ଧ ।

**ମୁଣ୍ଡ ଖୋସା –** ଆଜିକାଲି ଯୁବତୀ ତଥା ମହିଳାମାନେ କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଗଲେ ମୁଣ୍ଡରେ ଖୋସା କରି ରଜନୀ ଗନ୍ଧା ଫୁଲ ଲଗାଇଥାନ୍ତି । କିନ୍ତୁ ଏବେ ଧଳାମାଳିରେ ଛୋଟ ଫଟୋ ଫ୍ରେମ୍ ଡିଜାଇନ କରି ମୁଣ୍ଡରେ ଲଗାଉଛନ୍ତି ।

# ବର୍ଷାଦିନିଆ ଫେଶନ

ସବୁ ମହିଳାମାନେ ସୁନ୍ଦର ତଥା ଆକର୍ଷଣୀୟ ଦିଶିବା ପାଇଁ ଚାହାନ୍ତି । ଏଥିପାଇଁ ଋତୁ ଅନୁଯାୟୀ, ଆଉଟ୍‌ଫିଟ୍ ଚୟନ କରିଥାନ୍ତି । ହେଲେ ବର୍ଷାଦିନେ ଓଦାପୋଷାକ, ଖସଡ଼ା ରାସ୍ତା, ହାତରେ ଛତା ଧରି ଯାତାୟାତ କରିବାବେଳେ ଷ୍ଟାଇଲିଶ୍ ଦେଖାଯିବା ଖୁବ୍ ସମସ୍ୟାଜନକ ହୋଇଯାଏ; କିନ୍ତୁ କିଛି ୱାଟରପ୍ରୁଫ୍ ଆସେସରିଜ୍ ରହିଛି, ଯାହା ବର୍ଷାରୁ ସୁରକ୍ଷା ଦେବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ।

## ୱାଟରପ୍ରୁଫ୍ ରେନ୍‌କୋଟ୍

ରେନ୍‌କୋଟ କହିଲେ, କେବଳ ପ୍ଲାଷ୍ଟିକ୍ ସାଦା ଜରି ନୁହେଁ । ବର୍ତ୍ତମାନ ମାର୍କେଟରେ ରଙ୍ଗିନ୍, ହାଲୁକା, ପ୍ରିଣ୍ଟେଡ୍ ଜ୍ୟାକେଟ୍ ମିଳୁଛି । ଏହା ବର୍ଷାରୁ ସୁରକ୍ଷା ଦେବା ସହ ଫେଶନ ଷ୍ଟେଟ୍‌ମେଣ୍ଟ ଭାବେ ବ୍ୟବହାର କରିପାରିବେ ।

## ପ୍ରିଣ୍ଟେଡ୍ ଛତା

ଛତା କେବଳ ବର୍ଷାରୁ ରକ୍ଷା କରେନି, ଏହା ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ଫୁଲ ପ୍ରିଣ୍ଟ, ପୋଲ୍‌କା ଡଟ୍, ଟ୍ରାନ୍ସପ୍ୟାରେଣ୍ଟ ଛତା ଲୁକ୍‌କୁ ଦ୍ୱିଗୁଣିତ କରିଥାଏ । ଏହାକୁ ଆଉଟ୍‌ଫିଟ୍ ସହ ମ୍ୟାଚ୍ କରି ନେଇପାରିବେ ।

## ବ୍ୟାଗ୍

ଅଫିସ୍ ହେଉ ଅବା କଲେଜ ବର୍ଷାଦିନେ ୱାଟରପ୍ରୁଫ୍ ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ବର୍ଷାରୁ ସମସ୍ତ ଜିନିଷକୁ ସୁରକ୍ଷିତ ରଖିଥାଏ । ଏଥିପାଇଁ ରଙ୍ଗିନ୍ ଚେନ୍, ଲେଦର ଫିନିଶ୍ ବ୍ୟାଗ ବ୍ୟବହାର କରିପାରିବେ ।

## ଫୁଟ୍‌ୱିୟାର୍

ବର୍ଷାଦିନେ ଗମ୍‌ବୁଟସ୍, ୱାଟରପ୍ରୁଫ୍ ସାଣ୍ଡେଲ୍ ଆଦି ଅଧିକ ବ୍ୟବହାର କରାଯାଏ । ଏବେର ସମୟରେ ବିଶେଷ କରି ଫ୍ଲୋରାଲ୍ ପ୍ରିଣ୍ଟ, ଟ୍ରାନ୍ସପ୍ୟାରେଣ୍ଟ ଏବଂ ନିଅନ ରଙ୍ଗର ବୁଟ୍ ଲୋକେ ପସନ୍ଦ କରୁଛନ୍ତି ।

## ଆସେସରିଜ୍

ଘଣ୍ଟା ବିନା ହାତ ଖାଲି ଦିଶିଥାଏ । ତେଣୁ ବର୍ଷାଦିନେ ୱାଟରପ୍ରୁଫ୍ ଘଣ୍ଟା ପିନ୍ଧିପାରିବେ । ଏଥିସହ ବ୍ରେସ୍‌ଲେଟ୍ କ୍ଲିପ୍ ଆଦି ପିନ୍ଧିପାରିବେ ।



# ଚୁଡ଼ା ପିଜା ବଲ୍

## ଆବଶ୍ୟକ ସାମଗ୍ରୀ

ଚୁଡ଼ା – ଦୁଇ କପ୍, ସିଝା ଆଳୁ – ତିନୋଟି, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ପିଆଜ – ଏକ କପ୍, ସିଜା ମିଠା ମକା – ଏକ କପ୍, ଗରମମସଲା, - ଏକ ଚାମଚ, ହଳଦୀଗୁଣ୍ଡ- ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଚିଲି ଫ୍ଲେକ୍ସ – ଅଧା ଚାମଚ, ଛୋଟ ଚିଜ୍ କ୍ୟୁବ୍ – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଡ଼ାକୁ ପାଣିରେ ଧୋଇ ଭଲରେ ଚିପୁଡ଼ି ଏକ ପାତ୍ରରେ ରଖନ୍ତୁ । ସେଥିରେ ସିଝା ଆଳୁ, କ୍ୟାପ୍‌ସିକମ୍, ପିଆଜ , ମକା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା, ଚିଲି ଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ହାତରେ ଛୋଟ ବଲ୍ ଆକାର କରି ମଝିରେ ଗୋଟିଏ ଚିଜ୍ କ୍ୟୁବ୍ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ପ୍ରସ୍ତୁତ କରି ରଖିଥିବା ବଲ୍‌ଗୁଡ଼ିକୁ ଦେଇ ଛାଣନ୍ତୁ । ଦୁଇ ପାଖ ସୁନେଲି ରଙ୍ଗ ହୋଇଗଲେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ ସହ ପରଷି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଚୁଡ଼ା ପିଜା ବଲ୍' ।



# ହ୍ୟାଙ୍ଗିଙ୍ଗ ବାସ୍କେଟ୍‌ରେ ସଜାନ୍ତୁ ବାଲ୍‌କୋନି



ମହିଳାମାନେ ବାଲ୍‌କୋନି ସଜାଇବାକୁ ପସନ୍ଦ କରନ୍ତି । ଏଥିପାଇଁ ଇଣ୍ଟେରିୟର ଡିଜାଇନରଙ୍କ ସାହାଯ୍ୟରେ ବାଲ୍‌କୋନିକୁ ଏକ ନୂଆ ରୂପ ଦେଇଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନଥାଏ । ତେଣୁ ଚାହିଁଲେ ହ୍ୟାଙ୍ଗିଙ୍ଗ୍ ବାସ୍କେଟ୍ ପ୍ଲାଣ୍ଟ ଲଗାଇ ବାଲ୍‌କୋନି ସଜାଇପାରିବେ ।

## ମନିପ୍ଲାଣ୍ଟ

ଏହି ଗଛ ଲଗାଇବା ସହ ଏହାର ଯତ୍ନ ନେବା ଖୁବ୍ ସୁବିଧାଜନକ ହୋଇଥାଏ । ଏହି ଲତାଗୁଡ଼ିକ ଫୁଲକୁଣ୍ଡରେ ଝୁଲନ୍ତା ଅବସ୍ଥାରେ ଖୁବ ସୁନ୍ଦର ଦେଖାଯାଏ । ଏହାକୁ ସାମାନ୍ୟ ଖରା, ଅଳ୍ପ ଯତ୍ନ କରିବାକୁ ପଡ଼ିଥାଏ । ଏହି ଗଛ ଖୁବ୍ ଶୀଘ୍ର ବଢ଼ିଥାଏ । ହଳଦିଆ ସବୁଜ ରଙ୍ଗର ଏହି ପତ୍ର କାନ୍ଥର ସୌନ୍ଦର୍ଯ୍ୟ ବଢ଼ାଇଥାଏ ।

## ସ୍ପାଇଡର ପ୍ଲାଣ୍ଟ


ଏହା ଏକ ଲୋକପ୍ରିୟ ଗଛ ଭାବେ ପରିଚିତ । ଏହାକୁ ଘର ସଜାଇବା ସହ ଘରେ ଶୁଦ୍ଧତା ବଜାୟ ରଖିବା ପାଇଁ ଲଗାଯାଇଥାଏ । ବିଶେଷ କଥା ହେଉଛି ସ୍ପାଇଡର ପ୍ଲାଣ୍ଟ ଲଗାଇଲେ, ଏହାର ବେଶୀ ଯତ୍ନ ନେବାକୁ ପଡ଼େନି । ଏହି ଗଛ ଫୁଲକୁଣ୍ଡରେ ଖୁବ୍ ସୁନ୍ଦର ଦେଖାଯାଏ । ଏହାର ପତ୍ର ଗୁଡ଼ିକ ତଳକୁ ଝୁଲିବା ଭଳି ରହିଥାଏ । ସେହିପରି ଏହା ବାୟୁମଣ୍ଡଳକୁ ଶୁଦ୍ଧ ରଖିଥାଏ । ଏହା ଦ୍ୱାରା ଘରେ ସକାରାତ୍ମକ ବାତାବରଣ ବଜାୟ ରହିଥାଏ ।

## ପେଟୁନିଆ

ବାଲ୍‌କୋନୀକୁ ରଙ୍ଗିନ ଫୁଲପତ୍ରରେ ସଜାଇବାକୁ ଚାହୁଁଥିଲେ, ପେଟୁନିଆ ଏକ ଭଲ ବିକଳ୍ପ । ଏହି ଗଛରେ ଫୁଲଗୁଡ଼ିକ ଖୁବ୍ ସୁନ୍ଦର ଦେଖାଯାଏ । ଏହିଗଛ ଅଧିକ ସୂର୍ଯ୍ୟାଲୋକ ଆବଶ୍ୟକ କରିଥାଏ । ବିଶେଷ କରି ଖରାଦିନେ ଏହି ଫୁଲ ଅଧିକ ଫୁଟିଥାଏ ।

# ନିୟମିତ ମସ୍କାରା ଲଗାଉଥିଲେ...

ଆଖିପତାକୁ ଘନକଳା ତଥା ଆକର୍ଷଣୀୟ କରିବା ପାଇଁ ମହିଳାମାନେ ମସ୍କାରା ଲଗାଇଥାନ୍ତି । ଏହା ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି କରି ମେକ୍‌ଅପ୍‌କୁ ଏକ ପରଫେକ୍ଟ ଲୁକ୍ ଦେଇଥାଏ । କିନ୍ତୁ ନିୟମିତ ଆଖିରେ ମସ୍କାରା ଲଗାଇଲେ ଆଖିପତା ଝଡ଼ିଯାଏ । ଏହା ଆଖିକୁ କ୍ଷତି ପହଞ୍ଚାଇଥାଏ । ଜାଣିବା ସେ ବିଷୟରେ...



## ଆଖି ସଂକ୍ରମଣ

ମସ୍କାରାରେ ଥିବା ରାସାୟନିକ ପଦାର୍ଥ ଆଖିକୁ କ୍ଷତି ପହଞ୍ଚାଇଥାଏ । ନିୟମିତ ମସ୍କାରା ଲଗାଇଲେ ଆଖି ନାଲିପଡ଼ିବା, କୁଣ୍ଡାବ ହେବା ଓ ପାଣି ବାହାରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

## ଆଖିପତା ଝଡ଼ିବା

ଆଖିପତା ଘନ କରିବା ପାଇଁ ନିୟମିତ ବ୍ୟବହୃତ ମସ୍କାରା ଦ୍ୱାରା ଆଖି ପତା ଝଡ଼ିଯାଏ । ତେଣୁ ନିୟମିତ ମସ୍କାରା ଲଗାଇବାଠୁ ଦୂରେଇ ରହିବା ଭଲ ।

## ଦେଖିବାରେ ସମସ୍ୟା

ସେହିପରି ନିୟମିତ ମସ୍କାରା ବ୍ୟବହାର କଲେ ଦେଖିବାରେ ମଧ ସମସ୍ୟା ହୋଇଥାଏ । ମସ୍କାରା ଲଗାଉଥିବା ସମୟରେ ଭୁଲବଶତଃ ଏହା ଆଖିରେ ପ୍ରବେଶ କଲେ କାର୍ନିୟାକୁ କ୍ଷତି ପହଞ୍ଚାଇଥାଏ । ଏହା ଦ୍ୱାରା ଦୃଷ୍ଟିଶକ୍ତିରେ ସମସ୍ୟା ହୋଇପାରେ ।

# ବ୍ଲାଉଜ୍ ଡିଜାଇନ୍



ସାଧାରଣତଃ ପୂଜା, ଫଙ୍କ୍‌ସନ୍‌ରେ ମହିଳାମାନେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି । ଶାଢ଼ିର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବ୍ଲାଉଜ୍ । ବିଶେଷ କରି ବ୍ଲାଉଜ୍‌ର ବେକ ଓ ପଛ ଡିଜାଇନ୍ ଶାଢ଼ିର ମୁଖ୍ୟ ଆକର୍ଷଣ ହୋଇଥାଏ । ତେଣୁ ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ଥିବା ଡିଜାଇନ୍ କରିପାରିବେ ।

## ବୋ - ଡିଜାଇନ୍

ବର୍ତ୍ତମାନ ସମୟରେ ବୋ- ଡିଜାଇନ୍ ବ୍ଲାଉଜର ଖୁବ୍ ଚାହିଦା ରହିଛି । ଏଥିରେ ଚାହିଁଲେ ମ୍ୟାଚିଙ୍ଗ୍ କରି କାହାଳୀ ତଥା ବିଡ୍ ଲଗାଇପାରିବେ । ଏହା ବ୍ଲାଉଜ୍‌ର ସୁନ୍ଦରତା ବୃଦ୍ଧି କରିଥାଏ ।


## ଟେମ୍ପଲ୍ କଟିଙ୍ଗ୍

ଶାଢ଼ି ଓ ଲେହେଙ୍ଗା ପାଇଁ ବ୍ଲାଉଜ୍ ତିଆରି କରିବାକୁ ଚାହୁଁଥିଲେ ଟେମ୍ପଲ କଟ୍ ଡିଜାଇନ୍ କରିପାରିବେ । ଏଥିସହ ଚାହିଁଲେ ଲଟକନ୍ କିମ୍ବା ଡୋରୀ ଲଗାଇପାରିବେ ।



## ଷ୍ଟାଇଲିସ୍ ବ୍ଲାଉଜ୍ ଡିଜାଇନ୍

ବ୍ଲାଉଜ୍‌ରେ ଏ ପ୍ରକାର ଡିଜାଇନ୍ ଖୁବ୍ ସୁନ୍ଦର ଦେଖାଯାଏ । ବ୍ଲାଉଜର ପଛପାର୍ଶ୍ୱ ୟୁ-କଟ୍ କରି ସେଥିରେ ତ୍ରିଭୂଜାକାର ଡିଜାଇନ ହୋଇଥାଏ । ମଝିରେ ବାନ୍ଧିବା ପାଇଁ ଫିତା ରହିଥାଏ । ଏହି ଡିଜାଇନ୍ ଉଭୟ ଭାରି ଓ ହାଲୁକା ଶାଢ଼ିକୁ ଭଲ ମାନିଥାଏ ।



## ସ୍ୱିଟ୍‌ହାର୍ଟ ନେକ୍ ଡିଜାଇନ

ବିଶେଷ କରି ସ୍ୱିଟହାର୍ଟ ନେକ୍ ଡିଜାଇନ୍ ବ୍ଲାଉଜ୍‌କୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ଏହି ଡିଜାଇନ୍ କରି ଏଥିରେ ବୋ ଲଗାଇଲେ ଏହା ଅଧିକ ଆକର୍ଷଣୀୟ ଦିଶିଥାଏ ।

# ଭାରତର ବାଂଲା ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଆସନ୍ତା ଅଗଷ୍ଟରେ ହେବାକୁ ଥିବା ବାଂଲାଦେଶ ଗସ୍ତକୁ ସ୍ଥଗିତ ରଖାଯାଇଛି। ଏହି ଗସ୍ତରେ ଅଗଷ୍ଟ ୧୭ରୁ ୩୧ ମଧ୍ୟରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ବାଂଲାଦେଶ ଗସ୍ତରେ ଯିବା ଭାରତୀୟ କ୍ରିକେଟ ଦଳର ସମ୍ଭବ ନୁହେଁ। ଏହି ଗସ୍ତକୁ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ସେପ୍ଟେମ୍ବରରେ ଆୟୋଜନ କରାଯିବାକୁ ଉଭୟ ଦେଶର କ୍ରିକେଟ ବୋର୍ଡ ରାଜି ହୋଇଥିବା କଥା ବିସିସିଆଇ ପକ୍ଷରୁ କୁହାଯାଇଛି। ସେହିଭଳି ଆସନ୍ତାବର୍ଷ ଭାରତୀୟ କ୍ରିକେଟ ଦଳର ଗସ୍ତକୁ ଆମେ ଉତ୍କଣ୍ଠାର ସହ ଅପେକ୍ଷା କରିବୁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ କହିଛନ୍ତି। ଏହି ଗସ୍ତ ସ୍ଥଗିତ ରହିବାର କାରଣ ଯାହା ହେଉନା କାହିଁକି, ଦୁଇ ଦେଶ ମଧ୍ୟରେ କୁଟନୈତିକ ଓ ରାଜନୈତିକ ସମ୍ପର୍କ ଭଲ ନାହିଁ। ଏଣୁ ଗସ୍ତ ବାତିଲ ହେବାର ଆଶଙ୍କା କରି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏହି ସିରିଜ୍ ଲାଗି କୌଣସି ପ୍ରସ୍ତୁତି କରାଯାଇ ନ ଥିଲା। ବୋର୍ଡ ମଧ୍ୟ ତାହାର ପ୍ରସାରଣ ଅଧିକାର ନିଲାମିକୁ ଘୁଞ୍ଚାଇଦେଇଛି। ଏହା ସମସ୍ତେ ଜାଣିଛନ୍ତି, ଭାରତ ଯେଉଁ ଦେଶକୁ କ୍ରିକେଟ ଖେଳିବାକୁ ଯାଏ, ସେହି ଦେଶର କ୍ରିକେଟ ବୋର୍ଡ ମାଲେମାଲ ହୋଇଯାଇଥାଏ। ଦୁଇଦେଶ ମଧ୍ୟରେ କୁଟନୈତିକ ସମ୍ପର୍କ ଭଲ ହେବା ପରେ ଏହି ଗସ୍ତକୁ କାର୍ଯ୍ୟକାରୀ କରାଯିବ।

# ଦ୍ୱିତୀୟ ଟେଷ୍ଟ: ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଆଗୁଆ

ଗ୍ରେନେଡା,୫।୭ (ଏଜେନ୍ସି): ନାଥନ ଲାୟନ ଓ ଅନ୍ୟ ସହଯୋଗୀଙ୍କ ସଫଳତା ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୩୩ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୮୬ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୫୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୭୫, ଜନ୍ କ୍ୟାମ୍ପବେଲ ୪୦ରନ୍ କରିଥିଲେ। ଦୁଇ ଯୋଶେଫଙ୍କ ମଧ୍ୟରୁ ସମର ୨୯ ଓ ଅଲଜରୀ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ଲାୟନଙ୍କୁ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ପ୍ୟାଟ କମିନ୍ସଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୨ ରନ୍‌ରେ ୨ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ଖବର ସୁଦ୍ଧା ଦଳ ୩ ୱିକେଟ ହରାଇ ୨୩ ଓଭରରେ ୬୦ ରନ୍ ସଂଗ୍ରହ କରିଛି। ଦୁଇ ଓପନର ସାମ କୋନଷ୍ଟାସ ୦, ଉସ୍‌ମାନ ଖୱାଜା ୨ ରନ୍‌ରେ ଆଉଟ ହୋଇଛନ୍ତି।

**ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ**

# ସେମିରେ ଚେଲସୀ-ଫ୍ଲୁମିନେନ୍ସ

ଲିଙ୍କନ୍, ୫।୭ (ଏଜେନ୍ସି): ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ଓ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳାଯିବ। ଗତକାଲି ବିଳମ୍ବିତ ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଚେଲସୀ ୨-୧ ଗୋଲରେ ପାଲମେଇରାସକୁ ଓ ଫ୍ଲୁମିନେନ୍ସ ମଧ୍ୟ ୨-୧ ଗୋଲରେ ବିପର୍ଯ୍ୟୟସୃଷ୍ଟିକାରୀ ଅଲ ହିଲାଲକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଜୁଲାଇ ୮ରେ ଖେଳାଯିବ। ଏହା ପୂର୍ବରୁ ଦ୍ୱିତୀୟ ସେମିଫାଇନାଲ ଲାଗି ଆଜି ମୁକାବିଲା ହେବ। ଆଟଲାଣ୍ଟାରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ ସହ ଜର୍ମାନୀର ବେୟର୍ଣ୍ଣ ମ୍ୟୁନିକ୍‌ର ମୁକାବିଲା ହେବ। ସେହିପରି ଇଷ୍ଟ ରଦରଫୋର୍ଡରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲାରେ ସ୍ପେନ୍‌ର ରିଅଲ ମାଦ୍ରିଦ୍ ସହ ଜର୍ମାନୀ ଟିମ୍ ବୋରୁସିଆ ଡର୍ଟମଣ୍ଡ ଖେଳିବ। ଜୁଲାଇ ୮ ଓ ୯ରେ ସେମିଫାଇନାଲ, ୧୩ରେ ଫାଇନାଲ ମୁକାବିଲା ଖେଳାଯିବ। ଏହି ୩ଟି ଯାକ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଖେଳାଯିବ।



## ଦ୍ୱିତୀୟ ଟେଷ୍ଟ: ଉଭୟ ଇନିଂସରେ ଗିଲ୍‌ଙ୍କ ଶତକ

# ଟାର୍ଗେଟ୍ ୬୦୮; ଇଂଲଣ୍ଡ ୭୨/୩

ଏଜ୍‌ବାଷ୍ଟନ,୫।୭ (ଏଜେନ୍ସି)

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ (୨୬୯ ଓ ୧୬୧) ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଗିଲଙ୍କ ସହ ଉପଅଧିନାୟକ ଋଷଭ ପନ୍ତ୍ (୬୫), ଲୋକେଶ ରାହୁଲ (୫୫) ଓ ରବୀନ୍ଦ୍ର ଜାଡେଜା (୬୯*)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୬ ୱିକେଟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଛି। ଏହା ଫଳରେ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ଥିବା ଭାରତ ଘରୋଇ ଇଂଲଣ୍ଡ ଆଗରେ ଆଜିର ୧୬ ଓଭର ଓ ଆସନ୍ତାକାଲି ବାକିଥିବା ଗୋଟିଏ ଦିନର ଖେଳକୁ ମିଶାଇ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶନିବାର ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ୭୨ ରନ୍ ବିନିମୟରେ ୩ଟି ମୂଲ୍ୟବାନ ୱିକେଟ ହରାଇଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଓଲି ପୋପ୍ ୨୪ ଓ ହ୍ୟାରୀ ବ୍ରୁକ୍ ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ କ୍ରଲୀ ୦, ବେନ୍ ଡକେଟ ୨୫ ଓ ଜୋ ରୁଟ୍ ୬ ରନ୍‌ରେ ଆଉଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଡକେଟ ଓ ରୁଟ୍‌ଙ୍କୁ ଆକାଶଦୀପ ବୋଲ୍ଡ କରିଥିଲାବେଳେ କ୍ରଲୀଙ୍କୁ ସିରାଜ ବଦଳ ଖେଳାଳି ସାଇ ସୁଦର୍ଶନଙ୍କ ହାତରେ କ୍ୟାଚ୍ ଆଉଟ କରାଇଥିଲେ। ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍ ଜିତିବା ଲାଗି ଇଂଲଣ୍ଡକୁ ବାକିଥିବା ୭ ୱିକେଟ ବିନିମୟରେ ଆଉ ୫୩୬ ରନ୍ ଆବଶ୍ୟକ ହେଉଛି। ସେହିପରି ଭାରତକୁ ଇଂଲଣ୍ଡର ଅବଶିଷ୍ଟ ୭ଜଣ ଖେଳାଳିଙ୍କୁ ଆଉଟ କରିବା ଆବଶ୍ୟକ।

ପୂର୍ବରୁ ଶନିବାର ସକାଳେ ଭାରତ ୧ ୱିକେଟରେ ୬୪ ରନ୍‌ରୁ ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରିଥିଲା। କର୍ଣ୍ଣାଟକର ଦୁଇ ଖେଳାଳି କରୁନ ନାୟାର ୨୬ ଓ ଲୋକେଶ ରାହୁଲ ୫୫ ରନ୍ କରି ଆଉଟ ହେବା ପରେ ଭାରତର ସ୍କୋର ୩ ୱିକେଟରେ ୧୨୬ରେ ପହଞ୍ଚିଥିଲା। ଏହି ସମୟରେ ଅଧିନାୟକ ଗିଲ୍ ଚତୁର୍ଥ ୱିକେଟରେ ଉପଅଧିନାୟକ ଋଷଭ ପନ୍ତ୍‌ଙ୍କ ସହ ୧୦୩ ବଲ୍‌ରୁ ୧୧୦ ଓ ପଞ୍ଚମ ୱିକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୨୦୮ ବଲ୍‌ରୁ ୧୭୫ ରନ୍ ଉଠାଇଥିଲେ। ଗିଲ ୧୬୨ ବଲ୍‌ରୁ ୧୩ ଚୌକା ଓ ୮ ଛକା ସହ ୧୬୧ ରନ୍‌ରେ ଆଉଟ ହେବା ପୂର୍ବରୁ ଅନେକ ରେକର୍ଡ ଭାଙ୍ଗିଦେଇଥିଲେ। ଉପଅଧିନାୟକ ପନ୍ତ୍ ୫୮ ବଲ୍ ଖେଳି ୮ ଚୌକା ଓ ୩ଛକା ସହ ୬୫ ରନ୍ କରିଥିଲେ। କିନ୍ତୁ ଜାଡେଜା ୧୧୮ ବଲ୍ ଖେଳି ୫ ଚୌକା ଓ ୧ଛକା ସହ ୬୯ ରନ୍‌ରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ଓ ସୋଏବ ବସିର ୨ଟି ଲେଖାଏଁ ୱିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୮୭/୧୦, ୧୫୧ ଓଭର**
(ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧, ଟଙ୍ଗ୍-୨/୧୧୯)।

**ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦, ୮୯.୩ ଓଭର**
(ସ୍ମିଥ-୧୮୪*, ବ୍ରୁକ୍-୧୫୮, ସିରାଜ-୬/୭୦, ଆକାଶ ଦୀପ-୪/୮୮)।

**ଭାରତ ଦ୍ୱିତୀୟ ଇନିଂସ: ୪୨୭/୬, ୮୩ ଓଭର, ପାଳି ଘୋଷିତ**
(ଗିଲ୍-୧୬୧, ଜାଡେଜା-୬୯*, ପନ୍ତ୍-୬୫, ରାହୁଲ-୫୫, ଟଙ୍ଗ୍-୨/୯୩, ବସିର-୨/୧୧୯)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୭୨/୩, ୧୬ ଓଭର**
(ପୋପ୍-୨୪*, ବ୍ରୁକ୍-୧୫*, ଡକେଟ-୨୫, ଆକାଶଦୀପ-୨/୩୬, ସିରାଜ-୧/୨୯)।

**ମହିଳା ଟି-୨୦**

# ବିଶ୍ୱରେକର୍ଡ ସତ୍ତ୍ୱେ ହାରିଲା ଭାରତ

କିଆ ଓଭାଲ,୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୨୫ ବଲ୍‌ରେ ୯ଟି ୱିକେଟ ଅକ୍ତିଆର କରି ବିଶ୍ୱରେକର୍ଡ କରିଥିଲେ ମଧ୍ୟ ୫ ରନ୍‌ରେ ଏହି ମ୍ୟାଚ୍‌କୁ ହାରିଯାଇଛି। ଏହା ଫଳରେ ୧-୨ରେ ପଛୁଆ ରହିଥିବା ଇଂଲଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟରେ ୧୭୧ ରନ୍ କରିଥିଲା। ଏପରିକି ଦଳ ୯୨ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲେ ମଧ୍ୟ ୨୫ ବଲ୍‌ରେ ଶେଷ ୯ଟି ୱିକେଟ ହରାଇ ଭାରତକୁ ବିଶ୍ୱରେକର୍ଡ କରିବାରେ ସହାୟତା ଦେଇଥିଲା। ଏହି ୯ଟି ମଧ୍ୟରୁ ଦୀପ୍ତି ଶର୍ମା ଓ ଅରୁନ୍ଧତି ରେଡ୍ଡି ୩ଟି ଲେଖାଏଁ ଓ ଶ୍ରୀଚରଣି ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟରୁ ୮୫ରନ୍ ଉଠାଇ ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ। ଶେଫାଳି ୪୭ ରନ୍ କରିଥିଲେ। କିନ୍ତୁ ୧୬ତମ ଓଭରରେ ମନ୍ଧାନା ଆଉଟ ହେବା ପରେ ଭାରତ ଆଉ ରନ୍ ରେଟ୍ ରଖିପାରି ନ ଥିଲା। ଶେଷରେ ୫ ରନ୍‌ରେ ପରାଜିତ ହୋଇଥିଲା। ୫୩ ବଲ୍‌ରୁ ୭୫ ରନ୍ କରିଥିବା ସୋଫି ଡଙ୍କଲୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ**

# ଭାରତକୁ ଏସିଆ କପ୍ ଯୋଗ୍ୟତା

ବ୍ୟାଙ୍କକ୍,୫।୭ (ଏଜେନ୍ସି): ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ ବଳରେ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ଯୋଗ୍ୟତା ପର୍ଯ୍ୟାୟର ଶେଷ ମୁକାବିଲାରେ ଭାରତ ୨-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଭାରତ ଏଏଫ୍‌ସି ମହିଳା ଏସିଆ କପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରିଛି। ଏହି ସଫଳତା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏସିଆ କପ୍‌ରେ ଭାରତ ଉଚ୍ଚକୋଟୀର ଖେଳି ଭାରତ ବିଜୟୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ଏଏଫ୍‌ସି ମହିଳା ଏସିଆ କପ୍‌ରେ ଭାରତ ୮ଥର ଖେଳିଛି, କିନ୍ତୁ ପ୍ରଥମଥର ଲାଗି କ୍ୱାଲିଫାୟର୍ସ ଖେଳି ଯୋଗ୍ୟତା ଅର୍ଜନ କରିଛି। ୨୦୨୨ରେ ଆୟୋଜକ ଦେଶ ଭାବେ ଭାରତ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଖେଳିଥିଲା।






# ଚତୁର୍ଥ ରାଉଣ୍ଡରେ ସିନର, ସାବାଲେଙ୍କା

**ୱିମ୍ବଲଡନ ଟେନିସ୍**

ଲଣ୍ଡନ, ୫।୭ (ଏଜେନ୍ସି): ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ଶୀର୍ଷ ସିଡ୍ ଇଟାଲୀର ପୁରୁଷ ତାରକା ଜାନିକ ସିନର ଓ ବେଲାରୁଷର ଅରିନା ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ କାଜାଖସ୍ତାନର ମହିଳା ଖେଳାଳି ଏଲିନା ରିବାକିନା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ସିନର ୬-୧, ୬-୩, ୬-୧ ସିଧା ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ, ୨୨ତମ ସିଡ୍ ଇଟାଲୀର ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସିଧା ସେଟ୍‌ରେ ଚେକ୍ ଗଣରାଜ୍ୟର ୧୫ତମ ସିଡ୍ ଜାକୁବ୍ ମେନସିକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ଏକକରେ ୧୧ତମ ସିଡ୍ ରିବାକିନା ୬-୭, ୬-୩ ସିଧା ସେଟ୍‌ରେ ୨୩ତମ ସିଡ୍ ଡେନମାର୍କର କ୍ଲାରା ଟସନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସାବାଲେଙ୍କା ୭-୬, ୬-୪ ସିଧା ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ୭ମ ସିଡ୍ ୧୭ ବର୍ଷୀୟ ରୁଷିଆର ମୀରା ଆନ୍ଦ୍ରିଭା ୬-୧, ୬-୩ ସେଟ୍‌ରେ ଆମେରିକରା ହେଲି ବାପ୍ଟାଇଜ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ପୁରୁଷ ଯୁଗଳରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ତାଙ୍କ ମେକ୍ସିକୋ ପାର୍ଟନର ମିଗୁଏଲ ଭାରେଲା ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

# ଦଣ୍ଡସେନାଙ୍କୁ ଚତୁର୍ଥ ସ୍ୱର୍ଣ୍ଣ

ଭୁବନେଶ୍ୱର, ୫।୭ (ସମିସ)





ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ଚତୁର୍ଥ ସ୍ୱର୍ଣ୍ଣ ପଦକ ସହ ୫ମ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ କନଷ୍ଟେବଲ ଦଣ୍ଡସେନା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ସେ ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। କିନ୍ତୁ ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ ସେ ଏକମାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି।

ସେହିପରି ମହିଳା ବିଭାଗରେ କନଷ୍ଟେବଲ ସବିତା ଆଜି ଦ୍ୱିତୀୟ ସ୍ୱର୍ଣ୍ଣପଦକ ମହିଳା ୧୦୦ ମିଟର ବାଧାଦୌଡ଼ରେ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ୪୦୦ ମିଟର ବାଧାଦୌଡ଼ରେ ମଧ୍ୟ ତାଙ୍କୁ କାଂସ୍ୟ ପଦକ ମିଳିଛି। ମହିଳା ବିଭାଗରେ ସୁସ୍ମିତା ଟିଗ୍‌ଗା ମହିଳା ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ କାଂସ୍ୟ ଜିତିବାକୁ ସମର୍ଥ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ଓ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS